# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

VOLUME- 43 ◆ISSUE-112 ◆SATURDAY ◆18 OCTOBER 2025 ◆PAGE-16 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୧୨ ◆ଶନିବାର ◆୧୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦




‘ପଏଜନ୍ ବେବି’ ପାଇଁ ୨ କୋଟି

▶ପୃଷ୍ଠା 9 ଦେଖନ୍ତୁ...




ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

- ୧୯୨୨- ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍ (ବିବିସି) ର ସ୍ଥାପନା ହେଲା।
- ୧୯୪୪- ରୁଷ୍ ସେନା ଚେକୋସ୍ଲୋଭାକିଆ ଉପରେ ଆକ୍ରମଣ କଲା।
- ୨୦୦୪-କୁଖ୍ୟାତ ଚନ୍ଦନ ତସ୍କର ବୀରାପ୍ପାନକୁ ହତ୍ୟା କରାଗଲା।
- ୨୦୦୭- ଆଠବର୍ଷ ପରେ ବେନଜୀର ଭୁଟ୍ଟୋ ପାକିସ୍ତାନକୁ ଫେରିଲେ।



## ଧନ୍ୱନ୍ତରୀ ଜୟନ୍ତୀ

ଦୀପାବଳି ହେଉଛି ଏକ ପାଞ୍ଚ ଦିନିଆ ପର୍ବ, ଯାହା ଧନତେରସ୍ ଦିନରୁ ଆରମ୍ଭ ହୋଇଥାଏ। କାର୍ତ୍ତିକ ମାସର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ୍ ପର୍ବ ପାଳନ କରାଯାଏ। ଧନତେରସ୍‌କୁ ଧନ ତ୍ରୟୋଦଶୀ ମଧ କୁହାଯାଏ। ଏହିଦିନ ମାତା ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କୁ ପୂଜା କରିବା ସହ ଦେବବୈଦ୍ୟ ଶ୍ରୀଧନ୍ୱନ୍ତରୀଙ୍କର ପୂଜା କରିବା ବିଧି ମଧ ଚଳିଆସୁଛି। ଶାସ୍ତ୍ର ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ। ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ। ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା। ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା। ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ। ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ୍ ପାଳିତ ହେଲା। ତେଣୁ ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହି ଦିନ ଘରକୁ ପରିଷ୍କାର କରିବା ସହ କିଛି ନୂଆ ଜିନିଷ କିଣାଯାଏ। ଗୃହର ମୁଖ୍ୟ ଦ୍ୱାରକୁ ସୁସଜ୍ଜିତ କରି ମାତା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ। ଏଥିସହିତ ବିଶ୍ୱାସ ଅନୁଯାୟୀ, ଏହି ଦିନରେ ସୁନା ଅଳଙ୍କାର କିଣିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଥାନ୍ତି। ଏହି ଦିନ ଲୋକମାନେ ସୁନା ଗହଣା ସହିତ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଥିବା ରୁପା ଏବଂ ସୁନା କଏନ୍ କିଣିଥାନ୍ତି। ପିତ୍ତଳ ଭଗବାନ ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ବୋଲି ବିବେଚନା କରାଯାଏ। ଏହି କାରଣରୁ ଅଧିକାଂଶ ଲୋକେ ଧନତେରସ୍ ଦିନ ପିତ୍ତଳ ବାସନ କିଣି ଥାଆନ୍ତି। କେବଳ ପିତ୍ତଳ ନୁହେଁ ଏହି ଦିନ ବିଭିନ୍ନ ଧାତୁରେ ତିଆରି ବାସନ କିଣିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ୨ଲକ୍ଷର ସାବୁନ

ସାଧାରଣତଃ ଲୋକେ ଗାଧୋଇବା ସମୟରେ ଶରୀରକୁ ସଫା କରିବା ପାଇଁ ସାବୁନ ଲଗାଇଥାନ୍ତି। ବଜାରରେ ମଧ ବିଭିନ୍ନ ବ୍ରାଣ୍ଡର ସାବୁନ ମିଳିଥାଏ। ସାବୁନଗୁଡ଼ିକର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଅବଶ୍ୟ ନାମୀ ଦାମୀ ବ୍ରାଣ୍ଡର ସାବୁନଗୁଡ଼ିକ ଟିକେ ଅଧିକ ଦାମ୍‌ର ହୋଇଥାଏ। ହେଲେ ଏମିତି ଏକ ସାବୁନ ଅଛି ଯାହା ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ। ଉତ୍ତର ଲେବାନନ୍‌ର ତ୍ରିପୋଲୀ ସହରରେ ବିଶ୍ୱର ସବୁଠୁ ଦାମୀ ସାବୁନ ପ୍ରସ୍ତୁତ କରାଯାଏ। ଏହାର ଦାମ୍ ୨, ୦୭, ୮୦୦ ଟଙ୍କା। 'ଖାନ୍ ଅଲ ସବୌନ ସାବୁନ' ନାମରେ ପରିଚିତ ଏହି ସାବୁନକୁ 'ବସର ହସନ୍ ଆଣ୍ଡ ସନ୍‌ସ' କମ୍ପାନି ନିର୍ମାଣ କରୁଛି। ଏହି କମ୍ପାନି ବେଶ୍ ଦାମୀ ସାବୁନ୍ ଓ ଅନ୍ୟ ବ୍ୟୁଟି ପ୍ରଡକ୍ଟ ସବୁ ତିଆରି କରିଥାଏ। ଉକ୍ତ କମ୍ପାନି ତାର ଉତ୍ପାଦଗୁଡ଼ିକରେ ପ୍ରାକୃତିକ ତୈଳ ଓ ସୁଗନ୍ଧଗୁଡ଼ିକର ବ୍ୟବହାର କରିଥାଏ। ହାତରେ ପ୍ରସ୍ତୁତ କରାଯାଉଥିବା ଏହି ସାବୁନ୍ ସଂଯୁକ୍ତ ଆରବ ରାଷ୍ଟ୍ରର କ୍ୱଚିତ୍ ଦୋକାନରେ ମିଳିଥାଏ। ଏହା କିଛି ନିର୍ଦ୍ଦିଷ୍ଟ ନାମୀ ଦାମୀ ଗ୍ରାହକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ୨୦୧୩ ମସିହାରେ ଏହାକୁ କତାରର ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଉପହାରରେ ଦିଆଯିବା ପରେ ଏହା ସାରା ବିଶ୍ୱର ଆକର୍ଷଣ ସାଜିଥିଲା। ତେବେ ଏହି ସାବୁନ ଏତେ ଦାମ୍ ହେବାର କାରଣ ହେଉଛି, ଏଥିରେ ସୁନା ଓ ହୀରା ଗୁଣ୍ଡ ମିଶାଯାଏ। ୧୭ ଗ୍ରାମ୍‌ର ଏହି ସାବୁନରେ ସୁନା ଓ ହୀରାର ଗୁଣ୍ଡ, ମହୁ, ଅଲିଭ୍ ତେଲ ଓ ଅଗରୁ ବ୍ୟବହାର କରାଯାଏ। ଏହା ପ୍ରଥମେ ଯେତେବେଳେ ପ୍ରସ୍ତୁତ କରାଗଲା, ଚିଜ୍ ଭଳି ଦେଖାଯାଉଥିଲା। ପରେ ଏହାର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।



## ବିଶ୍ୱ ରଜୋନିବୃତ୍ତି ଦିବସ



ପ୍ରତିବର୍ଷ ଅକ୍ଟୋବର ମାସ ୧୮ ତାରିଖକୁ 'ବିଶ୍ୱ ରଜୋନିବୃତ୍ତି (ମେନୋପଜ୍) ଦିବସ' ଭାବେ ପାଳନ କରାଯାଏ। ୨୦୦୯ ମସିହାରୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ମେନୋପୋଜ୍ କମିଟି ପକ୍ଷରୁ ଅକ୍ଟୋବରକୁ ବିଶ୍ୱ ମେନୋପୋଜ୍ ସଚେତନତା ମାସ ଭାବରେ ଏବଂ ଅକ୍ଟୋବର ୧୮ କୁ ଏହି ଦିବସ ପାଳନ ପାଇଁ ମନୋନୀତ କରାଯାଇଥିଲା। ମେନୋପଜ୍ ମହିଳାଙ୍କଠାରେ ଦେଖାଦେଉଥିବା ଏକ ସ୍ୱାଭାବିକ ସ୍ଥିତି। ଯାହାଦ୍ୱାରା ପ୍ରାକୃତିକ ଭାବେ ମାସିକ ଋତୁସ୍ରାବ ବନ୍ଦ ହୋଇଥାଏ। ସାଧାରଣତଃ ୪୫-୫୫ ବର୍ଷ ବୟସରେ ମହିଳାମାନେ ମେନୋପଜ୍ ସମସ୍ୟାକୁ ସାମ୍ନା କରିଥାନ୍ତି। ଏହା ସହ ଗର୍ଭଧାରଣ କ୍ଷମତା ହରାଇଥାନ୍ତି। ବିଭିନ୍ନ ମହିଳାଙ୍କଠାରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ସମୟରେ ହରମୋନ୍‌ରେ ପରିବର୍ତ୍ତନ ଆସୁଥିବାରୁ, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ। ଅନ୍ୟପଟେ ଏହି ସମସ୍ୟାକୁ କେତେକ ମହିଳା ସାମ୍ନା କରି ନ ପାରି ଅନେକ ସମୟରେ ଅବସାଦର ଶିକାର ମଧ ହୁଅନ୍ତି। ଶାରୀରିକ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ କମ୍ ବୟସରେ ବି ମହିଳା ଏହାକୁ ସାମ୍ନା କରିଥାନ୍ତି। ମେନୋପଜ୍‌ର ଲକ୍ଷଣ ଅନୁସାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ଯେଉଁ ମହିଳାମାନେ ଏହି ସମୟରେ ଅବସାଦ ଦେଇ ଗତି କରୁଛନ୍ତି ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଉଚିତ।



## 'ପଏଜନ୍ ବେବି' ଗୀତ ପାଇଁ ମଲାଇକା ନେଇଛନ୍ତି ୨ କୋଟି

ଦୀପାବଳି ଅବସରରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ 'ଥାମା' ଆସିବ। ଏବେ ଏହି ଫିଲ୍ମର 'ପଏଜନ୍ ବେବି' ଗୀତ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏଥିରେ ଆୟୁଷ୍ମାନ୍, ରଶ୍ମିକାଙ୍କ ସହ ମଲାଇକା ନଜର ଆସିଛନ୍ତି। ଏବେ ଫିଲ୍ମଗୁଡ଼ିକରେ ଆଇଟମ୍ ନମ୍ବର ରଖିବା ଟ୍ରେଣ୍ଡ ଚାଲିଛି। 'ସ୍ତ୍ରୀ ୨'ରେ ତମନ୍ନା ଭାଟିଆଙ୍କ 'ଆଜ୍ କି ରାତ୍' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ପୁଣି ଥରେ ମ୍ୟାଡକକ୍ ଫିଲ୍ମ 'ପଏଜନ୍ ବେବି' ଗୀତ ମାଧ୍ୟମରେ ସେମିତି କିଛି ଆଶା ରଖିଛି। ଏହି ଗୀତରେ ମଲାଇକାଙ୍କ କାଚ ଗିଲାସ ସହ ଜବରଦସ୍ତ ନୃତ୍ୟ ଦେଖିବାକୁ ମିଳିଛି। ତେବେ ତିନି ମିନିଟ୍‌ର ଏହି ଗୀତ ପାଇଁ ମଲାଇକା ୨ କୋଟି ନେଇଥିବା କୁହାଯାଉଛି। ଯାହାକି ବେଶ୍ ଅଧିକ ବୋଲି କୁହାଯାଉଛି। ତମନ୍ନା 'ଆଜ୍ କି ରାତ୍' ଗୀତ ପାଇଁ କୋଟିଏ ଟଙ୍କା ନେଇଥିଲେ। ଏହାବାଦ୍ ଅନେକ ତାରକା ଫିଲ୍ମ ପାଇଁ କୋଟିଏ ଟଙ୍କା ନେଉଛନ୍ତି। ଏହି ଗୀତରେ ମଲାଇକା ଓ ରଶ୍ମିକାଙ୍କ ମଧ୍ୟରେ ନୃତ୍ୟ ଟକ୍କର ହେଉଥିବାର ଦେଖାଯାଇଛି। ଏହାର ନିର୍ଦ୍ଦେଶନା ଆଦିତ୍ୟ ସରପୋତଦାର ଦେଇଛନ୍ତି।

## ବାଣଫୁଟା ସାବଧାନ



ଅଧ୍ୟାପକ ମଳୟ କୁମାର ମଲ୍ଲିକ

କାଳିପୂଜା ଛୁଟି ପାଇ ସନାତନ
ହଷ୍ଟେଲୁ ଆସିଛି ସିଏ,
ପୟାଶ୍ରାଦ୍ଧ ପୁଣି ବାଣଫୁଟା ଖୁସି
ଜେଜେ ପାଖେ କହୁଥାଏ ।।
ଏଇବର୍ଷ ଜେଜେ ମହାଧୁମ୍ ଧାମେ
କାଳିପୂଜା କଟାଇବା,
ରକେଟ୍, ହାବେଳି ନଡ଼ିଆ, ସିଙ୍ଗଡ଼ା
ନାନା ବାଣ ଫୁଟାଇବା ।।
ସନା କଥା ଶୁଣି ଉଠିପଡ଼ି ଜେଜେ
ବୁଝାଇ ତାକୁ କହିଲେ,
ଦୀପାବଳି ବୋଲି ମନ ଇଚ୍ଛାବାଣ
ଫୁଟାଇବ ନାହିଁ ପିଲେ ।।
ବାରୁଦରେ ଭିଡ଼ା ବାଣ ତ ହୋଇଛି
ଦଅଡ଼ ପଦାକୁ ଥାଏ,
ଦଅଡ଼ରେ ନିଆଁ ଲଗାଇବା ମାତ୍ରେ
ବାଣ ଯେ' ଫୁଟିଣ ଥାଏ ।।
ନିଆଁ ଲଗାଇବା ବିସ୍ଫୋରଣ ହେବା
ସମୟର ବ୍ୟବଧାନେ,
ଫେରି ନ ଆସିଲେ ଭିନ୍ନକ୍ଷମ ହେବ
ଫୁଟାଇବ ସାବଧାନେ ।।
ଚାଳ ଘରେ ଯଦି ବାଣଫୁଟି ପଡ଼େ
ଜଳିଯିବ ଘରଦ୍ୱାର,
ସତର୍କ ନ ହୋଇ ବାଣ ଫୁଟାଇଲେ
ହୋଇଯିବ ଛାରଖାର ।।
ଦୀପାବଳି ବୋଲି ଲଗାଇବ ଦୀପ
ଜଳାଇବ ଫୁଲଝରି,
ତେଲୁଗୁଣି ବାଣ ତଳେ ଲଗାଇବ
ଆଖିଠାରୁ ଦୂରକରି ।। ■

ବ୍ୟାସନଗର, ଯାଜପୁର
ମୋ- ୯୪୩୯୪୪୧୩୫୫



## ପ୍ରହେଳିକା

- ଆଲୋକର ପର୍ବ ଅଟଇ ସିଏ
କାଳୀଙ୍କର ପୂଜା ଯେଦିନ ହୁଏ
ଅମାବାସ୍ୟା ରାତି ଅଟଇ ସିନା
ଆଲୋକିତ ହୁଏ ଜହ୍ନର ବିନା
ଘରେ ଘରେ ସବୁ ଦୀପ ଜାଳନ୍ତି
ବଡ଼ବଡୁଆଙ୍କୁ ମନେ ଭାଳନ୍ତି
ଭାରି ମନଲୋଭା ପରବଟିଏ
ନାମଟି ତାହାର କହିବ କିଏ ?

ଉ-ଦୀପାବଳି

- ଏମିତି ଅଟଇ ଦରବଟିଏ
ଦୀପାବଳି ଦିନ ତା' ଲୋଡ଼ାହୁଏ
ବଡ଼ବଡୁଆ ହୋ ଡାକିଲା ବେଳେ
ଜାଳୁଥାନ୍ତି ତାକୁ ଦାଣ୍ଡ ଦୁଆରେ
ରସି, ଜାଳ, ତେଲ ସବୁ ସେ ଦିଏ
ନାମଟି ତାହାର କହିବ କିଏ ?

ଉ-ନଳିତା


- ଏମିତି ପବିତ୍ର ଅଟଇ ସିଏ
ଦେବାଦେବୀ ପାଖେ ସେ ଜଳୁଥାଏ
ଭକତି ଭାବରେ ଯିଏ ଜାଳଇ
ଈଶ୍ୱରଙ୍କ କୃପା ତାକୁ ମିଳଇ
ଗୋଟାଏ ସଳିତା ଟିକିଏ ଘିଅ
ଜାଣିଥିଲେ ତାର ନାମଟି କୁହ ?

ଉ-ଦୀପ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ,ଯାଜପୁର
ମୋ-୮୩୧୦୩୨୮୩୪୫

## ଆଲୋକର ପର୍ବ ଦୀପାବଳି ଆମ



ସୁଜିତ କୁମାର ମିଶ୍ର

ଆଲୋକର ପର୍ବ ଦୀପାବଳି ଆମ
ପାଳିବା ସଭିଏଁ ମିଶି,
ଦୀପଟେ ଜାଳିବା ପ୍ରତି ଅଗଣାରେ
ପ୍ରେମ ଜ୍ୟୋତି ପରକାଶି ।
ରଙ୍ଗ ବେରଙ୍ଗର ମୁରୁଜରେ ଆମେ
ସଜେଇବା ଘର ଦ୍ୱାର,
ପରସ୍ପର ସ୍ନେହ ଶରଧାରେ ପରା
ବିରାଜିବ ସ୍ୱର୍ଗପୁର ।
ଉଚ୍ଚ ଶବ୍ଦ ଯୁକ୍ତ ବାଣ ଫୋଟକାକୁ
ଆମେ ଫୁଟେଇବା ନାହିଁ,
ଲାଗିଯାଇ ନିଆଁ କୋମଳ ଦେହରେ
ପ୍ରାଣ ନେବ ପୀଡ଼ା ଦେଇ ।
ନିମନ୍ତ୍ରଣ କରି ବନ୍ଧୁ ବାନ୍ଧବଙ୍କୁ
ହୋଇବା ଏକାଠି ପରା,
ମିଠା କ୍ଷୀରି ପୁରୀ ଖୁଆଇ ସଭିଙ୍କୁ
ଦେଖାଇବା ଭାଇଚାରା ।
ଦୁଃଖୀଙ୍କୁ ଭେଟିବା ଲୁହପୋଛି ଦେବା
ଶ୍ରଦ୍ଧାରେ ଜିଣିବା ମନ,
ହୃଦ ତଳେ ତାଙ୍କ ଦୀପଟେ ଜାଳିବା
ପୁଣ୍ୟ ଦୀପାବଳି ଦିନ ।
ଦୀପାବଳି ଆମ ମାଟିର ସଂସ୍କୃତି
ସୁଖ ସମୃଦ୍ଧିର ଭାବ,
ସଭିଙ୍କ ସହିତ ସଭିଏଁ ପାଳିବା
ଭୁଲି ଯେତେ ଭେଦଭାବ । ■

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସୁମନ



## କୃପଣଙ୍କ କୃଷ୍ଣଦର୍ଶନ





ଡ. କାଳିକିଙ୍କର

ଗୋଟିଏ ରାଜ୍ୟରେ ଜଣେ କୃପଣ ବ୍ୟକ୍ତି ରହୁଥିଲେ। ସେ ବହୁତ ଧନବାନ ଥିଲେ ଓ ସୁସ୍ୱାଦୁ ଭୋଜନ ଖାଇବାକୁ ପସନ୍ଦ କରୁଥିଲେ। ସେ କିନ୍ତୁ କୃଷ୍ଣ ଭକ୍ତ ଥିଲେ। ଏକଦା ସେ ତାଙ୍କ ପତ୍ନୀଙ୍କୁ କହିଲେ, ତୁମେ କାହାକୁ କିଛି ଦାନ ଦେବା ଦରକାର ନାହିଁ। କେବଳ ଭଲ ଭଲ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କର ଆମେ ଖାଇବୁ। ପତ୍ନୀ କହିଲେ, କିଛି ଦାନ ଧର୍ମ କଲେ ପୁଣ୍ୟ ମିଳିବ। ଭଗବାନ ଶ୍ରୀକୃଷ୍ଣ ଖୁସି ହେବେ। କୃପଣ ବ୍ୟକ୍ତି ହସିଲେ ଓ କହିଲେ - ଆରେ ମୁଁ କ'ଣ ବୋକା ! ସେଥିପାଇଁ ତ ସବୁଦିନ ଭଲ ଭଲ ସୁସ୍ୱାଦୁ ଖାଦ୍ୟ ମୁଁ କୃଷ୍ଣଙ୍କୁ ଖୁଆଏ ଓ ତାପରେ ଆମେ ଖାଉଛେ। ଏହାଠାରୁ ପୁଣ୍ୟ ଆଉ କ'ଣ ଅଛି! ଏହାପରେ ଦୀର୍ଘଶ୍ୱାସ ଛାଡ଼ି ପତ୍ନୀ କହିଲେ ହେଉ, ପ୍ରଭୁ କୃଷ୍ଣ ଯଦି ଦର୍ଶନ ଦିଅନ୍ତେ ତେବେ ଆମେ ଜାଣିବା କିଛି ପୁଣ୍ୟ ଅର୍ଜନ କରୁଛୁ। କୃପଣ ବ୍ୟକ୍ତି କହିଲେ- ସେଇଟା ମଧ ଆମର ପୂରଣ ହେବ। ଆମକୁ କୃଷ୍ଣଙ୍କ ଦର୍ଶନ ମିଳିବ। ଏମିତି ବହୁତ ବର୍ଷ ବିତିଗଲା। କୃପଣ ବ୍ୟକ୍ତି ନା ଭିକାରୀକୁ ଭିକ ଦିଅନ୍ତି ନା ବୁଭୁକ୍ଷୁଙ୍କୁ ଭୋଜନ ଦିଅନ୍ତି। ସେ ଭାବନ୍ତି ଯେ, କୃଷ୍ଣଙ୍କୁ ପ୍ରସାଦ ଲଗେଇ ଆମେ ଖାଉଛୁ ତାହାହିଁ ଯଥେଷ୍ଟ। ତେବେ ପତ୍ନୀ ଆଉ ଅପେକ୍ଷା କଲେ ନାହିଁ କି ସ୍ୱାମୀଙ୍କ କଥା ମାନିଲେ ନାହିଁ। ସେ ସବୁଦିନ ଅଧିକ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ ଓ ବାହାରେ ବୁଲୁଥିବା କୁକୁର, ବିଲେଇ, ଗାଈ ଗୋରୁ, ଛେଳି, ମେଣ୍ଢା, ଚଢେଇ ଆଦିଙ୍କୁ ଦେଲେ। ଧୀରେ ଧୀରେ ସେ ବାଟ ଦେଇ ଯାଉଥିବା ଭିକାରୀ ଓ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଲେ। ପିଲାମାନଙ୍କୁ ଓ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବାରେ ସେ ଆନନ୍ଦ ପାଇଲେ। ଦିନେ ମନଦୁଃଖ କରି କୃପଣ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ- ଲାଗୁଛି, ଏ ଜନ୍ମରେ କୃଷ୍ଣ ଦର୍ଶନ ହୋଇପାରିବ ନାହିଁ। ତୁମକୁ ଦେଇଥିବା କଥା ମୁଁ ରଖିପାରିଲି ନାହିଁ। ପ୍ରଭୁ କୃଷ୍ଣଙ୍କୁ ମୁଁ ଏତେ ଶ୍ରଦ୍ଧାରେ ସବୁଦିନ ସୁସ୍ୱାଦୁ ଭୋଜନର ପ୍ରସାଦ ଲଗାଏ କିନ୍ତୁ ସେ ମୋ ପ୍ରତି ସାମାନ୍ୟ ଦୟା ଦେଖାଇଲେ ନାହିଁ। ପତ୍ନୀ ହସିଲେ ଓ କହିଲେ -ମୁଁ କିନ୍ତୁ କୃଷ୍ଣ ଦର୍ଶନ ପ୍ରାୟ ସବୁଦିନ ଏବେ କରୁଛି। ତେଣୁ ତୁମେ ବ୍ୟସ୍ତ ହୁଅନାହିଁ। ବରଂ ତୁମେ ଚାହିଁଲେ ମଧ କୃଷ୍ଣ ଦର୍ଶନ କରିପାରିବ। କୃପଣ ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି କ'ଣ କରୁଛ ଯେ, ତୁମକୁ କୃଷ୍ଣ ଦର୍ଶନ ମିଳୁଛି ଆଉ ମୋତେ ମିଳୁନାହିଁ। କୃପଣଙ୍କର ପତ୍ନୀ କହିଲେ- କାଲି ତୁମେ ବାହାରେ ଯାଇ କୃଷ୍ଣ ଦର୍ଶନ କରିପାରିବ। ତେବେ ମନେରଖ ଯେ, ତୁମେ ସେଥିରେ ପ୍ରସନ୍ନ ବା ଖୁସି ରହିବ। ପ୍ରସନ୍ନ ବା ଖୁସିହେଲେ କୃଷ୍ଣ ଦର୍ଶନ ପାଇବ ନହେଲେ ନାହିଁ। ପରଦିନ କୃପଣ ଲୋକର ପତ୍ନୀ ସୁସ୍ୱାଦୁ ଭୋଜନ ରାନ୍ଧି ପ୍ରଭୁଙ୍କୁ ଲଗାଇଲେ ଓ ବାହାରକୁ ଗଲେ। ବାହାରେ ଅନେକ ପଶୁ, ପକ୍ଷୀ, ଗରିବ ଅସହାୟ ଲୋକେ ଆନନ୍ଦରେ ସେ ରାନ୍ଧିଥିବା ଖାଦ୍ୟଗୁଡ଼ିକୁ ଖାଉଥାନ୍ତି। ପଶୁ, ପକ୍ଷୀ, ମଣିଷ ସମସ୍ତେ ଆନନ୍ଦରେ ଖାଉଥାନ୍ତି। ସେହି ଲୋକମାନେ ଆନନ୍ଦରେ ଜୟ କୃଷ୍ଣ, ଜୟକୃଷ୍ଣ କହୁଥାନ୍ତି। କୃପଣର ଭଣ୍ଡାର ଘରୁ ଦ୍ରବ୍ୟମାନ ବୁହାଯାଉଥାଏ ଓ ରନ୍ଧାଯାଇ ଲୋକଙ୍କୁ ଓ ପଶୁପକ୍ଷୀଙ୍କୁ ଦିଆ ଯାଉଥାଏ। କୃପଣ ସେମାନଙ୍କୁ ଦେଖି ଆନନ୍ଦ ଲାଭ କଲେ ଓ ଲାଗିଲା ଯେମିତି ସେ କୃଷ୍ଣ ଦର୍ଶନ କରୁଛନ୍ତି ସମସ୍ତଙ୍କ ଭିତରେ। ସେ ପତ୍ନୀଙ୍କୁ କହିଲେ ବୁଝିଲ, ମୋ ଭଳି କୃପଣଙ୍କର କୃଷ୍ଣ ଦର୍ଶନ ତୁମେ କରେଇ ପାରିଲ। ପତ୍ନୀ କହିଲେ- ଯେଉଁଠି ଦୟା ଓ ଭଲପାଇବା ସେଇଠି କୃଷ୍ଣ। ମୁଁ ଏକଥା ବୁଝିଲା ଦିନରୁ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିଚାଲିଛି। ପ୍ରଭୁ କୃପାରୁ କୃପଣଙ୍କର ମଧ କୃଷ୍ଣ ଦର୍ଶନ ହେଲା ଓ ବ୍ୟକ୍ତି ଜଣକ ସେଇଦିନୁ ଦୟାବାନ ହେଲେ ଓ ଦାନଧର୍ମ କଲେ। ■

ସୌଭାଗିନୀ ନିବାସ, ରଟିଲୋ, ପୁରୀ
ମୋ-୮୨୪୯୨୧୬୦୬୭






ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଆର୍ଯ୍ୟା ଯାଦବ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା






ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଭୁବନେଶ୍ୱର





ସୁଭାଷିନୀ ହାଁସଦା
ସପ୍ତମ ଶ୍ରେଣୀ
ସରକାରୀ ଏସ୍‌ଏସ୍‌ଡି
ଉଚ୍ଚ ବାଳିକା ବିଦ୍ୟାଳୟ
ବହୁବନ୍ଧ, ମୟୂରଭଞ୍ଜ





ଆୟାଂଶୀ ଆରାଲିନ୍
ତୃତୀୟ ଶ୍ରେଣୀ
ମାଉଣ୍ଟ ଲିଟେରା ଜି ସ୍କୁଲ
ବେଙ୍ଗାଲୁରୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-112 ♦SATURDAY ♦18 OCTOBER 2025 ♦PAGE-16 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୧୨ ♦ଶନିବାର ♦୧୮ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦




**ପଦକ ନିଶ୍ଚିତ କଲେ ତନ୍ଵୀ**

▶ପୃଷ୍ଠା ୧୬ ଦେଖନ୍ତୁ...

ଭିତର ପୃଷ୍ଠାରେ **ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ**

# ଏସ୍‌ସିବି ଏମ୍‌ସ ପ୍ଲସ୍‌କୁ ଧକ୍କା



## କଟକ ବଡ଼ ଡାକ୍ତରଖାନାରେ ୮୯ ମେସିନ୍ ଅଚଳ

■ **କଟକ, ୧୭।୧୦ (ସମିସ):** ୨୦୧୯ ନଭେମ୍ବର ମାସରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ ୧ ହଜାର କୋଟି ଟଙ୍କା। ମାତ୍ର ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯାଇଥିଲା। ୨୦୨୧ ଜାନୁଆରୀ ୧ ତାରିଖରେ ଏସ୍‌ସିବି କାର୍ଯ୍ୟ ସମୀକ୍ଷା ସମୟରେ ଏବାବଦ ବ୍ୟୟ ଅଟକଳକୁ ନବୀନ ପଟ୍ଟନାୟକ ୩୫୦୦ କୋଟିକୁ ବୃଦ୍ଧି କରିଥିଲେ। ୧୭୫ ଏକର ଜମିରେ ୩୫୦୦ କୋଟି ଟଙ୍କା ବ୍ୟୟରେ କଟକ ବଡ଼ ଡ଼ାକ୍ତରଖାନାକୁ ୨୦୨୪ ଶେଷ ସୁଦ୍ଧା ଏମ୍‌ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଆଧୁନିକୀକରଣ ସହ ୨୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ସୁବିଧା ଥିବା ହଷ୍ଟେଲ, ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୨୮୦ କ୍ୱାର୍ଟର ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏସ୍‌ସିବିର ଏମ୍‌ସ ପ୍ଲସ୍ ରୂପାନ୍ତରଣ ଯେମିତି ଅଧାରେ ଅଟକି ଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଓ ରୋଗୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ଏବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବିରେ ମେସିନ୍ ଉପଲବ୍ଧ ନାହିଁ। ଏପରିକି ବିଭିନ୍ନ ବିଭାଗରେ ୮୯ଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ▶ପୃଷ୍ଠା-୯

**ପୁଲିସ ଚାକିରି ବେପାର**

## ଦିଲ୍ଲୀରୁ ସିଣ୍ଡିକେଟ୍ ଚଳାଉଥିଲା ଶଙ୍କର


- ଗିରଫ ହେଲେଣି ୧୨୩ ଅଭିଯୁକ୍ତ
- ମୁନାକୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜବତ ୧୧୦ରୁ ଅଧିକ ମୋବାଇଲର ଫୋରେନସିକ୍ ଯାଞ୍ଚ ହେବ
- ବିଜୟନଗରମ ସହିତ ଦୀଘାକୁ ମଧ୍ୟ ଯାଇଥା'ନ୍ତେ ୧୧୦ରୁ ଅଧିକ ଛାତ୍ରଛାତ୍ରୀ
- ପ୍ରମାଣ ନଷ୍ଟ ପାଇଁ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ଫେରସ୍ତ କରିଥିବା ମହିଳା ଗିରଫ

■ **କଟକ, ୧୭ ।୧୦ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୁଲିସ୍ ସର୍ଭିସ ପରୀକ୍ଷା(ସିପିଏସଇ) ୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ ବି ଫେରାର୍ ରହିଛି। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୩ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହା କହିବା ସହ ଖୁବଶୀଘ୍ର ଶଙ୍କରକୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଘଟଣାରେ ଗତକାଲି କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥରର ବାସିନ୍ଦା ମୁନା ମହାନ୍ତି (୩୨) ଓରଫ୍ ସଦାନନ୍ଦଙ୍କ ସମେତ ତାଙ୍କର ସହଯୋଗୀ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ମୁନାର ୨ଟି ଟିପର୍, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ନଗଦ ୧ ଲକ୍ଷ ୨୦ ▶ପୃଷ୍ଠା-୯

## ରିପୋର୍ଟ ମାଗିଲେ ଏସ୍‌ଆଇଟି

■ **ଭୁବନେଶ୍ୱର, ୧୭।୧୦ (ସମିସ):** କଳାଧନ ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ରାଜ୍ୟରେ ହୋଇଥିବା ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ସଂପର୍କରେ ଖୋଳତାଡ଼ କରିବେ। ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ନଭେମ୍ବର ୭ ତାରିଖରେ କଟକରେ ଏ ସଂପର୍କିତ ଏକ ବୈଠକ ହେବ। ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ଅଭିଯୋଗ ଉପରେ ରାଜ୍ୟ ସରକାର ଏଯାଏଁ କ'ଣ ପଦକ୍ଷେପ ନେଇଛନ୍ତି ଏବଂ ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେ ସଂପର୍କରେ ଏସ୍‌ଆଇଟି ରିପୋର୍ଟ ମାଗିଛନ୍ତି। ଏଥିସହିତ ରାଜ୍ୟରେ ଗୁଣିଗାରେଡ଼ି ହତ୍ୟା ସଂପର୍କରେ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ମଧ୍ୟ ଏସ୍‌ଆଇଟି କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ବୈଠକରେ କଳାଧନ, ପୁଲିସ ଚାକିରି କେଳେଙ୍କାରୀ ଏବଂ ଗୁଣିଗାରେଡ଼ି ହତ୍ୟା ▶ପୃଷ୍ଠା-୯

**ନଭେମ୍ବର ୭ ରେ କଟକରେ ବୈଠକ**







କଳିଙ୍ଗନଗର ଶିଳ୍ପାଞ୍ଚଳରେ ବଢୁଛି ଅପରାଧ

# ଡିଜିପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପ୍ରୀତିରଞ୍ଜନ

**ଭୁବନେଶ୍ୱର/ଦାନଗଦି, ୧୭।୧୦(ସମିସ):** ରାଜ୍ୟର ଏକ ପ୍ରମୁଖ ଶିଳ୍ପାଞ୍ଚଳ କଳିଙ୍ଗନଗରରେ ଅପରାଧ ବଢ଼ିବାରେ ଲାଗିଛି। ପ୍ରତିଦିନ ଏଠାରେ ଅପରାଧିକ କାର୍ଯ୍ୟକଳାପ ଘଟୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏହାର ପ୍ରତିକାର କରିବାକୁ ଦୃଢ଼ ପଦକ୍ଷେପ ନେବାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ। ଏନେଇ ଶ୍ରୀ ଘଡ଼ାଇ ପୁଲିସ ଡିଜିଙ୍କୁ ଏକ ପତ୍ର ଲେଖି କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ବଢୁଥିବା ଅପରାଧ ସମ୍ପର୍କରେ ଅବଗତ କରାଇବା ସହ ଚିନ୍ତା ପ୍ରକଟ କରିଛନ୍ତି।

ଚିଠିରେ ସେ ଦର୍ଶାଇଛନ୍ତି ଯେ କଳିଙ୍ଗନଗର ପ୍ରତିଷ୍ଠିତ ହୋଇଥିବା ଶିଳ୍ପ ସଂସ୍ଥାମାନେ ସ୍ଥାନୀୟ ଯୁବକ, ଯୁବତୀମାନଙ୍କ ନିଯୁକ୍ତିକୁ ଅଣଦେଖା କରି ହଜାର ହଜାର ସଂଖ୍ୟାରେ ବାହାର ରାଜ୍ୟର ଲୋକଙ୍କୁ ଆଣି ନିଯୁକ୍ତି ଏବଂ ଠିକାଦାରୀ କାର୍ଯ୍ୟ ଦେଉଛନ୍ତି। ଏହାଦ୍ୱାରା ସେମାନେ ନାନାଦି ବିଶୃଙ୍ଖଳା ସୃଷ୍ଟି କରିବା ସହ ବିଭିନ୍ନ ପ୍ରକାର ଅପରାଧମୂଳକ କାର୍ଯ୍ୟରେ ସଂପୃକ୍ତ ରହି କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା ନିର୍ବାଚନମଣ୍ଡଳୀ ସମେତ ଯାଜପୁର ଜିଲ୍ଲାବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି। ଶିଳ୍ପ ସଂସ୍ଥାମାନେ ନା ସେମାନଙ୍କର ଅପରାଧିକ କାର୍ଯ୍ୟର ଯାଞ୍ଚ କରୁଛନ୍ତି ନା ସେମାନଙ୍କ ନିଜସ୍ୱ ଥାନାରୁ ରିପୋର୍ଟ ଆଣୁଛନ୍ତି। ଏ ପରିପ୍ରେକ୍ଷୀରେ କଳିଙ୍ଗନଗର, ବ୍ୟାସନଗର ଏବଂ ଯାଜପୁର ଜିଲ୍ଲାବାସୀ ବହିରାଗତ ବ୍ୟକ୍ତିମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚୋରି, ଡକାୟତି, ସଂପତ୍ତି ନଷ୍ଟ, ଜୀବନ ହାନୀ ଇତ୍ୟାଦିର ଶିକାର ହେଉଛନ୍ତି। ସେମାନଙ୍କ ଜରିଆରେ ନିଶାଦ୍ରବ୍ୟ କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇବା ଫଳରେ ସ୍ଥାନୀୟ ଯୁବକମାନେ ନିଶା ଦ୍ରବ୍ୟ ସେବନ କରି ବିପଥଗାମୀ ହେଉଛନ୍ତି। ୨୦୨୫ ମସିହା ମଧ୍ୟରେ ପାଣିକୋଇଲି ଅଳଙ୍କାର ଦୋକାନ ଡକାୟତି ଓ ହତ୍ୟା, ଡିଜେଲ ଚୋରି, ଟାୟାର ଦୋକାନରୁ ଚୋରି ଏବଂ ଦୁଇଦିନ ତଳେ ବ୍ୟାସନଗରରେ ଗୁଳିକାଣ୍ଡ ଘଟଣା ଇତ୍ୟାଦି ସମସ୍ତଙ୍କୁ ଭୟଭୀତ କରିବା ସହ ସର୍ବସାଧାରଣ ସୁରକ୍ଷା ପ୍ରତି ଘୋର୍ ବିପଦ ଦେଖାଦେଇଛି। ଯେହେତୁ ସୁକିନ୍ଦା ନିର୍ବାଚନମଣ୍ଡଳୀ ଏକ ଖଣି ଏବଂ ଶିଳ୍ପ ବହୁଳ ଅଞ୍ଚଳ, ତେଣୁ ବାହାର ରାଜ୍ୟରୁ ଆସୁଥିବା ଅପାରାଧୀଙ୍କ ପାଇଁ ଏହା ଏକ ଚରାଭୂଇଁ ପାଲଟିଛି। କଳିଙ୍ଗନଗର ତଥା ଯାଜପୁର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧମୂଳକ କାର୍ଯ୍ୟ ଭବିଷ୍ୟତରେ ଅଧିକ ଖରାପ ହେବା ପୂର୍ବରୁ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଙ୍ଗେସଙ୍ଗେ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଏବଂ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶିଳ୍ପ ସଂସ୍ଥାମାନେ ବହିରାଗତ କର୍ମଚାରୀମାନଙ୍କ ବଦଳରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବାପାଇଁ ନିର୍ଦ୍ଦେଶ ଦେବାକୁ ଚିଠିରେ ଅନୁରୋଧ କରିଛନ୍ତି।



ସୂର୍ଯ୍ୟାସ୍ତ ସମୟର ଆକାଶ ମାର୍ଗରୁ ପୁରୀ ସହରର ମନୋରମ ଦୃଶ୍ୟ (ଫଟୋ- ଅନୀଲ)

ଭୁଶୁଡ଼ିଲା ମାଓ ସଂଗଠନ

# ଏକାଥରକେ ଆତ୍ମସମର୍ପଣ କଲେ ୧୫୦ ମାଓବାଦୀ

**ମାଲକାନଗିରି, ୧୭।୧୦(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଜଗଦଲପୁରରେ ଦିନକରେ ୧୫୦ରୁ ଅଧିକ ମାଓବାଦୀ ଅସ୍ତ୍ର ଛାଡ଼ି ବିଜାପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ଜଗଦଲପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ଉପସ୍ଥିତିରେ ଶାନ୍ତିପଥକୁ ଆପଣାଇଛନ୍ତି। ଏହା ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି। ଅପରପକ୍ଷେ, କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶଙ୍କ ନେତୃତ୍ୱରେ ଇନ୍ଦ୍ରାବତୀ ଏବଂ ମାଡ୍ ଡିଭିଜନର ୧୫୦ରୁ ଅଧିକ ନକ୍ସଲଙ୍କ ଆତ୍ମସମର୍ପଣ ପରେ ମାଓ ସଙ୍ଗଠନ ଏକପ୍ରକାର ଭୁଶୁଡ଼ି ପଡ଼ିଛି।

ଆତ୍ମସମର୍ପଣ କରିଥିବା ମାଓନେତା ରୂପେଶଙ୍କ ନାମରେ ସରକାର ୫୦ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ମାଡ୍ ମାଓ ଡିଭିଜନ୍‌ର ମୁଖ୍ୟ ରୂପେଶଙ୍କ ସହ ଶତାଧିକ ନକ୍ସଲ ପ୍ରଥମେ ଇନ୍ଦ୍ରାବତୀ ନଦୀକୂଳରେ ଏକାଠି ହୋଇଥିବା ବେଳେ ସମସ୍ତଙ୍କୁ ବସ୍ ଯୋଗେ ଜଗଦଲପୁର ନିଆଯାଇଥିଲା। ଏହି ମାଓବାଦୀଙ୍କ ଆତ୍ମସମର୍ପଣ ଖବର ପାଇବା ପରେ ସେମାନଙ୍କ ସୁରକ୍ଷା ପାଇଁ ଯବାନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି।

ବାହାର ରାଜ୍ୟରେ ବଢୁଛି ଓଡ଼ିଆ ମହିଳାଙ୍କ ପ୍ରତି ବିପଦ

# ୩ ବର୍ଷରେ ୨୩ ଦୁଷ୍କର୍ମ

**ଭୁବନେଶ୍ୱର,୧୭।୧୦(ସମିସ):** ଓଡିଶାରୁ ଅନେକ ଯୁବତୀ, ମହିଳା ରାଜ୍ୟ ବାହାରକୁ ଶିକ୍ଷା ଏବଂ ଚାକିରି ଅନ୍ୱେଷଣରେ ଯାଉଛନ୍ତି। ହେଲେ ସେଠାରେ ସେମାନେ ଗଣଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଅନ୍ୟ ରାଜ୍ୟ ପୁଲିସ ଯେଉଁଭଳି ଭାବେ ତତ୍ପର ଦେଖାଇବା ତାହା ଦେଖାଉନାହାନ୍ତି। ଯାହାର ଉଦାହରଣ ପଶ୍ଚିମବଙ୍ଗରେ ବାଲେଶ୍ୱର ଡାକ୍ତରୀ ଛାତ୍ରୀ ଗଣ ଦୁଷ୍କର୍ମ ମାମଲାରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ପୁଲିସ ଏବଂ ସେଠାର ମହିଳା କମିଶନ ସହଯୋଗ କରୁନାହାନ୍ତି। କିନ୍ତୁ ଓଡିଶା ସରକାର ସେଠାର ପୁଲିସ ଏବଂ ପ୍ରଶାସନ ସହ କଥା ହେବା ପରେ ତତ୍ପରତା ଦେଖାଉଛନ୍ତି। ଏହି ଗୋଟିଏ ଘଟଣା ନୁହେଁ ଗତ ୩ ବର୍ଷରେ ୨୩ ଜଣ ମହିଳା ରାଜ୍ୟ ବାହାରେ ଦୁଷ୍କର୍ମ ଓ ୯ ଜଣ ହତ୍ୟାର ଶିକାର ହୋଇଛନ୍ତି।

ନିକଟରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଦୁର୍ଗାପୁରରେ ଓଡ଼ିଶାର ଜଣେ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଛନ୍ତି। କଲେଜ କ୍ୟାମ୍ପସ ବାହାରକୁ ଜଣେ ପୁରୁଷ ବନ୍ଧୁଙ୍କ ସହ ଯାଇଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରିବା ସହ ନିଛାଟିଆ ଜାଗାକୁ ଟାଣି ନେଇଥିଲେ। ଜଙ୍ଗଲିଆ ଜାଗାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଏଯାଏ ୫ ଜଣ ଗିରଫ ହୋଇଛନ୍ତି ଓ ପଶ୍ଚିମବଙ୍ଗରେ ଏହାକୁ ନେଇ ରାଜନୀତି ତୀବ୍ର ହୋଇଛି।

ସେହିପରି ହାଇଦ୍ରାବାଦରେ ଜଣେ ଓଡ଼ିଆ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ହାଇଦ୍ରାବାଦ ପେଟବଶିରାବାଦ ଅଞ୍ଚଳରେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଏହି ଘଟଣା ଘଟିଛି। ଭରତପୁର ଅଞ୍ଚଳରେ ରହୁଥିବା ଏହି ମହିଳା ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଗୌତମ ଚରଣ ଘଡାଇଙ୍କୁ ବିବାହ କରିଥିଲେ। ତାଙ୍କର ୪ ବର୍ଷର ପୁଅଟିଏ ରହିଛି। ସ୍ୱାମୀ ଏକ କମ୍ପାନୀରେ ଇଲେକ୍ଟ୍ରୋନିକ ରକ୍ଷଣାବେକ୍ଷଣା ବିଭାଗରେ କାମ କରୁଥିବାବେଳେ କମ୍ୟୁନିଟି ସେଣ୍ଟରରେ ପିଲାଙ୍କୁ ପାଠ ପଢାନ୍ତି ଅନିନ୍ଦିତା। କମ୍ପାନୀ ପରିସରରେ ଥିବା କ୍ୱାର୍ଟରରେ ସେ ରହୁଥିଲେ। ପାସପୋର୍ଟରେ ନାମ ସଂଶୋଧନ ପାଇଁ ତାଙ୍କ ସ୍ୱାମୀ ଭୁବନେଶ୍ୱର ଆସିଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିଲା।

ଗତ ଫେବ୍ରୁଆରୀରେ ତ୍ରିପୁରାରେ ଜଣେ ଓଡ଼ିଆ ମହିଳାଙ୍କୁ ଛୁରୀ ଦେଖାଇ ଗଣ ଦୁଷ୍କର୍ମ କରାଯାଇଥିଲା। ମହିଳା ଏବଂ ତାଙ୍କ ସ୍ୱାମୀ କାମ ଖୋଜିବାକୁ ତ୍ରିପୁରା ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଏକ ଘରକୁ ନେଇ ଗଣ ଦୁଷ୍କର୍ମ କରିଥିଲେ। ୨୦୨୪ ସେପ୍ଟେମ୍ବର ମାସରେ କର୍ଣ୍ଣାଟକରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଗଣ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା। ଯୁବତୀ ଜଣଙ୍କ କାମ କରିବା ପାଇଁ କର୍ଣ୍ଣାଟକ ଯାଇଥିଲେ। ସେଠାରେ ସେ ପହଞ୍ଚିବା ପରେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟମାନେ ଏକ କାରରେ ଆସି ତାଙ୍କୁ ନେଇଥିଲେ। ଯୁବତୀଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ଗଣ ଦୁଷ୍କର୍ମ ପରେ ହତ୍ୟା କରିଥିଲେ। ୨୦୨୪ ନଭେମ୍ବର ୫ରେ ଜଣେ ୩୪ ବର୍ଷୀୟ ମହିଳାଙ୍କୁ ଦିଲ୍ଲୀରେ ଗଣ ଦୁଷ୍କର୍ମ କରାଯାଇଥିଲା। ମହିଳା ଜଣଙ୍କ ପରିବାର ଲୋକଙ୍କ ଉପରେ ରାଗି ଦିଲ୍ଲୀ ଯାଇଥିଲେ ଓ ସେଠାରେ ସରାଇକଲେ ଖାନ୍ ଅଞ୍ଚଳରେ ଜଣେ ଆଟୋ ଡ୍ରାଇଭର ସମେତ ୩ଜଣ ତାଙ୍କୁ ଗଣଦୁଷ୍କର୍ମ କରି ଦକ୍ଷିଣ-ପୂର୍ବ ଦିଲ୍ଲୀ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ।

ନୂଆପଡ଼ା ଉପନିର୍ବାଚନ

# ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କୁ ସମସ୍ତ ପୂର୍ବବର୍ତ୍ତୀ ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ ବୋଲି କୁହାଯାଇଛି। ତେଣୁ, ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୪୮ଘଣ୍ଟା ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ, ସ୍ୱକୀୟ ଅଫିସିଆଲ ସୋସିଆଲ ମିଡିଆ ଓ ୱେବସାଇଟ୍ ମାଧ୍ୟମରେ ଫର୍ମ-ସି ୭ର ସୁସ୍ପଷ୍ଟ ପରିପ୍ରକାଶ କରିବେ। ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୭୨ଘଣ୍ଟା ମଧ୍ୟରେ ଫର୍ମ-୮ସି ଓ ଫର୍ମ-ସି ୭ର ନକଲ ସଂଲଗ୍ନ କରି ଭାରତ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ କରିବେ।

ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ୨୦ ଅକ୍ଟୋବର ୨୦୨୫କୁ ଧାର୍ଯ୍ୟ କରାଯାଇଛି। ଫର୍ମାଟ୍-ସି(ଏ)କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୪ ରହିଥିବା ବେଳେ ନିର୍ବାଚନ ଆୟୋଗଙ୍କ ନିକଟରେ ଫର୍ମ ୭ ଏକୁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ ବୋଲି ଏଥିରେ ଦର୍ଶାଯାଇଛି। ଉପରୋକ୍ତ ସମସ୍ତ ଦସ୍ତାବିଜ୍ ଇ-ମେଲ୍ ଜରିଆରେ ନିର୍ବାଚନ ଆୟୋଗ ନିକଟରେ ଦାଖଲ ହେବ। ଉପରୋକ୍ତ ନିର୍ଦ୍ଦେଶାବଳୀକୁ ପାଳନ ନକଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଭାବରେ ବିବେଚିତ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି।

# ହସ୍ପିଟାଲ ପରିସରରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ବାରିପଦା, ୧୭।୧୦ (ସମିସ):** ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରୁ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୁହଁପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ଗଳିତ ହୋଇ କଙ୍କାଳ ଦେଖାଯାଉଥିବା ବେଳେ ଲମ୍ବାବାଳରୁ ମହିଳା ବୋଲି ଜଣାପଡ଼ିଛି। ହସ୍ପିଟାଲ ପରିସରସ୍ଥିତ ୧୮୦ଶଯ୍ୟା ବିଶିଷ୍ଟ ବିଲ୍ଡିଂ ପଛରେ ଥିବା ଗଛ ଡାଳରେ ମୃତଦେହଟି ଝୁଲନ୍ତା ଅବସ୍ଥାରେ ରହିଥିଲା। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ମୁହଁରେ ଏସିଡ୍ ପକାଇ ବିକୃତ କରିଦେଇଥିବା ଅନୁମାନ କରାଯାଉଛି। ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଗଛ ଡାଳରେ ଟାଙ୍ଗି ଦେଇଥିବା କୁହାଯାଉଛି। ବାରିପଦା ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ମହିଳାଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି। ଅପରପକ୍ଷେ, ହସ୍ପିଟାଲ ପରିସରରେ ପୁଲିସ ସୁରକ୍ଷା ବ୍ୟବସ୍ଥା ଥିବା ବେଳେ କିପରି ଏ ଅଘଟଣ ଘଟିଲା, ତାହାକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି ହୋଇଛି।

**ଏସିଡ୍ ପକାଇ ହତ୍ୟା ସନ୍ଦେହ**

# ଶିକ୍ଷୟିତ୍ରୀଙ୍କୁ ବନ୍ଧୁକ ଦେଖାଇ ଗହଣା ଲୁଟିନେଲେ

**ମହୁଲଡିହା/ଠାକୁରମୁଣ୍ଡା, ୧୭।୧୦ (ସମିସ):** ବନ୍ଧୁକ ଦେଖାଇ ଶିକ୍ଷୟିତ୍ରୀଙ୍କଠାରୁ ଲୁଟିନେଲେ ସୁନାଗହଣା। ଲୁଟ୍‌ର ଶିକାର ମହିଳାଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଗୁହାଳଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନୀତା। ସେ ଆଜି ବାଘମୁଣ୍ଡା(ଡଙ୍ଗାଟୁଆସାହି)ରୁ ଏକ ସ୍କୁଟିରେ ଗୁହାଳଡିହି ସ୍କୁଲକୁ ଯାଉଥିବବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ତାଙ୍କ ପିଛା କରିଥିଲେ। ନିଛାଟିଆ ସ୍ଥାନରେ ସେମାନେ ସୁନୀତାଙ୍କ ଓଢଣୀ ଟାଣିଦେବାରୁ ସେ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ପରେ ଦୁର୍ବୃତ୍ତଦ୍ୱୟ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ସେ ପିନ୍ଧିଥିବା ସୁନାହାର ଏବଂ କାନଫୁଲ ଛଡ଼ାଇ ଫେରାର୍ ହୋଇଯାଇଥିଲେ। ଖବର ପାଇ ପ୍ରଧାନ ଶିକ୍ଷକ ଦଶରଥ କିସ୍କୁ ଘଟଣାସ୍ଥଳରେ ପହଞ୍ଚି ସୁନୀତାଙ୍କୁ ବିଦ୍ୟାଳୟକୁ ନେଇଥିଲେ। ପରେ ଏ ସଂପର୍କରେ ସୁନୀତା ଠାକୁରମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ।

# ଓଡ଼ିଶା ଫେରିବେ ଜାମ୍ମୁ-କାଶ୍ମୀରରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୭।୧୦ (ସମିସ):** ଜାମ୍ମୁକାଶ୍ମୀରସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁଙ୍କ ମୃତଦେହ ଓଡ଼ିଶା ଫେରିବ। ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସେମାନଙ୍କ ଶବକୁ ରାଜ୍ୟକୁ ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ମୃତକମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ତରଭାର ବିଚିତ୍ର କୁମାର, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ। ଏହାସହ, ଏହି ଦୁର୍ଘଟଣାରେ ଆହତ ହୋଇଥିବା ସ୍ନେହଲତା ମଟାରୀଙ୍କୁ ସେଠାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ।

**ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ**

ପୁଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ପ୍ରସଙ୍ଗ

# ବଡ଼ମୁଣ୍ଡଙ୍କୁ ଖସାଇବା ପାଇଁ ଦାୟିତ୍ୱ ନେଇଛି କ୍ରାଇମବ୍ରାଞ୍ଚ: ବିଜେଡି

**ଭୁବନେଶ୍ୱର,୧୭।୧୦(ସମିସ):** ପୁଲିସ୍ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ବଡ଼ମୁଣ୍ଡ ମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି। ପ୍ରାୟ ୨୫୦ କୋଟି ଟଙ୍କାର ଏହି ନିଯୁକ୍ତି ସ୍କାମ୍‌ରେ ସରକାରୀ ଦଳର ଓ ପୁଲିସ୍ ବିଭାଗର ଅନେକ ବଡ଼ମୁଣ୍ଡ ସାମିଲ ଥିବାବେଳେ କ୍ରାଇମବ୍ରାଞ୍ଚ ତଳତଳିଆଙ୍କୁ ଧରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡଃ ଲେନିନ ମହାନ୍ତି କହିଛନ୍ତି, ଏହି ନିଯୁକ୍ତି କେଳେଙ୍କାରୀର ଜଣେ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ୨ ସହଯୋଗୀ ମୁନା ମହାନ୍ତି ଓ ରିଙ୍କୁ ମହାରଣାଙ୍କୁ ଘଟଣାର ୩ ସପ୍ତାହ ପରେ କ୍ରାଇମବ୍ରାଞ୍ଚ ଗିରଫ କରି ଉଲ୍ଲସିତ ଅନୁଭବ କରିଛି। କ୍ରାଇମବ୍ରାଞ୍ଚର ଡିଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ୨ ସହଯୋଗୀଙ୍କ ଗିରଫରେ ଉଲ୍ଲସିତ ହେଉଥିଲେ। ଗଣମାଧ୍ୟମର ପ୍ରତିନିଧି ଯେତେବେଳେ ଏହି ଘଟଣାର ହିଷ୍ଟ୍ରି ଟ୍ରେଲ୍ ବା ସମ୍ପୃକ୍ତ ଥିବା ଅନ୍ୟ ବଡ଼ମୁଣ୍ଡଙ୍କୁ କେବେ ଖୋଜିବେ ବୋଲି ପ୍ରଶ୍ନ କରିଥିଲେ, ଡିଜି ମହୋଦୟ ଟିକେ ହସି ଦେଇ କହିଥିଲେ, ତାକୁ ଆପଣ ଖୋଜନ୍ତୁ। ଡିଜିଙ୍କ ଉତ୍ତର ଶୁଣି କେବଳ ଆମେ ନୁହେଁ, ସମଗ୍ର ଓଡିଶା ଆଶ୍ଚର୍ଯ୍ୟ ବୋଲି ଡଃ ମହାନ୍ତି କହିଛନ୍ତି।

**ଶଙ୍କର ପୃଷ୍ଟିର ଦୁଇ ସହଯୋଗୀଙ୍କୁ ଧରି କ୍ରାଇମବ୍ରାଞ୍ଚ ଉଲ୍ଲସିତ**

**ଆଉଟ୍‌ସୋର୍ସିଂ ପାଇଁ ଅନୁମୋଦନ ଦେଇଥିଲେ କି ମୁଖ୍ୟମନ୍ତ୍ରୀ?**

ଏଥିରୁ ସ୍ପଷ୍ଟ ହେଉଛି ଯେ କ୍ରାଇମବ୍ରାଞ୍ଚର ଅନୁସନ୍ଧାନ କେବଳ ତଳତଳିଆଙ୍କୁ ଧରି ଘଟଣାକୁ ଚପାଇଦେବା। ପ୍ରାୟ ୯୩୩ ଜଣ ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ ଓପିଆରବିର ଦାୟିତ୍ୱ ଥିବାବେଳେ ଏହାକୁ କେନ୍ଦ୍ର ସରକାରଙ୍କ ସଂସ୍ଥା ଆଇଟିଆଇକୁ ପ୍ରଦାନ କରାଯାଇଥିଲା। ପରେ ଆଇଟିଆଇ ସିଲିକନ ଟେକ୍‌ଲାବକୁ ପ୍ରଦାନ କରିଥିଲା ଏବଂ ସିଲିକନ ପୁଣି ପଞ୍ଚସଫ୍ଟ ଟେକ୍ନୋଲୋଜିକୁ ଆଉଟ୍‌ସୋର୍ସ କରିଥିଲା। ରାଜ୍ୟ ପୁଲିସ୍ ବିଭାଗ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧୀନରେ ଥିବାବେଳେ ଏହି ଆଉଟ୍‌ସୋର୍ସ କିପରି ହୋଇପାରିଲା? ଏହା ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ପାଇଛି କି ନାହିଁ ତାହା ଏବେ ବଡ଼ ପ୍ରଶ୍ନ ବୋଲି ବିଜେଡି କହିଛି। ସେହିପରି ପୁଲିସ୍ ବିଭାଗର ବଡ଼ ଅଧିକାରୀଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ। କ୍ରାଇମବ୍ରାଞ୍ଚର ତଦନ୍ତ ଏ ଦିଗ ଗୁଡିକ ସ୍ପର୍ଶ କରୁନାହିଁ, ଯେଉଁଥିରୁ ବଡ଼ ବଡ଼ ମୁଣ୍ଡକୁ ଖସାଇ ଦେବାକୁ ଉଦ୍ୟମ କରାଯାଉଛି ବୋଲି ସ୍ପଷ୍ଟ ଜଣାପଡୁଥିବା ବିଜେଡି ପକ୍ଷରୁ କୁହାଯାଇଛି।

ପୀତବାସ ହତ୍ୟାକାଣ୍ଡକୁ ୧୨ଦିନ ବିତିଲା

# ରହସ୍ୟ ଭେଦିପାରୁନି ପୁଲିସ

**ବ୍ରହ୍ମପୁର, ୧୭।୧୦(ସମିସ):** ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ୧୨ଦିନ ବିତିଛି। ତଦନ୍ତରେ ଯଦିଓ ଅଗ୍ରଗତି ଘଟିଛି ଏବଂ ପୁଲିସକୁ କିଛି ସଫଳତା ମିଳିଛି, ତଥାପି ରହସ୍ୟ ଭେଦ କରିପାରିନି ପୁଲିସ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୮ଜଣଙ୍କୁ ଅଟକ ରଖି ଜେରା କରାଯାଉଛି। ଅଟକଙ୍କ ମଧ୍ୟରେ ବିହାରର ୨ଜଣ, ପଶ୍ଚିବଙ୍ଗରୁ ଜଣେ, ଦିଲ୍ଲୀରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଏବଂ ବ୍ରହ୍ମପୁରରୁ ୩ଜଣ ସାମିଲ ଥିବା ଜଣାପଡିଛି। ପଶ୍ଚିବଙ୍ଗରୁ କାବୁ କରାଯାଇଥିବା ଯୁବକଜଣଙ୍କ ଗଞ୍ଜାମ ଜିଲ୍ଲା ଏରେଣ୍ଡ୍ରା ଅଞ୍ଚଳର ବୋଲି ସୂଚନା ମିଳିଛି। ସେହିଭଳି ବ୍ରହ୍ମପୁରର ଜଣେ ପୂର୍ବତନ ଛାତ୍ରନେତାଙ୍କୁ ଦିଲ୍ଲୀରୁ ପୁଲିସ ଉଠାଇ ଆଣିଥିବା ବେଳେ ସେ ଗଜପତିନଗର ନିବାସୀ ବୋଲି କୁହାଯାଉଛି।

ଅନୁରୂପ ଭାବେ ସହରର ଜଣେ ଜଣାଶୁଣା ମଦ ବ୍ୟବସାୟୀଙ୍କ ସମେତ ଜଣେ କର୍ପୋରେଟର୍‌ଙ୍କୁ ମଧ୍ୟ ପୁଲିସ ଅଟକ ରଖି ଜେରା କରୁଛି। ଅଟକ କର୍ପୋରେଟର୍‌ଙ୍କୁ ୩ଦିନ ଧରି ଜେରା କରାଯାଉଥିବା ବେଳେ ଦିଲ୍ଲୀରୁ କାବୁ ହୋଇଥିବା ପୂର୍ବତନ ଛାତ୍ର ନେତାଙ୍କ ମୋବାଇଲ ଓ ସିମ୍‌କୁ ପୁଲିସ ଜବତ କରିଛି। ସୁପାରି କିଲରଙ୍କୁ ସହଯୋଗ କରିଥିବା ତଥା ରେକି ଟିମ୍‌ରେ ସାମିଲ ଥିବା ଜଣେ ଯୁବକଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖପାଟଣାରୁ କାବୁ କରାଯାଇ ଜେରା କରାଯାଉଛି।



**କର୍ପୋରେଟର, ମଦ ବ୍ୟବସାୟୀ ଓ ପୂର୍ବତନ ଛାତ୍ରନେତାଙ୍କ ସମେତ ୮ ଅଟକ**

**ମେଳ ଖାଉଛି କାହ୍ନୁ ପତିଙ୍କ 'ଆନ୍ଧ୍ର ବନ୍ଧୁକ ଓ ବିହାରୀ କିଲର୍' ବୟାନ**

**ହତ୍ୟାର କାରଣ ଓ ସୁପାରି ପରିମାଣର ଖୋଳତାଡ଼ କରୁଛି ପୁଲିସ**

ଅନ୍ୟପକ୍ଷରେ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ଯୋଗୁ ପୁଲିସ ସୁପାରି କିଲରଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା। ବ୍ରହ୍ମପୁରରେ ଅବସ୍ଥାନ ସମୟରେ ଜଣେ ବିହାରି ସୁପାରି କିଲର ନିଜର ସମ୍ପର୍କୀୟ ଭାଇଙ୍କ ଆକାଉଣ୍ଟକୁ କିଛି ଟଙ୍କା ପଠାଇଥିଲେ। ନିଜ ନିକଟରେ ଥିବା ନଗଦ ଟଙ୍କାକୁ ପଠାଇବାରେ ସମସ୍ୟା ହେବାରୁ ସେ ସ୍ଥାନୀୟ ଗୋଇଲୁଣ୍ଡିସ୍ଥିତ ଏକ ରିଚାର୍ଜ ଦୋକାନକୁ ଯାଇ ସମ୍ପୃକ୍ତ ଦୋକାନୀଙ୍କୁ ନଗଦ ଟଙ୍କା ଦେଇ ଅନ୍‌ଲାଇନରେ ସମ୍ପର୍କୀୟ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଯାହା ସେମାନଙ୍କ ନିକଟରେ ପହଞ୍ଚିବାରେ ପୁଲିସ ପାଇଁ ସହାୟକ ହୋଇଥିଲା। ସୁପାରି କିଲର୍ ବିହାରୀ ହୋଇଥିଲେ ହେଁ ହତ୍ୟାକାଣ୍ଡରେ ଆନ୍ଧ୍ର ବନ୍ଧୁକ ବ୍ୟବହାର ହୋଇଥିବା ନେଇ ସନ୍ଦେହ ଘନୀଭୂତ ହୋଇଛି।

ପୂର୍ବରୁ ଯଦିଓ କାହ୍ନୁ ପତିଙ୍କ ମନ୍ତବ୍ୟକୁ ନେଇ ଅନେକେ ଅସନ୍ତୋଷ ବ୍ୟକ୍ତ କରିଥିଲେ, ତେବେ ପରବର୍ତ୍ତୀ ସମୟରେ ସେଥିରେ ଅନେକାଂଶରେ ସତ୍ୟତା ଥିବା ଜଣାପଡୁଛି। ଏପରିକି, ସୁପାରି କିଲରମାନେ ସେପ୍ଟେମ୍ବର ୨୬ରୁ ପୀତବାସଙ୍କୁ ପିଛା କରୁଥିବା ନେଇ କାହ୍ନୁ ବୟାନ ଦେଇଥିବା ବେଳେ ଉଭୟ ସୁପାରି କିଲର ସେପ୍ଟେମ୍ବର ୧୨ରୁ ବ୍ରହ୍ମପୁରକୁ ଆସିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ସ୍ପଷ୍ଟ ଜଣାପଡ଼ିଛି। ଗୁଳିକାଣ୍ଡକୁ ଇତିମଧ୍ୟରେ ୧୨ଦିନ ବିତି ଯାଇଥିଲେ ହେଁ ହତ୍ୟାର କାରଣ ସ୍ପଷ୍ଟ ହୋଇପାରିନାହିଁ। ରାଜ୍ୟ ବାହାରୁ ଆମଦାନୀ ହୋଇଥିବା ସୁପାରୀ କିଲରଙ୍କୁ ପୀତବାସଙ୍କ ହତ୍ୟା ପାଇଁ କେତେ ଟଙ୍କାର ଡିଲ ହୋଇଥିଲା ଏବଂ କେଉଁ କାରଣ ପାଇଁ ଏଭଳି ଚରମ ପଦକ୍ଷେପ ନିଆଯାଇଥିଲା, ସେନେଇ ଅଟକ ବ୍ୟକ୍ତିଙ୍କ ଠାରୁ ତଥ୍ୟ ଓଗାଳିବାକୁ ଚେଷ୍ଟା କରୁଛି ପୁଲିସ। ସେହିଭଳି ଚିହ୍ନଟ ଦୁଇ ସୁପାରି କିଲରଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଜଣେ ଫେରାର୍ ରହିଛି। ଫଳରେ ଫେରାର୍ ସୁପାରି କିଲରର ଭାଇକୁ ପୁଲିସ ଉଠାଇ ଆଣିଛି। ଆମ୍ବପୁଆ ରିଜର୍ଭ ପୁଲିସ ବାରାକ୍‌ରେ ଅଟକ ସମସ୍ତ ୮ ଜଣଙ୍କୁ ଜେରା କରି ପୁଲିସ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓଗାଳିଥିବା ବେଳେ ଆଗକୁ ଆହୁରି ଅନେକଙ୍କୁ ଉଠାଇ ଆଣି ଜେରା କରିବାର ସମ୍ଭାବନା ରହିଛି। ହତ୍ୟାକାଣ୍ଡ ପଛରେ ବାଲି ଲିଙ୍କ୍ ଏକ ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ବିରୋଧରେ ମନ୍ତବ୍ୟ

# ୫ ବିଦ୍ୟାର୍ଥୀ ବହିଷ୍କୃତ

**କୋରାପୁଟ, ୧୭।୧୦ (ସମିସ):** ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟ ଅଧ୍ୟାପକମାନଙ୍କ ସମ୍ପର୍କରେ ହ୍ୱାଟ୍‌ସଆପ୍ ଗ୍ରୁପରେ ଅଶ୍ଳୀଳ ଭାଷାରେ ଟିକାଟିପ୍ପଣୀ ପୋଷ୍ଟ କରିବା ଅଭିଯୋଗରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଜଣେ ଛାତ୍ରୀଙ୍କ ସହ ୫ଜଣଙ୍କୁ ବହିଷ୍କାର କରାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା ନକରି, ତରବରିଆ ଭାବେ ୫ଜଣ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନରୁ ବଧ୍ୟତାମୂଳକ ଭାବେ ବାହାର କରିଦେବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟଠାରେ କୃଷି ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏକ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ଗ୍ରୁପ୍ କରି ବିଭିନ୍ନ ବିଷୟରେ ଗ୍ରୁପ୍‌ରେ ପୋଷ୍ଟ କରିଥାନ୍ତି। କିଛି ଛାତ୍ର ଗତ ମାସରେ ଉକ୍ତ ଗ୍ରୁପ୍‌ରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅନ୍ୟ ସହକର୍ମୀଙ୍କ ବିଷୟରେ ଅଶ୍ଳୀଳ ଟିପ୍ପଣୀ ସବୁ ପୋଷ୍ଟ କରିଥିଲେ। ଗ୍ରୁପ୍‌ର ଜଣେ ସଦସ୍ୟ ଉକ୍ତ ଟିପ୍ପଣୀଗୁଡ଼ିକ ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ ପଠାଇଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବାରିପଦା,୧୭।୧୦(ସମିସ):** ମୟୂରଭଞ୍ଜ ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ପ୍ରତିମା ପାତ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ହେଲା, ଜାମଦା ଥାନା ଅଞ୍ଚଳର ବଳରାମ ମୁଣ୍ଡା(୨୩)। ଏହାସହ ପୀଡ଼ିତାକୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଗ୍ରାମର ଜଣଙ୍କ ଘରୁ ଫେରିବା ବେଳେ ତାକୁ ଏକୁଟିଆ ପାଇ ବଳରାମ ଦୁଷ୍କର୍ମ କରିଥିଲା। ତେବେ ନାବାଳିକାଜଣଙ୍କ ଘରକୁ ଫେରିବା ପରେ ଏସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ଘଟଣା ବାବଦରେ ପରିବାର ଲୋକେ ସ୍ଥାନୀୟ ଜାମଦା ଥାନାରେ ଅଭିଯୋଗ କରିଥିଲେ। ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରୁଥିଲେ।

## ନୂଆପଡ଼ା ସମର | ବିଜେଡିର ୪୦ ବ୍ରିଗେଡ୍

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ନିଜର ଷ୍ଟାର କ୍ୟାମ୍ପେନର (ତାରକା ପ୍ରଚାରକ) ତାଲିକା ଜାରି କରିଛି। ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ତାରକା ପ୍ରଚାରକ ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୀର୍ଷରେ ରହିଛନ୍ତି। ଏହାସହିତ ଦଳ ଷ୍ଟାର ପ୍ରଚାରକ ଭାବେ ବହୁ ବରିଷ୍ଠ ନେତାଙ୍କ ସମେତ ଯୁବ ନେତୃତ୍ୱ ବିଧାୟକ ଓ ସାଂସଦମାନଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

**୪୦ ତାରକା ପ୍ରଚାରକଙ୍କ ତାଲିକା ଜାରି**




୪୦ ଜଣିଆ ତାଲିକାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଡଃ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।

ଏହା ପୂର୍ବରୁ ଗୁରୁବାର ନୂଆପଡ଼ାରେ ପ୍ରଚାର କାର୍ଯ୍ୟକ୍ରମକୁ କିପରି ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇ ହେବ ସେନେଇ ବିଜେଡି ଏକ ୫୨ ଜଣିଆ ଟିମ୍ ଗଠନ କରିଛି। ନିଜେ ବିଜେଡି ସଭାପତି ଏହି ଟିମ୍ ଘୋଷଣା କରିବା ସହିତ ବ୍ଲକ୍‌ୱାରୀ ନେତାଙ୍କୁ ମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ ପାଇଁ ମୋଟ ୧୮ ଜଣ ଲେଖାଏଁ ୨ ଟି ଟିମ୍ ଓ ଖରିଆର୍ ରୋଡ ଏନଏସି ଏବଂ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କଠୋର ହେଲା ପରିବହନ ବିଭାଗ | ଅଭ୍ୟାସଗତ ଉଲ୍ଲଘଂନକାରୀଙ୍କ 'ଆର୍‌ସି' ରଦ୍ଦ ହେବ

**କଟକ, ୧୭।୧୦ (ସମିସ):** ଏଣିକି ଅଭ୍ୟାସଗତ ଭାବେ ମୋଟର ଯାନ ଆଇନ ନିୟମ ଉଲ୍ଲଘଂନକାରୀଙ୍କ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ରଦ୍ଦ କରାଯିବ। ପରିବହନ କମିସନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ) ପକ୍ଷରୁ ଏହି ଉଲ୍ଲଂଘନକାରୀମାନଙ୍କର ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ତଥାପି ଯଦି ନିୟମ ଉଲ୍ଲଘଂନକାରୀ ବକେୟା ଚାଲାଣ ପୈଠ ନ କରନ୍ତି, ମୋଟର ଯାନ ଆଇନ ଅନୁଯାୟୀ ଆରଟିଓମାନେ ନୋଟିସ ପଠାଇବେ। ସଡ଼କରେ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ଆୟୁକ୍ତ।

ଏହି ବୈଠକରେ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପ-ପରିବହନ ଆୟୁକ୍ତ, ଆରଟିଓ, ଅତିରିକ୍ତ ଆରଟିଓ ଆଭାସୀରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ।



## ଫେବୃଆରୀ ତୃତୀୟ ସପ୍ତାହରୁ +୨ ପରୀକ୍ଷା

**ଭୁବନେଶ୍ୱର, ୧୭।୧୦(ସମିସ):** ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ଏହାପରେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ନୂତନ ଭାବେ ୮୯ ପରୀକ୍ଷା କେନ୍ଦ୍ର ଖୋଲିବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ସେହିପରି ରେଗୁଲାର୍ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ରୁ ନଭେମ୍ବର ୬ ତାରିଖ ମଧ୍ୟରେ ବିନା କୌଣସି ଫାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ।

**ନୂତନ ଭାବେ ଖୋଲିବ ୮୯ ପରୀକ୍ଷା କେନ୍ଦ୍ର**

ଦୁଇଟି ସ୍ଲଟରେ ଜାନୁଆରୀ ୧୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୋଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀଙ୍କୁ ଜାନୁଆରୀ ୧୦ ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ।

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବୋରାଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷ କରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

## ସାପ କାମୁଡ଼ାରେ ଅଜା-ନାତି ମୃତ

**ଶେରଗଡ଼, ୧୭।୧୦(ସମିସ):** ସାପ କାମୁଡ଼ାରେ ଅଜା-ନାତି ମୃତ। ଶେରଗଡ଼ ଥାନା କରଡ଼ାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ପଞ୍ଚାନନ ନାଇକ(୫୫) ଓ ତାଙ୍କ ନାତି ରୋଶନ ପାଇକ(୧୦)। ଗୁରୁବାର ରାତିରେ ପଞ୍ଚାନନଙ୍କ ପରିବାର ସଦସ୍ୟ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ସାପ ପଞ୍ଚାନନ ଏବଂ ନାତି ରୋଶନଙ୍କୁ କାମୁଡ଼ି ଦେଇଥିଲା। ଉଭୟଙ୍କ ଚିତ୍କାର ଶୁଣି ପରିବାରଲୋକ ସେମାନଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।


Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.


| Date | Time | Location |
|---|---|---|
| 26th October, 2025 | 12:00 PM | Sambalpur |

Venue: Hotel Royal Retreat, Ainthapali, Sambalpur-768006
Name: Shib Prasad Joshi | Mob. No.: 8657417350

Nippon Life India Asset Management Limited| CIN:L65910MH1995PLC220793

Mutual Fund investments are subject to market risks, read all scheme related documents carefully.


## ଦୁର୍ଘଟଣାରେ ପରିବାରର ୪ ମୃତ



**କାମାକ୍ଷାନଗର, ୧୭।୧୦(ସମିସ):** କାମାକ୍ଷାନଗର ସହରକୁ ସୁକନ୍ୟା ଟଙ୍କା ରଖିବା ଓ ମାର୍କେଟିଂ କରିବାକୁ ଆସୁଥିବା ବେଳେ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୨ ଶିଶୁକନ୍ୟାଙ୍କ ସମେତ ୪ ଜଣଙ୍କ ଜୀବନ ଯାଇଛି। ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ମାଳପୁରା ଓଭରବ୍ରିଜ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଭାବଗ୍ରାହୀ କାରୁଆଁ ବାପା, ତାଙ୍କ ସ୍ତ୍ରୀ ଜାନକୀ କରୁଆଁ, ଝିଅ ଗୀତାଞ୍ଜଳି କାରୁଆଁ (୬) ଓ ଝିଆରୀ (ଶଳାଙ୍କ ଝିଅ) ନାଣ୍ଡି (୮)।

ଭାବଗ୍ରାହୀ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଇମ୍ଫା କାରଖାନାରେ କାମ କରନ୍ତି। ଶୁକ୍ରବାର ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ସ୍ତ୍ରୀ, ଝିଅ ଓ ଝିଆରୀଙ୍କୁ ସାଙ୍ଗରେ ନେଇ ସୁକନ୍ୟା ଟଙ୍କା ଜମା କରିବା ସହ ମାର୍କେଟିଂ କରିବା ପାଇଁ କାମାକ୍ଷାନଗର ଆସୁଥିଲେ। ହେଲେ ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସେମାନଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଭାବଗ୍ରାହୀ, ତାଙ୍କ ଝିଅ ଗୀତାଞ୍ଜଳି ଓ ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ହୋଇଥିଲା। ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଛି। ପରିବାରଲୋକେ ମେଡିକାଲରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି।




# ନଭେମ୍ବର ୩ରୁ ଉତ୍କଳ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ



**ରାଉରକେଲା,୧୭।୧୦(ସମିସ):** ସ୍ଥାନୀୟ ସେକ୍ଟର-୨ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦର ୩୫ତମ ବୋଇତ ବନ୍ଦାଣ ଉତ୍ସବ ସେକ୍ଟର-୨ ଦୁର୍ଗାପୂଜା ପଡିଆରେ ଆସନ୍ତା ନଭେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମହାସମାରୋହରେ ଆୟୋଜିତ ହେବ। ଏନେଇ ସେକ୍ଟର-୨ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍କଳ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ଶଙ୍କର ଜେନା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସଭାପତି ରଶ୍ମିତ ସାହାଣୀ, ଉପଦେଷ୍ଟା ନିଳାମ୍ବର ପୁହାଣ, ଦେବେନ୍ଦ୍ର ନାଥ ସାମନ୍ତରାୟ, ସେକ୍ଟର-୨ ଦୁର୍ଗା ପୂଜା କମିଟିର ସଭାପତି ଦୁର୍ଗା ଚରଣ ଜେନା, ଚନ୍ଦନ ମହାନ୍ତି, କାର୍ତ୍ତିକ ଭାଇ, ଲିଙ୍ଗରାଜ ଭାଇ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ଜେନା କହିଲେ ଯେବନ ବୋଇତ ବନ୍ଦାଣ ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ପଦାଧିକାରୀ ଅତିଥି ହେବାର ସମ୍ଭାବନା ରହିଛି। ସଭାପତି ରଶ୍ମିତ ସାହାଣୀ, ଉପଦେଷ୍ଟା ନିଳାମ୍ବର ପୁହାଣ ବୋଇତ ବନ୍ଦାଣ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଉପଦେଷ୍ଟା ଦେବେନ୍ଦ୍ର ନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ଦଫା ଦାବିରେ ଡାକ କର୍ମଚାରୀଙ୍କ ବିକ୍ଷୋଭ

ରାଉରକେଲା,୧୭।୧୦(ସମିସ)

ରାଉରକେଲା ଡାକ ମଣ୍ଡଳର ପୋଷ୍ଟ ମ୍ୟାନ ଓ ଏମଟିଏସ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ୧୦ ଦଫା ଦାବିରେ ଅଲ୍ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲୋଇଜ ୟୁନିୟନ ପୋଷ୍ଟ ମ୍ୟାନ ଆଣ୍ଡ ଏମଟିଏସ ପକ୍ଷରୁ ରାଉରକେଲା ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ୨୯ ସେପ୍ଟେମ୍ବରରେ ୟୁନିୟନ ପକ୍ଷରୁ ଡାକ ଅଧିକ୍ଷକଙ୍କୁ ଦାବିପତ୍ର ଦିଆଯାଇ ଥିଲା। ମାତ୍ର ଦାବିକୁ ଅଣଦେଖା କରିବା ବିରୋଧରେ ଓ ଡାକ ଅଧିକ୍ଷକଙ୍କ ଟାଳଟୁଲ ନୀତି ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ୧୦ ଦଫା ଦାବି ମଧ୍ୟରେ ଖାଲି ପଡିଥିବା ପୋଷ୍ଟ ମ୍ୟାନ ଓ ଏମଟିଏସ ପଦବୀ ପୂରଣ, ପୋଷ୍ଟମ୍ୟାନଙ୍କ ବଦଳି ବ୍ୟବସ୍ଥା ନଥିବା ବେଳେ ବେଆଇନ ବଦଳି କରିବା, ଆଇଡିସିରେ ଅଧିକ କମ୍ପ୍ୟୁଟର ବ୍ୟବସ୍ଥା କରିବା ଓ ଆନୁଷଙ୍ଗିକ ବ୍ୟବସ୍ଥା ସହ ମହିଳା କର୍ମଚାରୀଙ୍କ ପାଇଁ ପରିଶ୍ରାଗାର ବ୍ୟବସ୍ଥା କରିବା,




୨୨ ଜଣ ପୋଷ୍ଟମ୍ୟାନଙ୍କୁ ଆଧାର କାମରେ ବସାଇବା ଫଳରେ ଚିଠି ବିତରଣରେ ଘୋର ସମସ୍ୟାର ସମାଧାନ କରିବା, ଅତିରିକ୍ତ ପୋଷ୍ଟମ୍ୟାନଙ୍କୁ ନିଯୁକ୍ତି କରିବା, କାର୍ଯ୍ୟସ୍ଥଳୀରେ କର୍ମଚାରୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ବନ୍ଦ କରିବା, ସରକାରୀ ନିୟମ ମୁତାବକ ମାସିକ ସାକ୍ଷାତକାର କରିବା, ମୁଖ୍ୟ ଡାକଘର ଓ ରାଉରକେଲା-୨ରେ ଏମଡିଜିର ରିକ୍ରିଏସନ କ୍ଲବ୍‌କୁ ଖାଲି କରିବା ଆଦି ଦାବି ରଖାଯାଇଛି। କର୍ମଚାରୀ ମାନଙ୍କ ସମସ୍ୟା ସମାଧାନ ନହେଲେ ଆଗାମୀ ୨୦ ତାରିଖରେ ମୁଖ୍ୟ ଡାକଘର ସମ୍ମୁଖରେ ୟୁନିୟନ ପକ୍ଷରୁ ଗଣଧାରଣା ଓ ଆଗାମୀ ୨୩, ୨୪ ଦୁଇ ଦିନ ଧରି ଗଣ ଅନଶନ କରାଯିବ।

ଯେଉଁ ଦାବି ଉପସ୍ଥାପନ କରାଯାଇଛି ତାହା ଅଧିକ୍ଷକଙ୍କ କ୍ଷମତା ପରିସର ମଧ୍ୟରେ ଥିବା ସତ୍ତ୍ୱେ ସେ ଟାଳଟୁଲ ନୀତି କରୁଥିବା ଅଭଯୋଗ ହୋଇଛି। ଆଜିର କାର୍ଯ୍ୟକ୍ରମରେ ୟୁନିୟନର ସଭାପତି ସୁରେନ୍ଦ୍ର ନାରାୟଣ ସିଂହ, ସମ୍ପାଦକ ସୁଦାମ ସାହୁ, ସହସମ୍ପାଦକ ପ୍ରଦୀପ ପାତ୍ର, ସହସମ୍ପାଦକ ଜଗବନ୍ଧୁ ସାହୁ, କାର୍ଯ୍ୟକାରୀ ସମ୍ପାଦକ ଯୋଗେଶ୍ୱର ପାଣିଗ୍ରାହୀ, ଈଶ୍ୱର ଚନ୍ଦ୍ର ପଟେଲ୍ ସମେତ ବହୁ ଡାକ କର୍ମଚାରୀ ସାମିଲ ହୋଇଥିଲେ। ଏହି ଆନ୍ଦୋଳନକୁ ସମର୍ଥନ କରି ସିଆଇଟିୟୁ ସୁନ୍ଦରଗଡ ଜିଲ୍ଲା କମିଟିର ବରିଷ୍ଠ ଉପ ସଭାପତି ଶ୍ରୀମନ୍ତ ବେହେରା, ଜିଲ୍ଲା ସମ୍ପାଦକ ରାଜକିଶୋର ପ୍ରଧାନ, ଜିଲ୍ଲା ୟୁନିୟନ ଓ ଆସୋସିଏସନ୍ ଆବାହକ ଭାଗିରଥୀ ଟୁଡୁ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**କୁତ୍ରା,୧୭।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଶିକ୍ଷା ବ୍ଲକ୍ ଅଧୀନ ଲାଞ୍ଜିବେର୍ଣ୍ଣା ଆଞ୍ଚଳିକ ସାଧନକେନ୍ଦ୍ରର ୧୨ ବିଦ୍ୟାଳୟର ୨୦୦ ଛାତ୍ରଛାତ୍ରୀଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭି ୨୦୨୫ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବକୁ ମୁଖ୍ୟ ଅତିଥି ପୁଷ୍ପା କେରକେଟା ସରପଞ୍ଚ, ସମ୍ମାନିତ ଅତିଥି ଅଲେଖ ଦଲାଇ ମ୍ୟାନେଜର ସିଏସ୍‌ଆର ଜେଏସ୍‌ଡବ୍ଲ୍ୟୁ, ଶିବା ତେଲିଘନା, ପ୍ରଧାନଶିକ୍ଷକ ଡ.ନିତ୍ୟାନନ୍ଦ ବେହେରା, ପ୍ରଧାନଶିକ୍ଷକ ଧରଣୀଧର ଅଡ଼ା, ପରିଚାଳନା କମିଟି ସଭାପତି ନିଲିମା କିସପଟ୍ଟା, ସିଆର୍‌ସିସି ତପନ ସେଠୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ପରେ ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ ନାଏକ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଲ, ଡବ୍ଲ୍ୟୁଇଓ କୁତ୍ରା ବିନିରାନି ସୋରେଙ୍ଗ, ସମିତି ସଭ୍ୟା ସୁନିତି ଧାନୱାର, ପ୍ରଶାନ୍ତ ସାହୁ, ରାଜୁ ସାହୁ ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଲାଞ୍ଜିବେର୍ଣ୍ଣା ଆଞ୍ଚଳିକ ସାଧନ କର୍ମୀ ତପନ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ ପରିଚାଳନା କରିଥିଲେ। ପ୍ରଶାନ୍ତ ସାହୁ, ରବିନ୍ଦ୍ର ପଣ୍ଡା ମମତା ସ୍ୱାଇଁ, ରୋହିତ ପ୍ରଧାନ, ଚାରୁଲତା ମହାରଣା, କୃଷ୍ଣ ଚନ୍ଦ୍ର ମହାରଣା, ପ୍ରଫୁଲ୍ଲ ନାଏକ, ଡିଲେଶ୍ୱର ବେହେରା, ସଞ୍ଜୟ ବେହେରା, ମମତା ମୟୀ ଶତପଥୀ, ବିଜୟ ଲକ୍ଷ୍ମୀ ଚାନ୍ଦ, ଅଲକା ବେହେରା ଜୟପୁରୀୟା, ପ୍ରିସୀଲା ତିର୍କୀ, ମହେଶ ଏକ୍କା ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଗଣ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ଆସନ୍ତା ୨୪ ତାରିଖ ତରକେରା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ.ନିତ୍ୟାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମମତା ସ୍ୱାଇଁ, କୁମାରୀ ଜୟପୁରିଆ, ଭିକାରି ଦାସ, ପ୍ୟାରେଲାଲ ସାହୁ, ବିଜୟ କେର୍କେଟା, ଆଲିଶା ଟପ୍ପୋ ଏବଂ ଲାଞ୍ଜିବେର୍ଣ୍ଣା କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ



**ରାଉରକେଲା,୧୭।୧୦(ସମିସ):** ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା ଜାତୀୟ ପଦକ୍ଷେପ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ର ସଫଳତାରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିବା ସୂଚନା ମିଳିଛି। ସେଲ୍, ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍‌ରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନଚାର୍ଜ ଡ.ଜୟନ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆ।।ୟୋଜିତ ହୋଇଥିଲା। ଏଥିରେ ସିଏସଆର ବିଭାଗର ଗନ୍ଧର୍ବରାଜ ନାୟକ ଏବଂ ବେନେଡିକ୍ଟ ଏକ୍କା, ମେସର୍ସ ଏଚଏଲଏଲ ଲାଇଫକେୟାର ଲିମିଟେଡର ଡାଏଟିସିଆନ୍ ଜୟା ଗୁପ୍ତା ଏବଂ ମନସ୍ତତ୍ତ୍ୱବିତ୍ ସନ୍ଧ୍ୟାରାଣୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡ.ପ୍ରତିଭା ଷଡଙ୍ଗୀ, ସିଏସ୍‌ଆର୍ ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର, ଜିଏମ୍ ବି ମଲ୍ଲିକ ଓ ସିଏସ୍‌ଆର୍ ଏବଂ ଆଇଜିଏଚ୍‌ର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ପୋଷଣ ମାସରେ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଦେଶବ୍ୟାପୀ ଆୟୋଜିତ ଏହି ଅଭିଯାନର ଏକ ଅଂଶ ଭାବେ, ଆଇଜିଏଚ୍ ଏବଂ ସିଏସ୍‌ଆର୍ ବିଭାଗର ମିଳିତ ପ୍ରୟାସ ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ଗାଁ, ସ୍କୁଲ ଏବଂ ବସ୍ତି ଅଞ୍ଚଳକୁ କଭର କରି ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୨,୮୯୪ ଜଣ ହିତାଧିକାରୀଙ୍କ ନିକଟରେ ସ୍ୱାସ୍ଥ୍ୟ ଯାଞ୍ଚ ଦଳ ପହଞ୍ଚିଥିଲେ। ଏହି ପ୍ରୟାସରେ ରକ୍ତଚାପ, ସ୍ଥୂଳତା, ସ୍ତନ ଏବଂ ମୁଖ କର୍କଟ, ଗର୍ଭାଶୟ ସ୍ୱାସ୍ଥ୍ୟ ଏବଂ ଗଣ୍ଠି ସମ୍ବନ୍ଧୀୟ ସମସ୍ୟା ପାଇଁ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହା ସହିତ, ପୌଷ୍ଟିକତା, ପରିଷ୍କାର ପରିଚ୍ଛନ୍ନତା, ଋତୁସ୍ରାବ ସ୍ୱାସ୍ଥ୍ୟ, ଚାପ ପରିଚାଳନା, ଅଙ୍ଗଭଙ୍ଗୀ ସଂଶୋଧନ, ଲିଙ୍ଗ ସମାନତା ଏବଂ ଯୌନ ନିର୍ଯାତନା ରୋକିବା ଉପରେ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯୋଗ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ଶାରୀରିକ ସୁସ୍ଥତା ଏବଂ ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିଥିଲା।

# ବୋଲେରୋ ଧକ୍କାରେ ମହିଳା ଶ୍ରମିକ ମୃତ

**ରାଉରକେଲା,୧୭।୧୦(ସମିସ):** ଏକ ଘରୋଇ ପ୍ଲାଣ୍ଟରେ ନିୟୋଜିତ ଥିବା ବୋଲେରୋ ଧକ୍କାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ କଲୁଙ୍ଗା ସ୍ଥିତ ଏସଏଲଏମ ଫ୍ୟାକ୍ଟ୍ରି ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ଗୁଇଭଙ୍ଗା ଗାଁର ମୀନା ଚନ୍ଦନ (୩୮) ଉକ୍ତ ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ସକାଳେ ସାଇକଲ ଯୋଗେ ସେ ସିଫ୍ଟ ଡ୍ୟୁଟି ଯାଉଥିଲେ। ବିପରୀତ ଦିଗରୁ ମହାବୀର ପ୍ଲାଣ୍ଟରେ ଭଡାରେ ଲାଗିଥିବା ବୋଲେରୋ ଆସି ଫ୍ୟାକ୍ଟ୍ରି ସମ୍ମୁଖରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମୀନା ରାସ୍ତାରେ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଫ୍ୟାକ୍ଟ୍ରି ଶ୍ରମିକ ମାନେ ରାସ୍ତାରୋକ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡିଥିଲା। ପରେ ଦୁର୍ଘଟଣା ଘଟାଇ ଥିବା ଗାଡିର ମାଲିକଙ୍କୁ ଥାନାକୁ ଡକାଇ ଆଲୋଚନା କରାଯାଇଥିଲା। କ୍ଷତିପୂରଣ ବାବଦକୁ ୧ ଲକ୍ଷ ଟଙ୍କା ଗାଡି ମାଲିକ ଦେଇଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତା

**କୁତ୍ରା,୧୭।୧୦(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ ନାଏକ ମୁଖ୍ୟ




ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସଦର ଗୋଷ୍ଠୀ ଅଧିକାରୀ ଅଶୋକ ଲାକ୍ରା, ନିରଞ୍ଜନ ରାଉଳ, ତୁନମୁରା ସରପଞ୍ଚ ତରୁଣୀ ସେନ ବରିହା, ହେମନ୍ତ ଦେ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଡ.ଅମରେଶ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଛାତ୍ରଛାତ୍ରୀ ବିଜ୍ଞାନ ଭିତ୍ତିକ ନାଟକ ମାଧ୍ୟମରେ ସୁସ୍ଥ ସମାଜ ଗଠନର ବାର୍ତ୍ତା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜେଏସଡବ୍ଲ୍ୟୁ ସିଏସଆରର ଅଧୀକ୍ଷକ ଅଲେଖ ଦଲାଇ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଚନ୍ଦ୍ରଶେଖର ମା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଶ୍ରାମ ବ୍ଲକ୍‌ର ଉଦିତନଗର ଉଚ୍ଚ ବିଦ୍ୟାଳୟ ପ୍ରଥମ, ନୁଆଁଗା ବ୍ଲକ୍ ଓଏଭି ଦ୍ୱିତୀୟ ଓ ଟାଙ୍ଗରପାଲି ବ୍ଲକ୍‌ର ସର୍ଗିପାଲି ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାତ୍ରୀ ମଞ୍ଚ ପରିଚାଳନା ଓ ଶିକ୍ଷକ ହରେକୃଷ୍ଣ ସାହୁ, ବିକାଶ ଟପ୍ପୋ, କିରନ ଏକ୍କା, କରିସ୍ମା କେରକେଟା, ସୁମିତ୍ରା ବାର୍ଲା, ଉମାଶଙ୍କର ମଲ୍ଲିକ, ମାନଭଙ୍ଗୀ ନାଏକ ପ୍ରମୁଖ ସହଯୋଗ କରିଥିଲେ। ବିଚାରକ ଭାବେ ପ୍ରଶାନ୍ତ ସାହୁ, ରବିନ୍ଦ୍ର ପଣ୍ଡା ଓ ଅର୍ଚ୍ଚନା ସାହୁ ଯୋଗଦେଇଥିଲେ।

# ଆଇଏସ୍‌ଓ ସର୍ଭିଲାନ୍ସ ସମୀକ୍ଷା କମିଟି ପକ୍ଷରୁ ମହିଳା ମହାବିଦ୍ୟାଳୟ ପରିଦର୍ଶନ



**ରାଉରକେଲା,୧୭।୧୦(ସମିସ):** ଆଇଏସଓ ସର୍ଭିଲାନ୍ସ ସମୀକ୍ଷା କମିଟିର ଏକ ପ୍ରତିନିଧି ଦଳ ଆଜି ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟକୁ ଦିନିକିଆ ଗସ୍ତରେ ଆସି ମହାବିଦ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ କରିଥିବା ସୂଚନା ମିଳିଛି। ସମୀକ୍ଷା କମିଟି ପ୍ରତିନିଧି ଦଳର ଅଧ୍ୟକ୍ଷ ଚିରଞ୍ଜୀବ ଜାନା ଏବଂ ଅନ୍ୟ ସଦସ୍ୟ ଶୁଭ ହାଲଦାର ପହଞ୍ଚିବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶୋକ ବେଉରା ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମହାବିଦ୍ୟାଳୟର ଆନ୍ତରିକ ଗୁଣବତ୍ତା କକ୍ଷରେ ଆଇକ୍ୟୁଏସି ସଂଯୋଜକ ସପନ ପଣ୍ଡା ମହାବିଦ୍ୟାଳୟର ବିଭିନ୍ନ ତଥ୍ୟ ପିପିଟି ଜରିଆରେ ଟିମ ସଦସ୍ୟଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଶିକ୍ଷା ପଦ୍ଧତି ସମ୍ବନ୍ଧରେ ଇଂରାଜୀ ଅଧ୍ୟାପିକା ଆକାଂକ୍ଷା ଲାକ୍ରା ଉପସ୍ଥାପିତ କରି ଟିମର ଦୃଷ୍ଟି ଆକର୍ଷଣ କରିଥିଲେ। ଗୃହବିଜ୍ଞାନ ଅଧ୍ୟାପିକା ସସ୍ମିତା ଦଣ୍ଡସେନା ଶକ୍ତି ସମ୍ବନ୍ଧୀୟ ତଥ୍ୟ ରଖିଥିଲା ବେଳେ ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ମୁସ୍କାନ ସାହୁ ମହାବିଦ୍ୟାଳୟର ପରିବେଶ ବିକାଶ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିଥିଲେ। ଆଇଏସଓ କମିଟି ସଦସ୍ୟ ଦ୍ୱୟ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ରାଜନୀତି ବିଜ୍ଞାନ ବିଭାଗ ପରିଦର୍ଶନ କରିଥିଲେ। ଶିକ୍ଷା ପଦ୍ଧତିର ବିଭିନ୍ନ ପଦ୍ଧତିକୁ ଅନୁଧ୍ୟାନ କରିବା ସହ ଲେସନ ପ୍ଲାନ, ନିୟମିତ ଉପସ୍ଥାନ, ସ୍ମାର୍ଟ ବୋର୍ଡ ବ୍ୟବହାର, ବାଓ ମେଟ୍ରିକର ବ୍ୟବହାର ପଦ୍ଧତି ପ୍ରଣାଳୀକୁ ଦେଖିଥିଲେ। ଏତଦ୍‌ବ୍ୟତୀତ ପରୀକ୍ଷା ପରିଚାଳନା ପଦ୍ଧତି, ସିସି କ୍ୟାମେରା, ବିତ୍ତୀୟ ପରିଚାଳନା, ପାଠାଗାର, ଭାରତୀୟ ରେଡକ୍ରସ, ଏନସିସି, ଏନଏସଏସ ଆଦିକୁ ଅନୁଧ୍ୟାନ କରିଥିଲେ। ସେମିନାର କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ସପନ ପଣ୍ଡା ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶୋକ ବେଉରା ଅଧିକରୁ ଅଧିକ ଗୁଣାତ୍ମକ ପଦ୍ଧତିକୁ ଗ୍ରହଣ କରିବା ଉପରେ ଜୋର ଦେଇଥିଲେ। ସମୀକ୍ଷା କମିଟିର ଅଧ୍ୟକ୍ଷ ଶ୍ରୀ ଜାନା ମହାବିଦ୍ୟାଳୟ ଶିକ୍ଷା ପଦ୍ଧତି ପ୍ରଣାଳୀକୁ ପ୍ରଶଂସା କରିବା ସହ ଏହାକୁ ଆହୁରି ଉନ୍ନତ କରିବା ପାଇଁ ଯତ୍ନବାନ ହେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପିକା ଡ.ସସ୍ମିତା ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଆକାଂକ୍ଷା ଲାକ୍ରା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

# ଘାଗରାଇ ନାଳରେ ୨ ସ୍କୁଲ ଛାତ୍ରଙ୍କ ସଲିଳ ସମାଧି

**ରାଉରକେଲା,୧୭।୧୦(ସମିସ):** ସ୍ଥାନୀୟ ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ବିରକେରା ଗାଁରେ ଥିବା ଘାଗରାଇ ନାଳରେ ବୁଡି ୨ ଜଣ ସ୍କୁଲ ଛାତ୍ରଙ୍କ ସଲିଳ ସମାଧି ଘଟିଥିବା ବେଳେ ଅନ୍ୟ ୪ ଜଣ ଛାତ୍ରଙ୍କୁ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଦ୍ୱୟ ହେଉଛନ୍ତି ସେକ୍ଟର -୧୫ ଅଞ୍ଚଳର ଓମ୍ ସୁନା ଓ ସେକ୍ଟର -୧ ଅଞ୍ଚଳର ଅନୁରାଗ ଦାସ। ସେମାନେ ସେକ୍ଟର-୨୦ ସ୍ଥିତ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୦ମ ଶ୍ରେଣୀର ଛାତ୍ର ଥିଲେ। ଶୁକ୍ରବାର ସକାଳ ପ୍ରାୟ ୧୧ଟା ବେଳେ ବିଦ୍ୟାଳୟର ୬ ଜଣ ଛାତ୍ର ଘରେ ମିଛ କହି ବିରକେରା ଗାଁରେ ଥିବା ଘାଗରାଇ ନାଳକୁ ବୁଲିବାକୁ ଯାଇଥିଲେ। ସମସ୍ତେ ପାଣିରେ ପଶି ଗାଧୋଇବା ସହ ସେଲଫି ନେଇଥିଲେ। ଏହି ସମୟରେ ଓମ୍ ସୁନା ଓ ଅନୁରାଗ ଦାସ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ହଠାତ୍ ସମସ୍ତେ ପାଣିରେ ବୁଡିବାକୁ ଲାଗିବାରୁ ଚିତ୍କାର କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଅଭିଜିତ ହୋବୋ, ସୁମିତ ସେଠ୍, ଅଭିଷେକ ସାହୁ ଓ ପ୍ରିତମ ହାସଂଦାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହାର କିଛି ଘଣ୍ଟା ପରେ ଓମ୍ ଓ ଅନୁରାଗଙ୍କୁ ଉଦ୍ଧାର କରାଯାଇ ଥିଲା। ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ଡାକ୍ତର ଓମ୍ ଓ ଅନୁରାଗଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତ ଛାତ୍ର ବୟସ ୧୫ ରୁ ୧୬ ବର୍ଷ ବୋଲି ଜଣାପଡ଼ିଛି। ମୃତ ଛାତ୍ର ଅନୁରାଗ କଲ୍ୟାଣୀରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ କମଳାକାନ୍ତ ଦାସଙ୍କ ପୁଅ ଏବଂ ଓମ୍ ବାବୁଲି ସୁନାଙ୍କ ପୁଅ ବୋଲି ସୂଚନା ମିଳିଛି। ଆଜି ସଂଧ୍ୟାରେ ଉଭୟ ଛାତ୍ରଙ୍କ ଶବ ଆରଜିଏଚକୁ ଅଣା ଯାଇଥିବା ବେଳେ ଆରଜିଏଚ ପରିସରରେ ଶହ ଶହ ଲୋକ ରୁଣ୍ଡ ହେବା ସହ କାନ୍ଦ ବୋବାଳିରେ ଫାଟି ପଡିଥିଲା। ଆସନ୍ତା କାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

**ଅଳ୍ପକେ ବର୍ତ୍ତିଲେ ୪**




## କମୁଛି ମାଟି ଦୀପର ଚାହିଦା

# ଚାଇନା ଲାଇଟ୍ ଛଡ଼ାଇ ନେଉଛି ବେପାର

ବଣାଇଁ,୧୭।୧୦(ସମିସ)



ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି। ଅନ୍ଧାରରୁ ଆଲୋକ ଦେଇଥାଏ ଦୀପ। ପ୍ରାଚୀନ କାଳରୁ ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାବେ ଦୀପର ସ୍ୱତନ୍ତ୍ର ପରିଚୟ ରହିଛି। ମନ୍ଦିର ଠାରୁ ଆରମ୍ଭ କରି ପୂଜାପର୍ବାଣୀରେ ମାଟି ଦୀପ ଖୋଜା ପଡ଼ିଥାଏ। ହେଲେ ବଜାରରେ ଏବେ ଚାଇନା ଜିନିଷ ପାଇଁ ଏହାର ଚାହିଦା କମିଛି। ଏହି ଅବସରରେ ଦୀପ ବିକ୍ରି କରି କିଛି ଭଲ ରୋଜଗାର ପାଇଁ ଆଶା ବାନ୍ଧିଛନ୍ତି ବଣାଇଁ ଅଞ୍ଚଳର କୁମ୍ଭକାର ଦୀପ ବ୍ୟବସାୟୀ। ହେଲେ ବଣାଇଁ ବଜାରକୁ ରାଜ୍ୟ ବାହାରୁ ବିଭିନ୍ନ ରକମର ଦୀପ ଆସୁଥିବାରୁ ମାଟି ଦୀପ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଫଳରେ ନିଜର କୌଳିକ ବୃତ୍ତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମାଟି ଦୀପ ବ୍ୟବସାୟୀ। ପାର୍ବଣ ଋତୁରେ ଦୀପର ଚାହିଦା ବେଶ୍ ବଢ଼ିଯାଏ। ଧାର୍ମିକ ମାସ କାର୍ତ୍ତିକରେ ଲୋକେ ପ୍ରତିଦିନ ଘର ଅଗଣାରେ ମାଟି ଦୀପ ଜାଳିବା ସହ ମନ୍ଦିରକୁ ମଧ୍ୟ ନେଇଥାନ୍ତି। ଏଥିସହ ଏହି ମାସରେ ପଡ଼େ ଦୀପର ମହାପର୍ବ ଦୀପାବଳି। କିନ୍ତୁ ପରିବର୍ତ୍ତିତ ଆଧୁନିକ

**ସଂକଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି**

ଚଳଣୀରେ ମାଟି ଦୀପ ପ୍ରତି ଲୋକଙ୍କ ଆଗ୍ରହ କମିବାରେ ଲାଗିଛି। ଲୋକେ ଚାକଚକ୍ୟରେ ଦୀପାବଳି ପାଳନ ପାଇଁ ଧୀରେ ଧୀରେ ଦୀପ ଜାଳିବା ପରମ୍ପରାକୁ ଅଣଦେଖା କରୁଛନ୍ତି। ମାଟି ଦୀପର ସ୍ଥାନ ନେଲାଣି ରଙ୍ଗ ବେରଙ୍ଗ ଚାଇନା ଲାଇଟ୍ ମାଳ। ପୁଣି ରାଜ୍ୟ ବାହାରୁ ଆସୁଥିବା ଦୀପ ବିକ୍ରି ମଧ୍ୟ ବଢୁଛି। ଫଳରେ ବହୁ କୁମ୍ଭକାର ପରିବାର ନିଜର କୌଳିକ ବୃତ୍ତି ଛାଡ଼ିବାକୁ ବସିଲେଣି।

# ଏନ୍‌ଆଇଟିରେ ବିଶ୍ୱ ଖାଦ୍ୟ ଦିବସ ଉଦ୍‌ଯାପିତ

**ରାଉରକେଲା,୧୭।୧୦(ସମିସ):** ଏନଆଇଟି ରାଉରକେଲାର ଟିଆଇଆଇଆର ଅଡିଟୋରିୟମ୍‌ରେ ଫୁଡ୍ ପ୍ରୋସେସ ଇଞ୍ଜିନିୟରିଂ ବିଭାଗ ଦ୍ୱାରା, ଆସୋସିଏସନ୍ ଅଫ୍ ଫୁଡ୍ ସାଇଣ୍ଟିଷ୍ଟସ ଆଣ୍ଡ ଟେକ୍ନୋଲୋଜିଷ୍ଟସ ଅଫ୍ ଇଣ୍ଡିଆ ରାଉରକେଲା ଚାପ୍ଟର ଏବଂ ଫୁଡ୍ ଟେକ୍ ସୋସାଇଟିଙ୍କ ସହଯୋଗରେ ୪୫ତମ ବିଶ୍ୱ ଖାଦ୍ୟ ଦିବସ



୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଦେଶର ପ୍ରମୁଖ ବିଶେଷଜ୍ଞ, ଗବେଷକ ଏବଂ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଖାଦ୍ୟ ସୁରକ୍ଷା ଓ ସ୍ଥାୟିତ୍ୱ ନିମନ୍ତେ ନୂତନ ଉପାୟ ଉପରେ ଚର୍ଚ୍ଚା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରଫେସର ରାମଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆଇଆଇଟି ଖଡଗପୁରର ପ୍ରଫେସର ହେମନ୍ତ ନାରାୟଣ ମିଶ୍ର ଆଜି ବି ବିଶ୍ୱରେ ପ୍ରାୟ ୭୦ କୋଟି ଲୋକ ଖାଲି ପେଟରେ ଶୋଉଥିବା ସମସ୍ତଙ୍କ ପାଇଁ ଆହ୍ୱାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମୁମ୍ବାଇର ଗ୍ଲୋବାଲ ଆରଏଣ୍ଡଡି, ପାର୍ଲେ ବିସ୍କିଟ୍ସ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ପ୍ରତାପ ସ୍ୱାଇଁ ଉପସ୍ଥିତ ଥିଲେ। ବିଭାଗର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ମିଶ୍ର ବିଶ୍ୱରେ ୩୦ରୁ ୩୫% ଖାଦ୍ୟ ଅପଚୟ ହେଉଥିବା କଥା ସୂଚାଇଥିଲେ। ଏସଏସି ସଭାପତି ପ୍ରଫେସର ରାଜୀବ ପଣ୍ଡା, ପ୍ରଫେସର ଦିବ୍ୟକାନ୍ତ ସେଠ ଓ ପ୍ରଫେସର ୱିଭେକ ମଧ୍ୟ ନିଜ ମତାମତ ରଖିଥିଲେ। ପ୍ରଫେସର ୱିନି ରାଉତରାୟଙ୍କ ସମେତ ବିଭିନ୍ନ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଫେସର ମଧୁରେଶ ଦ୍ୱିବେଦୀ ଧନ୍ୟବାଦ ଜଣାଇଥିଲେ।

ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ଫୁଡ୍ ଟେକ୍ ସୋସାଇଟି, ସାକ ଦ୍ୱାରା ଆୟୋଜିତ କୁଇଜ୍ ଓ କେସ୍ ଷ୍ଟଡି ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ବିଶେଷ ଅଧିବେଶନ, ଅଭିଜ୍ଞ ଉପସ୍ଥାପନା ଓ ଆନ୍ତର୍କ୍ରିୟାତ୍ମକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଫେସର ଏଚଏନ୍ ମିଶ୍ର 'ପୁଷ୍ଟିକରଣ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଖାଦ୍ୟ ଟେକ୍ ନବସୃଜନ-ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଷ୍ଟାର୍ଟଅପ୍ ସୁଯୋଗ ଏବଂ ଚ୍ୟାଲେଞ୍ଜ' ଉପରେ ଆଲୋଚନା କରିଥିଲେ। ପ୍ରତାପ ସ୍ୱାଇଁ ସ୍ଥାୟୀ ଖାଦ୍ୟ ଶୃଙ୍ଖଳା ବିକାଶର ଗବେଷଣା ଏବଂ ବିକାଶ ଦୃଷ୍ଟିକୋଣ ଉପରେ ଏକ ଶିଳ୍ପଭିତ୍ତିକ ଆଲୋଚନା କରିଥିଲେ।

■ ନୂଆପଡ଼ା ଉପନିର୍ବାଚନ

# ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ସିଇଓଙ୍କ ଗୁରୁତ୍ୱ

**ନୂଆପଡ଼ା, ୧୭ ।୧୦(ସମିସ):** ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନିକ ପ୍ରସ୍ତୁତି, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଅନ୍ୟାନ୍ୟ ସମସ୍ତ ସମ୍ପର୍କିତ ଦିଗଗୁଡ଼ିକର ସମୀକ୍ଷା କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ. ଗୋପାଳନ, ଅତିରିକ୍ତ ଡିଜିପି ଏବଂ ରାଜ୍ୟ ପୁଲିସ ନୋଡାଲ୍ ଅଧିକାରୀ ସଞ୍ଜୟ କୁମାର, ଭାରତୀୟ ନିର୍ବାଚନ କମିଶନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଜି ନୂଆପଡ଼ା ଗସ୍ତ କରିଥିଲେ। ସିଇଓ ଶ୍ରୀ ଗୋପାଳନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କମିଶନର ଏବଂ ବରିଷ୍ଠ ଅଧିକାରୀମାନେ ଏକ ମୁକ୍ତ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପାଇଁ ପ୍ରସ୍ତୁତି କରିଥିଲେ। ସି-ଭିଜିଲ୍ ଆପ୍ ମାଧ୍ୟମରେ ମିଳିଥିବା ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ୨୪%୭ ନିୟନ୍ତ୍ରଣ କକ୍ଷ/ସହାୟତା ଡେସ୍କର ପ୍ରଭାବଶାଳୀ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟ ନିର୍ବାଚନ ଅଧିକାରୀ କହିଥିଲେ ଯେ ଉପନିର୍ବାଚନରେ ସେବା କରିବା ସର୍ବଦା ଏକ ମହାନ ସୁଯୋଗ। ଏହି ଉପନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ପୁଲିସ କର୍ମଚାରୀମାନେ ସମ୍ପୂର୍ଣ୍ଣ ନିରପେକ୍ଷତା, ସାଧୁତା ଏବଂ ସମର୍ପଣର ସହିତ ସେମାନଙ୍କର ନ୍ୟସ୍ତ ଦାୟିତ୍ୱ ନିର୍ବାହ କରିବା ଉଚିତ, ଯାହା ଦ୍ୱାରା ଗଣତନ୍ତ୍ରକୁ ସୁଦୃଢ଼ କରାଯିବ ଏବଂ ନିର୍ବାଚନ କମିଶନର ପ୍ରତିଷ୍ଠା ବୃଦ୍ଧି ପାଇବ। ନିର୍ବାଚନ ସମୟରେ ଟଙ୍କା, ମଦ, ଶାଢ଼ି କିମ୍ବା ଅନ୍ୟାନ୍ୟ ପ୍ରଲୋଭନ ବଣ୍ଟନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଲୋଭିତ କରିବାର ଯେକୌଣସି ପ୍ରୟାସ ଉପରେ କଡ଼ା ନଜର ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଆଗାମୀ ଉପନିର୍ବାଚନ ପାଇଁ ପ୍ରଶାସନିକ ବ୍ୟବସ୍ଥା ଉପରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। ଏସ୍‌ପି ଅମୃତ ପାଲ ସିଂହ ଜିଲ୍ଲାରେ ନିଆଯାଇଥିବା ସମସ୍ତ ଆଇନ ଶୃଙ୍ଖଳା ପଦକ୍ଷେପ ସମ୍ପର୍କରେ ଏକ ପାୱାରପଏଣ୍ଟ ଉପସ୍ଥାପନା କରିଥିଲେ। ସିଇଓ ଏବଂ କେନ୍ଦ୍ରୀୟ ଅଧିକାରୀମାନେ ବିସ୍ତୃତ ପ୍ରସ୍ତୁତି ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ପ୍ରମୁଖ ସଚିବ ଏସ୍ ବି. ଜୋଷୀ, ଡିଆଇଜି କୁନୱର ବିଶାଳ ସିଂହ, ସୁଜିତ କୁମାର ମିଶ୍ର ଇସିଆଇ ସଚିବ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର ଏବଂ ପ୍ରମୋଦ କୁମାର ସାହୁ ଅତିରିକ୍ତ ସଚିବ, ଜିଲ୍ଲାପାଳ, ଏସ୍‌ପି ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




ନୂଆପଡ଼ା ଉପନିର୍ବାଚନ

# କଂଗ୍ରେସକୁ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ

**ନୂଆପଡ଼ା, ୧୭ ।୧୦(ସମିସ)**

ନୂଆପଡ଼ା ଉପନିର୍ବାଚନ ସକାଶେ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସର ଦଳୀୟ ଟିକଟ ଘୋଷଣା ହେବାପରେ ମୁଖ୍ୟମନ୍ତ୍ରୀ

## ପୁରୁଣା -ନୂଆ ବିଜେପି ମଧ୍ୟରେ ଖାଉନି ତାଳମେଳ

ମୋହନ ଚରଣ ମାଝୀ ଗୁରୁବାର ନୂଆପଡ଼ା ଆସି ଜୟଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ଭାଷଣରେ କଂଗ୍ରେସକୁ ଟାର୍ଗେଟ କରି ଲଢେଇ କେବଳ ତାଙ୍କ ସହ ହେବବୋଲି ଆହ୍ୱାନ ଦେଇଛନ୍ତି। ହେଲେ ଜୟଙ୍କ ବିଜେପିରେ ଯୋଗଦାନ ପରେ ଦୁଇ ଦଳରେ ଅଶାନ୍ତର ବହ୍ନି ଶାନ୍ତ ହୋଇ ନ ଥିବା ଏହି ବୈଠକରୁ ସ୍ପଷ୍ଟ ବାରି ହୋଇପଡୁଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ଯେଉଁଳି ଭିଡ଼ ହେବା କଥା ତାହା ହୋଇ ନ ଥିଲା। ଚୌକି ଖାଲି ପଡ଼ିଥିବାବେଳେ ପ୍ରବଳ ଖରାରେ ଯୋଗଦାନ କରିଥିବା ଲୋକଙ୍କ ପାଇଁ ପାଣି ଟିକକ ମିଳି ନ ଥିଲା। ପାଣି ପାଇଁ ଲୋକେ ତହକବିକଳ ହୋଇଥିବା ଦେଖାଯାଇଥିଲା।

ପ୍ରକାଶ ଯେ ଗୁରୁବାର ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ସମୟରେ ଗୋତମା ସ୍ଥିତ ହେଲିପ୍ୟାଡରେ ଅବତରଣ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ କାର୍ଯ୍ୟକ୍ରମରେ ୩୦ହଜାର ଲୋକଙ୍କ ସକାଶେ ବସିବା ବ୍ୟବସ୍ଥା କରାଯାଇଥିଲା। ଦିନ ୧୨ଟାଯାଏଁ ତନି ଭାଗରୁ ଭାଗେ ସିଟ୍ ଖାଲିପଡ଼ିଥିଲା। ଏହି ଖବର ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେଲିପ୍ୟାଡରେ ଦୀର୍ଘ ଘଣ୍ଟାଏ କାଳ ଅଟକି ରହିଥିଲେ। ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ମିଶ୍ରଣ ପର୍ବରେ ଯୋଗ ଦେଇଥିବା ନବାଗତମାନଙ୍କୁ ସ୍ୱାଗତ କରିଥିଲେ।



## ଢୋଲକିଆଙ୍କ ଗୁଣଗାନ କଲେ ମୁଖ୍ୟମନ୍ତ୍ରୀ, ବସନ୍ତ କହିଲେ ଦୁର୍ନୀତି ହୋଇଥିଲା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବାଗତ ଜୟଙ୍କ ପାଇଁ ଭୋଟ ଭିକ୍ଷା କରି ବିଗତ ଦିନମାନଙ୍କରେ ଜୟଙ୍କ ବାପା ସ୍ୱର୍ଗୀୟ ବିଧାୟକ ରାଜେନ୍ଦ୍ର ଢୋଲକିଆ ବହୁତ ଭଲ କାମ କରିଥିଲେ। ତାଙ୍କର ଅଧୁରା ସ୍ୱପ୍ନକୁ ଆମେ ପୂରଣ କରିବୁ ବୋଲି କହିଥିବାବେଳେ ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା ତାଙ୍କ ଅଭିଭାଷଣରେ ଗତ ସରକାର ସମୟରେ ନୂଆପଡ଼ାରେ ସାର ଘୋଟାଲା ହୋଇଥିଲା ବୋଲି ପରୋକ୍ଷରେ ଢୋଲକିଆ ପରିବାରକୁ ଇଙ୍ଗିତ କରିଥିଲେ। ଏହାକୁ ସାଧାରଣରେ ପଣ୍ଡାଙ୍କ ଟିକଟ ବିବାଦର ଅସନ୍ତୋଷ ବାହାରୁଛି ବୋଲି ଚର୍ଚ୍ଚା କରୁଛନ୍ତି।

## ବିଜେପିର ଅସନ୍ତୋଷରୁ ସିଟ୍ ଖାଲିପଡ଼ିଥିଲା

ବିଗତ ଦିନମାନଙ୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ୨୦/୩୦ହଜାର ଲୋକଙ୍କ ସମାଗମ ହେଉଥିଲା। ହେଲେ ବର୍ତ୍ତମାନ ବିଜେପିର ଟିକଟ ବଣ୍ଟନ ଏପିସୋଡ ପରେ ଦଳୀୟ ଅସନ୍ତୋଷ ପଦାରେ ପଡୁଛି। ଗୁରୁବାର ୩୦ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ହେଲେ କୁଆଡେ ପୁରୁଣା ବିଜେପି କାର୍ଯ୍ୟକର୍ତ୍ତା, ପଦାଧିକାରୀଙ୍କ ଅସହଯୋଗ ଯୋଗୁଁ ବାଟରୁ ଲୋକେ ଫେରିଯାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। କୋମନା ବ୍ଲକ ଘାଟିପଡ଼ାରୁ ଅଧା ଲୋକ ଫେରିଯାଇଥିବା ଖବର ମିଳିଛି। ଖବର ନେବାରୁ ଜୟ-ବିଜେପିଙ୍କୁ କୁଆଡେ ଲୋକ ଆଣିବାକୁ କୁହାଯାଇ ନ ଥିଲାବେଳେ କେବଳ ପୁରୁଣା ବିଜେପିକୁ ପୁରା ଦାୟୀତ୍ୱ ଦିଆଯାଇଥିଲା। ହେଲେ ଦୁହିଁଙ୍କ ଭିତରେ କୌଣସି ନା କୌଣସି ଜାଗାରେ ଖାପଛଡା କିମ୍ବା କିଛି ନିର୍ଦ୍ଦିଷ୍ଟ ମୁଖିଆଙ୍କ ଇଙ୍ଗିତ ଯୋଗୁଁ ଲୋକ ସଂଖ୍ୟା ମାତ୍ର ୧୦/୧୫ହଜାର ଭିତର ସୀମିତ ହୋଇଗଲା। ଅନ୍ୟପକ୍ଷେ ଲୋକଙ୍କ ପାଇଁ ପାଣି ବ୍ୟବସ୍ଥା ମଧ୍ୟ ଠିକ ଭାବରେ କରାଯାଇ ନ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଚାଲିଥିବା ସମୟରେ ଗ୍ୟାଲେରୀ ଖାଲି ହେବାରେ ଲାଗିଥିଲା। ଏସବୁକୁ ନିୟନ୍ତ୍ରଣ କରିବାକୁ ସତେକି କେହି ନଥିବା ପରିଲକ୍ଷିତ ହେଉଥିଲା। ବଡ ବଡ଼ିଆ ଖାଲି ମଞ୍ଚରେ ରହିଥିବାବେଳେ ଏଭଳି ଅବସ୍ଥାକୁ ଦେଖିବାକୁ ଲୋକ ନଥିଲେ।

# କାଣିଗୁମାର ହାଇସ୍କୁଲରେ ଶିଶୁ ମହୋତ୍ସବ 'ସୁରଭି'



**ଥୁଆମୂଳ ରାମପୁର, ୧୭ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମା ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି' ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଣିଗୁମା କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଧ୍ରୁବକାନ୍ତ ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଥୁଆମୂଳ ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ, ସମାଜ ସେବୀ ଉପେନ୍ଦ୍ର ନାଏକ ଏବଂ ଲାଲ ନାଏକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସି.ଆର୍.ସି.ସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ସୁରଭି' କାର୍ଯ୍ୟକ୍ରମ ବିଦ୍ୟାଳୟ ଅଧ୍ୟକ୍ଷ ଶିବ ଶଙ୍କର ରାଏ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ସୁଧାଂଶୁ ଶେଖର ମହାପାତ୍ର ଏବଂ ମୋତିଲାଲ ବାଗ। ଆୟୋଜକ କାଣିଗୁମା ହାଇସ୍କୁଲ ସମେତ ୧୩ ଗୋଟି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିନିଧିତ୍ୱ କରି ପରିଚାଳନା ରେ ସହଯୋଗ କରିଥିଲେ।

# ମାଓବାଦୀ କ୍ୟାମ୍ପ ଠାବ, ବିପୁଳ ମାଓ ସାମଗ୍ରୀ ଜବତ

**ନୂଆପଡ଼ା, ୧୭ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ଓଡ଼ିଶା - ଛତିଶଗଡ଼ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ମେନପୁର ଥାନା ଭାଲୁଡିଗୀ ଜଙ୍ଗଲରେ ଏକ ମାଓ କ୍ୟାମ୍ପ ଠାବ ହୋଇଛି। ଏହି କ୍ୟାମ୍ପରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି। ବିଶେଷ ସୂତ୍ରରୁ ସୂଚନା ପାଇ ସିଆରପିଏଫ ଓ ଛତିଶଗଡ଼ ପୁଲିସ ଭାଲୁଡିଗୀ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସର୍ଚ୍ଚିଂବେଳେ ଏକ ମାଓକ୍ୟାମ୍ପ ଠାବ ହୋଇଥିଲା। ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିଲା। ମାଗାଜିନ୍ ପୋଚ, ଔଷଧ, ଆଦି ରହିଥିବା ଜଣାପଡ଼ିଛି। ଏହା ସୁନାବେଡ଼ା - ଧରମବନ୍ଧା - ଖୋଲିଭିତର ଏରିଆ କମିଟିର କ୍ୟାମ୍ପ ବୋଲି ପୁଲିସ କହିଛି। ଆଗକୁ ନିର୍ବାଚନ ପାଖେଇ ଆସୁଥିବାବେଳେ ମାଓବାଦୀ ମାନେ ବାରମ୍ବାର ତାଙ୍କର ନୂଆଁ ନୂଆଁ କ୍ୟାମ୍ପ ଅବସ୍ଥାପିତ କରିବା ପୁଲିସ ଗୁଇନ୍ଦା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି।



## ସମାଜ ଭବନ ଲାଗି ପଣ୍ଡରା ମାଲି ସେବା ସଂଘକୁ ଜମି ଦାନ

**କୋକସରା, ୧୭ ।୧୦ (ସମିସ):** କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଅଧୀନ ସୁନାମାଲ ଗ୍ରାମର ଖୁସିରାମ ନାଏକ ୫ ଡେସିମିଲ ଜମି ବ୍ଲକ ପଣ୍ଡରା ମାଲି ସେବାସଙ୍ଘ ସମାଜ ଭବନ ନିର୍ମାଣ ନିମନ୍ତେ ଦାନ କରିଛନ୍ତି। ଏନେଇ ଆଜି ତହସିଲ କାର୍ଯ୍ୟାଳୟଠାରେ ସେବା ସଂଘର କର୍ମୀମାନଙ୍କ ଉପସ୍ଥିତିରେ ଜମି ରେଜିଷ୍ଟ୍ରେସନ ହୋଇଛି। ଏହି ସମୟରେ ପଣ୍ଡରା ମାଲି ସେବାସଙ୍ଘ ସଭାପତି ଭଜମନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ବୋଡକିଆ, କୋଷାଧ୍ୟକ୍ଷ ସୁବାଷ ନାଏକ, ଗୋବର୍ଦ୍ଧନ ନାଏକ, ହରିଶ୍ଚନ୍ଦ୍ର ନାଏକ, ଚୌଧୁରୀ ନାଏକ, ଦୁର୍ବଳ ଲିମଗୋଛିଆ, ବୀର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଜମି ଦାତା ଖୁସିରାମକୁ ପଣ୍ଡରା ମାଲି ସେବା ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ, ଯୁବକ ଗିରଫ

**ରିଆମାଳ, ୧୭।୧୦(ସମିସ):** ରିଆମାଳ ଥାନାଞ୍ଚଳରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରେମ ପରେ ଶାରୀରିକ ସମ୍ପର୍କ ଓ ପରେ ବିବାହ ନ କରିବା ଅଭିଯୋଗରେ ପୁଲିସ ଜଣେ ୨୦ ବର୍ଷିୟ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ପୀଡିତାଙ୍କ ସହ ଧରମପୁର ଗାଁର ଅଭିଯୁକ୍ତ ଯୁବକ ଜଣକ ଏକ ବର୍ଷ ହେଲା ଗୋଟିଏ ଶ୍ରେଣୀରେ ପାଠ ପଢୁଥିଲା। ପଢ଼ିବା ବେଳେ ପ୍ରେମ ସମ୍ପର୍କ ରଖି ଯୁବତୀର ଘରକୁ ଯିବା ଆସିବା କରୁଥିଲା। ଘରେ କେହି ନ ଥିବା ବେଳେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏହାପରେ ଝଗଡ଼ା କରି ବିବାହ ପାଇଁ ମନା କରିଥିଲା। ଦୁଷ୍କର୍ମର ଶିକାର ହୋଇ ଯୁବତୀ ଜଣଙ୍କ ରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ୬୪୭ ନକଲି ମଦ ବୋତଲ ଜବତ; ୩ ଗିରଫ

**ଭବାନୀପାଟଣା, ୧୭ ।୧୦ (ସମିସ):** ଭବାନୀପାଟଣା ସଦର ରେଞ୍ଜ ଅଧୀନ ମାଡ଼ିଙ୍ଗ ଛକଠାରେ ଶୁକ୍ରବାର ସନ୍ଧ୍ୟାରେ ନକଲି ବିଦେଶୀ ମଦ ଚାଲାଣ ହେଉଥିବା ଖବରପାଇ କଳାହାଣ୍ଡି ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ସମୟରେ ଏକ କାର୍ ଭିତରେ ୭୭.୯୧୯ ଲିଟର ବିଦେଶୀ ନକଲି ମଦ ଜବତ କରାଯିବା ସହ ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଏହି ଅଭିଯୁକ୍ତମାନେ ବିପିନ କୁମାର ଗୁପ୍ତା, କମଳେଶ କୁମାର ଓ ଦିନୁ କୁମାର। ସମସ୍ତେ ଝାଡଖଣ୍ଡ ରାଜ୍ୟ ପଲାମୁ ଜିଲ୍ଲାର ହୋଇଥିବାବେଳେ ସେମାନେ ଏହି ବିଦେଶୀ ନକଲି ମଦକୁ କଣ୍ଟାବାଞ୍ଜି ଦେଇ କଳାହାଣ୍ଡି ଜିଲ୍ଲାକୁ ଆଣୁଥିବା ପ୍ରକାଶ। ଅବକାରୀ ପୁଲିସ ନକଲି ମଦ ସହିତ ୫୪୮ଟି ଠିପି, ୩ଟି ମୋବାଇଲ ଏବଂ ହ୍ୟୁଣ୍ଡାଇ ଭେନୁସ ଏସଏକ୍ସ କାର୍ ଜବତ କରିଛି। ଅଭିଯୁକ୍ତମାନଙ୍କୁ ଏସଡିଜେଏମ୍ କୋର୍ଟକୁ ହାଜର କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।









ସକାଳ
THE SAKALA

# ଚାଉଳ ବୋଝ

ସଂଗ୍ରହ ପ୍ରକ୍ରିୟାକୁ ସଂପ୍ରସାରିତ ଓ ଶୃଙ୍ଖଳିତ କରି ଅଧିକରୁ ଅଧିକ ପରିମାଣର ଧାନ ସଂଗ୍ରହ ସକାଶେ ସରକାରଙ୍କ ଉପରେ ଚାଷୀ ସମୁଦାୟ ଚାପ ପ୍ରୟୋଗ କରୁଥିବା ବେଳେ ରାଜ୍ୟରେ ମହଜୁଦ ବ୍ୟବସ୍ଥା ନ ଥିବାରୁ ଶାସନକଳ ବ୍ୟସ୍ତ ଓ ବିବ୍ରତ। ଭାରତ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଇ ନଥିବାରୁ ତାହାର ସଦୁପଯୋଗ ହୋଇପାରୁନି। ଶେଷରେ ସଂଗୃହୀତ ଚାଉଳ ପଡ଼ି ପଡ଼ି ସଢ଼ିଯିବା ସାର ହେବ। ଡବଲ୍ ଇଞ୍ଜିନ୍ ସରକାରରେ ମଧ୍ୟ ରାଜ୍ୟ ସରକାରଙ୍କ ଚାପ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଏମିତିରେ ଖାଦ୍ୟ ନିଗମ ରାଜ୍ୟରୁ ସଂଗ୍ରହ କରିଥିବା ଚାଉଳ ବାବଦ ଦେୟ ୮୦୦୦ କୋଟି ଟଙ୍କା ଦୀର୍ଘ ଦିନ ଧରି ବକେୟା ପକେଇ ରଖିଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟକୁ ତାହା ମିଳୁନି। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ସରକାର ଆଗାମୀ ଖରିଫ ଋତୁରେ ଚାଉଳ ସଂଗ୍ରହକୁ କେତେ ଦୂର ଗୁରୁତ୍ୱ ଦେବେ ସେନେଇ ସନ୍ଦେହ ଉପୁଜିଛି। କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସନ କାର୍ଡଧାରୀଙ୍କୁ ଇ-କେୱାଇସି ଦାଖଲ କରିବାର ବାଧ୍ୟବାଧକତା ରହିଛି। ସେପ୍ଟେମ୍ବର ୩୦ ତାରିଖ ଥିଲା ଏହାର ଶେଷ ଅବଧି। ଏଥିରେ ବ୍ୟତିକ୍ରମ କରିଥିବା ପ୍ରାୟ ୧୫.୬୭ ଲକ୍ଷ ହିତାଧିକାରୀ ଆଗାମୀ ଦିନରେ ମାଗଣା ଚାଉଳ ପାଇବାକୁ କେତେଦୂର ହକ୍‌ଦାର ହେବେ ସେ ନେଇ ସ୍ୱୟଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହି ଜଟିଳ ପରିସ୍ଥିତିରେ ସରକାରଙ୍କ ଅସହାୟତା ବାରି ହୋଇପଡୁଛି।

ନଭେମ୍ବର ମାସରୁ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ - ଏଭଳି ଏକ ସୂଚନା ଦେଇ ସରକାର ଖାଉଟିଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ଯେତେଯାହା ହେଲେ ମଧ୍ୟ ଏହା କିଛି ଛୋଟିଆ କଥା ନୁହେଁ। ଆମ ସରକାର ଏପ୍ରକାରେ ସୂଚନା ଦେବା ପୂର୍ବରୁ ଇ-କେୱାଇସି ମିଆଦ ବୃଦ୍ଧି ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାର ଥିଲା। ବ୍ୟବସ୍ଥା ଭଲ ଭାବରେ ଜାଣେ ଯେ କେଉଁ ପରିସ୍ଥିତିରେ ପଡ଼ି ହିତାଧିକାରୀ ଇ-କେୱାଇସି ଦାଖଲ କରିପାରୁନାହାନ୍ତି। ସରକାର ମାଗଣା ବ୍ୟବସ୍ଥା ଅନ୍ତରାଳରେ ଥିବା ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ ସୁଦ୍ଧା କାହିଁକି ସୁଧାରିବା ଦିଗରେ ଅଗ୍ରସର ହେଲେ ନାହିଁ? ଏକ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଓ ରିଟେଲଙ୍କ ସହାୟତା ନିଆଯାଇ ପାରିଥା'ନ୍ତା। ମାଗଣା ଚାଉଳ ଯୋଗାଣ ବ୍ୟାହତ ହେଲେ ପରିସ୍ଥିତି ଆଗକୁ କେଉଁ ରୂପ ନେବ ତାହା ବିଭାଗୀୟ ମନ୍ତ୍ରୀ ନିଶ୍ଚୟ ବୁଝିସାରିଥିବେ। ତେଣୁ ୨୪ ଘଣ୍ଟା ବ୍ୟବଧାନରେ ରାଜ୍ୟରେ ବଳକା ଥିବା ଚାଉଳରୁ ଅତିରିକ୍ତ ୫ କେଜି ହିତାଧିକାରୀଙ୍କୁ ଦିଆଯିବାର ବ୍ୟବସ୍ଥା ସଂପର୍କରେ ସେ ସୂଚାଇଛନ୍ତି। ହେଲେ ବ୍ୟବସ୍ଥାରୁ ବାଦ ପଡୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସଂପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ତେଣୁ ଅନିଶ୍ଚିତତା ନିଶ୍ଚୟ ଜାରି ରହିଛି।

ଏକଥା ସତ ଯେ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେଣୁ ଧାନ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହୋଇଥିବା ବେଳେ ୮ ଶହ ଟଙ୍କା ସହାୟତା ରାଶି ସଂଯୁକ୍ତ କରି ସରକାର ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ଚାଷୀଙ୍କ ପକ୍ଷରୁ ଦାବି ହେଉଛି ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ ଓ ସଂପ୍ରସାରିତ କରିବା ପାଇଁ। ସରକାର କ'ଣ ଆଗାମୀ ଦିନରେ ଅଧିକ ଧାନ ସଂଗ୍ରହ କରିବାକୁ ସମର୍ଥ ହେବେ? ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଉ ନଥିବାରୁ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ସରକାର ବାଟଘାଟ ପାଉନାହାନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ପାଇଁ ହେଉଥିବା ଦାବିକୁ କେନ୍ଦ୍ର ଏଡ଼ାଇ ଆସିଥିବାବେଳେ ଆମ ରାଜ୍ୟ ଚାଉଳ ସମସ୍ୟାର ସମାଧାନ ହେବା ଆଶା ଊଣା। କହିବାକୁ ଗଲେ ସରକାରଙ୍କ ପାଇଁ ଧାନ ସଂଗ୍ରହ ଏକ ପ୍ରକାର ବୋଝ ହୋଇପଡ଼ିଛି। ●

# ଚାନ୍ଦିର ଚମକ

ଆରୋହଣ ପରେ ଅବରୋହଣ ହେଉଛି ମୌଳିକ ସତ୍ୟ। ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନଥିବା ଯେକୌଣସି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଅବଧାରିତ। ଚାନ୍ଦି ବା ରୁପାର ବର୍ଦ୍ଧିତ ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ଏହା ଏକ ଆକଳନ। ସାଂପ୍ରତିକ ବଜାରରେ ସୁନା ଓ ରୁପାର ମୂଲ୍ୟବୃଦ୍ଧିରେ ଯେଉଁ ପ୍ରତିଯୋଗିତାମୂଳକ ସ୍ଥିତି ପରିଲକ୍ଷିତ ହେଉଛି, ତାହା ଯଥାର୍ଥରେ ବିସ୍ମୟକର। ଆମ ଭୁବନେଶ୍ୱର ବଜାରରେ ରୁପା କେଜି ୨ଲକ୍ଷ ଟଙ୍କା ଅତିକ୍ରମ କରିଛି। ସମଗ୍ର ବିଶ୍ୱ ବଜାରରେ ରୁପାର ନିଅଣ୍ଟିଆ ସ୍ଥିତି ଦୃଷ୍ଟିରୁ ଏହି ମୂଲ୍ୟବୃଦ୍ଧି ଆଗାମୀ ଦିନରେ ଏକ ନୂଆ ଶୀର୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଆଗକୁ ଧନତେରାସ ଓ ଦୀପାବଳୀ। ତେଣୁ ସୁନା କଏନ ବା ମୁଦ୍ରା ଓ ନିର୍ମିତ ମୂର୍ତ୍ତିର ଚାହିଦା ଅଧିକ। ବିଶେଷକରି ସୁନା ଅମୂଲ ମୂଲ ହୋଇପଡ଼ିଥିବାରୁ ସ୍ୱାଭାବିକ ଭାବେ ରୁପାର ଆଦର ବଢ଼ିଛି। ଚଳିତ ମାସ ୬ ତାରିଖରୁ ଏଥିମଧ୍ୟରେ ରୁପା ଦାମ ବଜାରରେ କେଜି ପିଛା ୪୩ ହଜାର ଟଙ୍କା ବଢ଼ିଛି। ଗତ ୧୨ ଓ ୧୩ ତାରିଖରେ ଯଥାକ୍ରମେ ମୂଲ୍ୟ ୭୦୦୦ ଓ ୯୦୦୦ ଟଙ୍କା ବଢ଼ିଥିବାରୁ ରୁପାର କେଜି ପ୍ରତି ମୂଲ୍ୟ ୨ ଲକ୍ଷ ୬ ହଜାର ଟଙ୍କାରେ ପହଞ୍ଚିଛି। ଏହି ବର୍ଦ୍ଧିତ ହାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୁପାରେ ଆଖିବୁଜା ନିବେଶ ବଢ଼ିଚାଲିଛି। ତେବେ ଏହାର ସୀମିତ ଉତ୍ପାଦନ ଅନ୍ୟଏକ କାରଣ। ଆମକୁ ଏଠାରେ କହିବାକୁ ପଡୁଛି ଯେ କେବଳ ଗହଣା, ଦେବଦେବୀଙ୍କ ମୂର୍ତ୍ତି ଓ ବାସନରେ ରୁପାର ଉପଯୋଗ ସୀମିତ ନାହିଁ। ସୌରପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ସମଗ୍ରୀ ଏବଂ ବିଦ୍ୟୁତ୍ ଚାଳିତ ଗାଡ଼ିରେ ବ୍ୟବହୃତ ବ୍ୟାଟେରୀରେ ମଧ୍ୟ ରୁପା ବ୍ୟବହାର ହେଉଛି। ମାନବୀୟ ସୌଖୀନ ବାଦ ଦ୍ରୁତ ଶିଳ୍ପାୟନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉତ୍ପାଦିତ ରୁପା ଯଥେଷ୍ଟ ନୁହେଁ। ତେଣୁ ଆଗାମୀଦିନରେ ରୁପାର ମୂଲ୍ୟ ଆହୁରି ବଢ଼ିବ। ଅନ୍ୟ ଏକ ଖବରରୁ ପ୍ରକାଶ ଯେ ରାଷ୍ଟ୍ରପତି ଟ୍ରମ୍ପ ଚଢ଼ା ବହିଃଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇଦିଆଯାଇଥିଲା। ତେଣୁ ଚାହିଦା ଅନୁଯାୟୀ ରୁପା ଯୋଗାଇବା ସମ୍ଭବ ହେଉନାହିଁ। ଆଉନ୍ସ ପିଛା ରୁପାର ମୂଲ୍ୟ ୫୨ ଡଲାରରେ ପହଞ୍ଚିଛି। ଏହାକୁ ଏକ ରେକର୍ଡ ବୃଦ୍ଧି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସର୍ବୋପରି ବୁଲିୟନ ବଜାରରେ ପରିଲକ୍ଷିତ ନିଅଣ୍ଟିଆ ସ୍ଥିତି ଏବଂ ବିତ୍ତୀୟ ଅନିଶ୍ଚିତତା ଏବେ ଲାଗି ରହିଛି। ବିଶେଷକରି ଚୀନ ବିରୋଧରେ ଟ୍ରମ୍ପ ଶହେ ପ୍ରତିଶତ ଟାରିଫ ଘୋଷଣା କରିଥିବାରୁ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ତେଣୁ ନିବେଶକଙ୍କ ଆଖି ଏବେ ସୁନା ଓ ରୁପା ଉପରେ। ପରିସ୍ଥିତି ଏପରି ହୋଇଛି ଯେ ରୁପା ନିବେଶ ପାଣ୍ଠି (ଇଟିଏଫ) ରେ ନୂତନ କ୍ରୟକୁ ସାମୟିକ ବନ୍ଦ କରାଯାଇଛି। ଏକଥା ସତ ଯେ ପାର୍ବଣ ପରେ ବିବାହ ଋତୁର ଆଗମନ ହେଉଥିବାରୁ ବଜାରରେ ଚାହିଦା ବର୍ଷତମାମ ଜାରି ରହିବ। ତେଣୁ ରୁପାର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ପ୍ରାୟତଃ ଊଣା। ପୂର୍ବରୁ ସଞ୍ଚିତ ରୁପା ସାମଗ୍ରୀ ମାଧ୍ୟମରେ ଗହଣା ଦୋକାନୀ ଏବର ସ୍ଥିତିକୁ ସମ୍ମୁଖୀନ ହେଉଥିବାରୁ ହଠାତ୍ ନିଅଣ୍ଟ ବା ଅଭାବ ପରିଲକ୍ଷିତ ହେବ ନାହିଁ। ●

# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

# ନୋବେଲ୍ ପ୍ରତ୍ୟାଶୀ ନଟସମ୍ରାଟଙ୍କ 'ମୋଗଲ୍ ତାମ୍‌ସା'

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପ୍ରାୟ ସାତ କି ଆଠମାସ ଧରି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୀତ ହେଉଥିବା ହାସ୍ୟୋଦ୍ଦୀପକ ଅଥଚ ଭିନ୍ନ ଏକ ଦୃଷ୍ଟିରୁ କାରୁଣ୍ୟଭିଜା ନାଟକଟି ଉପରେ ଏବେ ପରଦା ପଡ଼ିଯାଇଛି। ଲୋକମନୋରଞ୍ଜକ 'ମୋଗଲ ତାମସା'ର ମୁଖ୍ୟ ଚରିତ୍ର-ତୁଲ୍ୟ 'କ୍ଷଣ କ୍ଷଣକେ ଆନ ଆଚରଣ, ଆନ ଉଚ୍ଚାରଣ'ରେ ଆମକୁ ପ୍ରଚୁର ହସ, ପ୍ରଚୁର ବିନୋଦରେ ଆପ୍ୟାୟିତ କରିଚାଲିଥିବା ନଟସମ୍ରାଟ ଜଣକ ଏଥର ଅନ୍ୟ ରଙ୍ଗରସର ଅଭିନୟରେ ସମଆଟୋପ ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁହୂର୍ତ୍ତେ ଅବଶ୍ୟ ବିଳମ୍ବ କରିବେ ନାହିଁ, କିନ୍ତୁ ସେ ଅଭିନୟ ଆଉ ଏତେଟା ରୋଚକ, ଏତେଟା ବିରକ୍ତିକର ଭାବରେ ରୋମାଞ୍ଚକ ହେବାର ସମ୍ଭାବନା ନାହିଁ ନିଶ୍ଚୟ। ଏହାର କାରଣ ଅତି ସ୍ପଷ୍ଟ। ସଦ୍ୟ ସମାପ୍ତ ଏହି ଚର୍ଚ୍ଚିତ ନାଟକରେ ଏ ଅଭିନେତା ଏକାବେଳକେ ତିନି/ଚାରିଟି ଭୂମିକାରେ ଅଭିନୟ କରିବାର ମହାର୍ଘ ସୁଯୋଗ ପାଇଥିଲେ- କେତେବେଳେ ଅଝଟ ଅବୋଧ ବାଳକର ଅଭିନୟ ତ କେତେବେଳେ ଜଣେ ସଲାକୁସ୍ତି-ଯୋଦ୍ଧାର କି ଜଣେ ଦୁର୍ଦ୍ଦାନ୍ତ ଦେହବଳିଆ, ମୋଟାବୁଦ୍ଧିଆର ଅଭିନୟ। କିଏ ହୁଏତ କହିପାରନ୍ତି ଏ ଭୂମିକା ସବୁ ହାସ୍ୟରସ ସହ କିଛିଟା ଲଘୁ ବୀଭତ୍ସରସ ସିନା ସୃଷ୍ଟି କରିଥିବେ, କିନ୍ତୁ କାରୁଣ୍ୟରସ କାହିଁ? କାରୁଣ୍ୟରସ ଅବଶ୍ୟ ଥିଲା, କାରଣ ଏ ପକ୍କା ନାଟୁଆ ମଣିଷ ଜଣକ ମଝିରେ ମଝିରେ 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' କହି ଭାରି ବିକଳ ସ୍ୱରରେ କାକୁତି ମିନତି ବି କରୁଥିଲେ ଏବଂ ନିରାଶ-ଜର୍ଜର ଭିକ୍ଷୁକଟିଏ ପରି ଅଭିସଂପାତ ବି ଦେଉଥିଲେ।

ଏ ଦୀର୍ଘ ଉପକ୍ରମଣିକାଟି ପଢ଼ିବା ପରେ ଆପଣମାନେ ଜାଣି ସାରିବେଣି ଏ ନଟସମ୍ରାଟ ହେଉଛନ୍ତି ଆମେରିକାର ମଉଡ଼ମଣି ଡୋନାଲଡ୍ ଟ୍ରମ୍ପ ମହୋଦୟ। ନୋବେଲ୍ ଶାନ୍ତି ପୁରସ୍କାର ରୂପକ ଅପରୂପ ସ୍ୱାଦଯୁକ୍ତ ଅମୃତଫଳଟିକୁ ନିଜ ଭିକ୍ଷାଝୁଲିରେ ଯେନତେନ ପ୍ରକାରେ ଖସାଇ ପକାଇବା ପାଇଁ ତାଙ୍କର ଦୁଃସହ ଲିପ୍‌ସାର ଦୃଶ୍ୟଶ୍ରାବ୍ୟ ନାଟକ ଇଏ। ମନେ ହୁଏ ସେ କବି 'ୱାଲଟ୍ ହ୍ୱିଟ୍‌ମ୍ୟାନ'ଙ୍କ 'ସଙ୍ଗ୍ ଅଫ୍ ମାଇସେଲ୍‌ଫ୍' କବିତାର ଏଇ କେତୋଟି ପଂକ୍ତି 'ମୁଁ କ'ଣ ବାରବାର ନିଜକୁ ଖଣ୍ଡନ କରୁଛି? ବେଶ୍ ହେଲା, ଏବେ ଶୁଣ ମୋର ଦୃପ୍ତ ସ୍ୱୀକାରୋକ୍ତି / ହଁ, ମୁଁ ଖଣ୍ଡନ କରୁଛି ନିଜକୁ ବାରବାର / ମୁଁ ବିରାଟ, ବିପୁଳ / ମୁଁ ଏକ ନୁହେଁ, ଅନେକ / ମୋ ଭିତରେ ଅଗଣିତ ଭିନ୍ନ ଭିନ୍ନ ସତ୍ତା ବିଦ୍ୟମାନ' ରେ ନିହିତ ଗୂଢ଼ ଭାବନାର କଦର୍ଥ କରି ପକାଇଛନ୍ତି ଆପଣାର ସେ ବିଲକ୍ଷଣ ସ୍ଥୂଳ ବୁଦ୍ଧିରେ। ସେ ଭାବିନେଇଛନ୍ତି ଯେ ସେ ସତରେ ଜଣେ ବିରାଟ ପୁରୁଷ ଏବଂ ସେଥିପାଇଁ ନିଜକୁ, ନିଜର ମତ ମନ୍ତବ୍ୟ, ଆଚରଣ ବା ଉଚ୍ଚାରଣ ସବୁକୁ ବାରବାର ଖଣ୍ଡନ କରିବା ତାଙ୍କର ଦୈବାଧିକାର। ସ୍ଥୂଳ ବୁଦ୍ଧି ଓ ଅଳ୍ପ ବିଦ୍ୟା କି ଭୟଙ୍କର ସତେ!

ଆତ୍ମଗର୍ବ, ଆତ୍ମରତି, ଔଦ୍ଧତ୍ୟ ଓ ଓଲାପଣିଆର ବିଚିତ୍ର କକ୍‌ଟେଲ୍ ଡୋନାଲଡ ଟ୍ରମ୍ପ-ଏହା ଅବଶ୍ୟ ଅକାଟ୍ୟ ସତ୍ୟ। ମାତ୍ର ବିଚିତ୍ରତମ ହେଉଛି ନୋବେଲ୍ ଶାନ୍ତି ପୁରସ୍କାରଟି ପାଇଁ ତାଙ୍କର ଏ ଜ୍ୱରାକ୍ରାନ୍ତ ପ୍ରଳାପ, ଏ ଅଳିଅର୍ଦ୍ଦଳି, ଏ ରେରେକାର ଚିତ୍କାର ଓ ତମ୍ବିତୋଫାନ। କିନ୍ତୁ ସବୁ ଦୋଷ କ'ଣ ବିଚରା ଟ୍ରମ୍ପଙ୍କର? ତାଙ୍କରି ଦେଶର କୁଟିଳମନା ଯୁଦ୍ଧଖୋର କୂଟନୀତିଜ୍ଞ ହେନ୍‌ରୀ କିସିଂଜରଙ୍କୁ ନରୱେ ନୋବେଲ କମିଟି କ'ଣ ଦିନେ 'ବିଶ୍ୱଶାନ୍ତିଦୂତ'ର ମାନ୍ୟତା ଦେଇ ନଥିଲା ନୋବେଲ୍ ଶାନ୍ତି ପଦକଟି ଦୁର୍ବୋଧ ବିନମ୍ରତାର ସହ ପ୍ରଦାନ କରି? ଦିନେ ସେହି ନୋବେଲ୍ ଶାନ୍ତି କମିଟି କ'ଣ ହିଟ୍‌ଲର୍, ଷ୍ଟାଲିନ ଓ ମୁସୋଲିନୀମାନଙ୍କ ପରି ଗଣହତ୍ୟାକାରୀ ଅମଣିଷମାନଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦେବା ପାଇଁ ଅସଫଳ ମସୁଧା କରି ନ ଥିଲା? ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ଏ କମିଟି ଶାନ୍ତି ସମ୍ମାନରେ ଭୂଷିତ କରିସାରିଛି, ସେମାନଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିନି କି? ଏମିତି ଉଦାହରଣ, ଏମିତି ବିଡ଼ମ୍ବନାମାନ ଯେତେବେଳେ ଡୋନାଲଡ୍ ଟ୍ରମ୍ପଙ୍କ ଗୋଚରୀଭୂତ ହୋଇଥିବ, ସେତେବେଳେ କିପରି ଓ କାହିଁକି ବା ସେ ବିରତ ହୋଇଥା'ନ୍ତେ ଏମନ୍ତ ଏକ ସର୍ବଗ୍ରାସୀ (ଓ ସର୍ବନାଶୀ ବି) କାମନା-ପୋଷଣରୁ? ସେ କ'ଣ ହେନରୀ କିସିଂଜରଙ୍କ ମୁଖନିସୃତ 'ଆମେରିକାର କେହି ନୁହନ୍ତି ଶତ୍ରୁ, କେହି ନୁହନ୍ତି ମିତ୍ର-ସର୍ବାଗ୍ରେ ହିଁ ଆମେରିକାର ସ୍ୱାର୍ଥ' ମହାମନ୍ତ୍ରଟିର ପ୍ରୟୋଗ କରି ଚାଲିନାହାନ୍ତି ତାଙ୍କର ବିଦେଶ ନୀତିରେ? କାମ୍ବୋଡ଼ିଆରେ ବୋମାବର୍ଷଣ, ବଲଭିଆ ଓ ଚିଲିରେ ସାମରିକ ବିଦ୍ରୋହ, ଇଷ୍ଟ ତିମୋର୍ ଉପରେ ଇଣ୍ଡୋନେସିଆର ଆକ୍ରମଣ ଏବଂ ଏମିତି ଆହୁରି କେତେ କେତେ ହିଂସାତ୍ମକ, ଆକ୍ରମଣାତ୍ମକ କାର୍ଯ୍ୟ ଓ ଆଭିମୁଖ୍ୟ ଆମେରିକା ପ୍ରଦର୍ଶନ କରିଚାଲିଥିବା ବେଳେ ସେଥିପାଇଁ ପ୍ରୋତ୍ସାହନ ଦେଇଥିଲେ ହେନେରୀ କିସିଂଜର। ଆଉ କିଏ ବା ନ ଜାଣେ ଏଇ କିସିଂଜରୀୟ କୂଟନୀତି ଭିଏତ୍‌ନାମ, ଇରାକ୍ ଆଦି ଦେଶମାନଙ୍କରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ମୁଖ୍ୟ ଉତ୍‌ପ୍ରେରକ ବୋଲି! ଏମନ୍ତ ମହାନ୍ ଆମେରିକୀୟ ଜଣେ ଯଦି ନୋବେଲ୍ ଶାନ୍ତି ସମ୍ମାନରେ ଭୂଷିତ ହୋଇଥିଲେ, ଟ୍ରମ୍ପ ବା କାହିଁକି ନ ହେବେ, ବିଶେଷ କରି ସେ ସାତ ସାତଟି ଯୁଦ୍ଧ ବିରତିର କାର୍ପଟଦାର ହୋଇଥିବା ବେଳେ? ପାକିସ୍ତାନର ଅସୀମ ମୁନିର୍, ଇସ୍ରାଏଲର ନେତାନ୍ୟାହୁ ଆଦି ଟ୍ରମ୍ପ ହିଁ ନୋବେଲ୍ ଶାନ୍ତି ପୁରସ୍କାରର ହକ୍‌ଦାର ବୋଲି ନୋବେଲ୍ କମିଟିକୁ ଦୃଢ଼ ସୁପାରିସ କରିନାହାନ୍ତି କି? ଅବୋଲକରା ଭାରତ ସେମିତି କଲା ନାହିଁ ବୋଲି ସେ ତା'ଉପରେ ପ୍ରଚଣ୍ଡ 'ଟାରିଫ୍' ପ୍ରହାର କରି ନାହାନ୍ତି କି? 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' (ମାଗା) ସ୍ୱପ୍ନଟିକୁ ଚରିତାର୍ଥ କରିବା ପାଇଁ କି କି ମହତ୍ ପଦକ୍ଷେପମାନ ନେଉନାହାନ୍ତି ସେ? ମାନବତା, ଉଦାରତା, ଭେଦଭାବହୀନତା ପରି ଶାଶ୍ୱତ ମୂଲ୍ୟବୋଧ ସବୁର ପ୍ରତୀକ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକାର ଗଣତାନ୍ତ୍ରିକ, ସାମ୍ବିଧାନିକ ବାତାବରଣକୁ ଧ୍ୱସ୍ତ ବିଧ୍ୱସ୍ତ କରି, ବିଶ୍ୱାୟନ ପରେ ପରେ ଦେଶ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ, ଅବାଧ ଯାତାୟତ ଓ ଜ୍ଞାନବିଜ୍ଞାନର ଆଦାନପ୍ରଦାନ ସବୁକୁ ସୁଗମ କରିବା ପାଇଁ ଉନ୍ମୁକ୍ତ ହୋଇଯାଇଥିବା ସବୁ ଦ୍ୱାର, ଗବାକ୍ଷ, ସବୁ ମାର୍ଗ ପୁନଶ୍ଚ ଅବରୁଦ୍ଧ କରି ଆମେରିକାର ସ୍ୱାତନ୍ତ୍ର୍ୟ, ଆମେରିକାର ପ୍ରଭୁତ୍ୱକୁ ନିରଙ୍କୁଶ ରଖିବା ପାଇଁ କି କି ଅଭିନବ ଚିନ୍ତନ-ପ୍ରସୂତ ତତ୍ତ୍ୱ ବାଢ଼ି ଦେଇନାହାନ୍ତି ସେ? ତେଣୁ ନୋବେଲ୍ ଶାନ୍ତି ତାଙ୍କର ପ୍ରାପ୍ୟ, ଶତ ପ୍ରତିଶତ ପ୍ରାପ୍ୟ - ଏମିତି ଭାବିବାରେ କିଛି ଅସ୍ୱାଭାବିକତା ଅଛି ବୋଲି କାହିଁକି ଟ୍ରମ୍ପ ମହୋଦୟ ଚିନ୍ତା କରିବେ?

କିନ୍ତୁ ହାୟ, ସବୁ ଛଳକୌଶଳ, ସବୁ ଧମକଚମକ ଓ ସବୁ କାନ୍ଦଣା, ପ୍ରାର୍ଥନାକୁ ବ୍ୟର୍ଥ କରିଦେଲେ ନରୱେ ନୋବେଲ୍ କମିଟିର ବିଚାରକମାନେ। ବୋଧହୁଏ ଏଇଥର ଖୁବ୍ ତୀବ୍ର ବେଗରେ ସେମାନଙ୍କ ଧମନୀରେ ପ୍ରବାହିତ ହୋଇ ଚାଲିଲା ବେଳେବେଳେ ଧିମେଇ ଯାଉଥିବା ସେ ବୈଶିଷ୍ଟ୍ୟାତ୍ମକ 'ସ୍କାଣ୍ଡିନେଭିଆନ୍' ଟାଣପଣିଆ ଏବଂ ସୁସ୍ଥବିଚାର-ପ୍ରବଣତାର ରସାୟନ। ଶାନ୍ତି, ଶାନ୍ତି ଚିତ୍କାର କରି ଅଶାନ୍ତି ସୃଷ୍ଟି କରି ଚାଲିଥିବା ହୁଙ୍କାପିଟିଆ, ଆଡ଼ବାୟା ଡୋନାଲଡଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଚାପ ଆଗରେ ମୁଣ୍ଡ ନ ନୁଆଁଇ ସେମାନେ ଭେନିଜୁଏଲାର ବିରୋଧୀ ଦଳର ନେତ୍ରୀ 'ମାଚାଡୋ'ଙ୍କୁ ନୋବେଲ୍ ଶାନ୍ତି (୨୦୨୫) ପୁରସ୍କାର ବିଜୟିନୀ ଭାବରେ ଘୋଷଣା କଲେ ଏବଂ ଏପରି କରି ସ୍ପଷ୍ଟ କରିଦେଲେ ଯେ ଶାନ୍ତି ଏକ ଲକ୍ଷ୍ୟ କେବଳ ନୁହେଁ, ଏହା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଗଣତନ୍ତ୍ର, ମାନବତା, ସମତା ଓ ବାକ୍ ସ୍ୱାଧୀନତାର ମାର୍ଗରେ ଏକ ସର୍ତ୍ତବିହୀନ ନିରବଚ୍ଛିନ୍ନ ଯାତ୍ରା। ଏହାସହିତ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଶାନ୍ତିର ମାର୍ଗ ହେଉଛି ଗାନ୍ଧୀଙ୍କ ମାର୍ଗ, ମାର୍ଟିନ୍ ଲୁଥର କିଙ୍ଗ, ନେଲସନ୍ ମାଣ୍ଡେଲା ଓ ମଦର ଟେରେସାଙ୍କ ମାର୍ଗ। ଡୋନାଲଡ୍ ଟ୍ରମ୍ପଙ୍କ ପରି ଜଣେ ଅସ୍ଥିରଚିତ୍ତ, ପ୍ରଚ୍ଛନ୍ନ ଫାସିବାଦୀ ଚରିତ୍ରର ରାଜନେତା ନୁହନ୍ତି, 'ମାଚାଡୋ'ଙ୍କ ପରି ଜଣେ ଉତ୍ସର୍ଗୀକୃତ ନାରୀନେତ୍ରୀ ଏ ମହତୀ ସମ୍ମାନର ଯୋଗ୍ୟା ବୋଲି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆମକୁ ତଥା ଏ ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ସଙ୍ଗେ ସଙ୍ଗେ ନରୱେ ନୋବେଲ ଶାନ୍ତି କମିଟି ଏଇ ବାର୍ତ୍ତାଟି ମଧ୍ୟ ଦେଇଛନ୍ତି - 'ବର୍ତ୍ତମାନର ବହୁଧା ବିଭକ୍ତ, ବିଭାଜିତ, ବହୁ ଦ୍ୱନ୍ଦ୍ୱ, ବିରୋଧାଭାସପୂର୍ଣ୍ଣ କାଳଖଣ୍ଡରେ ତଥାପି ମାନବତା, ମାନବିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାର ଦୀପଶିଖା କେଉଁଠି ନା କେଉଁଠି ପ୍ରଜ୍ୱଳିତ ଅଛି, କେଉଁଠି ନା କେଉଁଠି ସୁସ୍ଥ ବିଚାରବୋଧର ଜାହ୍ନବୀଧାରା ପ୍ରବାହିତ ହୋଇଚାଲିଛି'। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଏମିତି ଖୁସି କାହିଁକି?

ପ୍ରଣତି ଆଚାର୍ଯ୍ୟ ମିଶ୍ର



ଖୁସି ପ୍ରକାଶ କରିବାର ଅନେକ ଉପାୟ ଅଛି। ହେଲେ ପ୍ରଶ୍ନ ହେଉଛି କାହିଁକି କିଛି ଲୋକ କେବଳ ବାଣ ଫୁଟାଇ ନିଜ ଖୁସି ପରିପ୍ରକାଶ କରନ୍ତି। ବାଣ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ବିପଜ୍ଜନକ ମଧ୍ୟ। ଏଥିଯୋଗୁଁ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିତ ଅନେକ ଲୋକଙ୍କ ମୃତ୍ୟୁ ଘଟେ। ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ କେବଳ ଦିଲ୍ଲୀ-ଏନସିଆରରେ କାହିଁକି ବାଣ ଫୁଟାଇବା ନିଷେଧ ହେବ? ଦେଶର ଅନ୍ୟାନ୍ୟ ସହର ଯେଉଁଠାରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା, ସେଠାରେ ମଧ୍ୟ ବାଣ ଫୁଟାଇବା କାହିଁକି ନିଷେଧ କରାଯିବ ନାହିଁ? ଦିଲ୍ଲୀ ଜନସାଧାରଣଙ୍କର ପରି ସମସ୍ତ ସହରର ଲୋକଙ୍କୁ ସ୍ୱଚ୍ଛ ବାୟୁ ଆହରଣର ସମାନ ଅଧିକାର ଅଛି। ପ୍ରଦୂଷଣ ସମ୍ପର୍କିତ ଯେକୌଣସି ନୀତି ସାରା ଦେଶରେ ସମାନ ହେବା ଉଚିତ।

୨୦୨୫, ମେ' ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଚେତାବନୀ ଦେଇଛନ୍ତି ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ହେବ। ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଅନେକ ଥର ଏହି ସମ୍ପର୍କରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶଗୁଡ଼ିକୁ କେତେ ପରିମାଣରେ ପାଳନ କରାଯାଇଛି ତାହା ସର୍ବଜନବିଦିତ। ଯଦିଓ କିଛି ମହଲରେ ସବୁଜ ବାଣ ବିଷୟରେ ଏକ ସକାରାତ୍ମକ ଧାରଣା ରହିଛି, ତଥାପି ବାଣ ବ୍ୟବହାର ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରେ। ଏଥିରୁ ନିର୍ଗତ ପ୍ରଦୂଷଣ, ରାସାୟନିକ ପଦାର୍ଥ ଓ ବିଭିନ୍ନ କଠିନ ପଦାର୍ଥର ପରିବେଶ ଉପରେ ପ୍ରଭାବ କମ୍ ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଲୋକ ସମସ୍ତ ନିର୍ଦ୍ଦେଶ, ସରକାରୀ କଟକଣା ଓ ପରାମର୍ଶକୁ କ୍ରମାଗତ ଭାବରେ ଅଣଦେଖା କରିଛନ୍ତି। ଦୀପାବଳୀ ସମୟରେ ଏବଂ ଏହାର ପାଖାପାଖି ଗୋଟିଏ କିମ୍ବା ଦୁଇ ଦିନ ପାଇଁ ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। ଅନେକ ଦିନ ପର୍ଯ୍ୟନ୍ତ ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିଥାଏ, ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରେ।

ପ୍ରଶ୍ନ ହେଉଛି ଏହା କାହାର ଖୁସି? ଏହି ପର୍ବରେ କିଏ ଭଲ ଭାବରେ ଆତସବାଜି ଫୁଟାଇପାରିବ ତାହା ଦେଖିବା ପାଇଁ ଏକ ପ୍ରତିଯୋଗିତା ହୋଇଥାଏ। ରିପୋର୍ଟ ଅନୁଯାୟୀ ଅନେକ ପରିବାର କିଛି ଘଣ୍ଟା ମଧ୍ୟରେ ୧୦୦୦ ରୁ ୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଆତସବାଜି ଜାଳିଥା'ନ୍ତି। ପ୍ରଶ୍ନ ହେଉଛି ଏହା କ'ଣ ପର୍ବ ପାଳନ କରିବାର ଉପାୟ ନା ପ୍ରଦୂଷଣ ସୃଷ୍ଟିକାରୀ ପ୍ରତିଯୋଗିତା? ଆତସବାଜି କେବଳ ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ।

ବୈଜ୍ଞାନିକଙ୍କ ମତାନୁଯାୟୀ ଆତସବାଜି ଜାଳିବା ଦ୍ୱାରା ସଲଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଏସବୁ ଅତ୍ୟନ୍ତ ବିଷାକ୍ତ, ଯାହା ହୃଦୟ, ମସ୍ତିଷ୍କ, ଯକୃତ, ବୃକକ୍, ରକ୍ତ ଏବଂ ହାଡ଼କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଶବ୍ଦ ପ୍ରଦୂଷଣ ବ୍ୟତୀତ ଏହା ମାଟି ଓ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି କରେ। ଆଜ୍‌ମା, ହୃଦ୍‌ଘାତ, ଚର୍ମ ରୋଗ ଆଦି ମଧ୍ୟ ବୃଦ୍ଧି କରେ। ଗବେଷଣା ଅନୁଯାୟୀ ଆତସବାଜି ସାର୍ବଜନୀନ ଜଳ ଯୋଗାଣ ଓ ଭୂତଳ ଜଳକୁ ମଧ୍ୟ ବିଷାକ୍ତ କରିପାରେ। ଯେଉଁମାନେ ସେହି ପାଣି ବ୍ୟବହାର କରନ୍ତି ସେମାନଙ୍କୁ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ହେବାକୁ ପଡ଼ିଥାଏ। ଏହା ଉଦ୍ଭିଦ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଉତ୍ସବ ନାମରେ ଜଳାଯାଉଥିବା ଆତସବାଜି ଥରେ ହିଂସାତ୍ମକ ଓ କୋଳାହଳପୂର୍ଣ୍ଣ ସଂସ୍କୃତିର ଅଂଶ ଥିଲା। ମଧ୍ୟଯୁଗୀୟ ସମୟରେ ଏଗୁଡ଼ିକ ଭାରତରେ ବ୍ୟାପକ ହୋଇଗଲା ଏବଂ ଦେଖୁ ଦେଖୁ ଭାରତୀୟ ସମାଜର ପ୍ରତ୍ୟେକ ବର୍ଗରେ ଆନନ୍ଦ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଆମ ଦେଶରେ ଏଗୁଡ଼ିକ କୌଣସି ଉତ୍ସବ କିମ୍ବା ପର୍ବର ଅଂଶ ନଥିଲେ। କାରଣ ଏଗୁଡ଼ିକ ଏଠାରେ ନିର୍ମିତ ହୋଇନଥିଲା। ଶାନ୍ତି, ପ୍ରେମ, ସଦ୍ଭାବ ଏବଂ ସହିଷ୍ଣୁତାର ଭାରତୀୟ ସଂସ୍କୃତିରେ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ, ଆମ୍ବ ପତ୍ରରେ ଘର ସଜାଇବା, ଚିତ୍ରକଳା କରିବା ଏବଂ ଖୁସି ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରିବାର ପରମ୍ପରା ରହିଆସିଛି।

ରାଜ୍ୟ ପ୍ରଶାସନ ବାଣ ଫୁଟାଇବା ଉପରେ ସରକାରୀ ନିଷେଧ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା କେବଳ ଦୀପାବଳି ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜଣାପଡ଼ିବ। ତଥାପି ଜନସଚେତନତା ବ୍ୟାପକ ଭାବରେ କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ନହୁଏ। ଆଶା କରାଯାଉଛି ଯେ ଭବିଷ୍ୟତରେ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ନୁହେଁ, ବରଂ ପ୍ରଦୂଷଣ ସମସ୍ୟା ଲାଗି ରହିଥିବା ପ୍ରତ୍ୟେକ ସହରରେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରାଯିବ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ତିବ୍ବତରେ ବୌଦ୍ଧବିହାର

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ଏଇଟି ଖ୍ରୀ ୧୪୪୫ ରେ ନିର୍ମିତ ହୋଇଥିଲା ସଙ୍ଘ-ଖା-ପାଙ୍କର ବଂଶଧର ତଥା ଗେଲୁଗ୍‌ସ୍‌ପା ସଂପ୍ରଦାୟର ପ୍ରଥମ ମହାଲାମା ଗେ ଡୁନ୍ ଡବ୍ ଙ୍କ ଦ୍ୱାରା। ଏହି ମହାବିହାରଟି ବୌଦ୍ଧଶିକ୍ଷାର ପ୍ରଧାନ କେନ୍ଦ୍ର। ତାସୀ-ଲୁନ୍-ପୋ ବିଶ୍ୱବିଦ୍ୟାଳୟଟି ମହାଲାମାଙ୍କ ଅଧକ୍ଷତାରେ ହିଁ ପରିଚାଳିତ। ଏହି ମହାଲାମା ପଞ୍ଚେନ ରିନ୍ ପୋ ଚେ ନାମରେ ପରିଚିତ। ମହାବିହାରଟି ଗୋଟିଏ କ୍ଷୁଦ୍ର ସହର ଏବଂ ଏଠାରେ ତିନି ହଜାର ଭିକ୍ଷୁ ରହିଥା'ନ୍ତି। (୬) ରା-ଡାଙ୍ଗ - ଏହି ମହାବିହାରଟି କଦମ୍‌ପା ସଂପ୍ରଦାୟର। ଏହା ଲାସାର ଉତ୍ତର ପୂର୍ବକୁ ଅବସ୍ଥିତ। ଏଇଟି ବୌଦ୍ଧ ଗୁରୁ ଅତୀସଙ୍କ ଶିଷ୍ୟ ବ୍ରମ୍-ଟନ୍ ଙ୍କ ଦ୍ୱାରା ଖ୍ରୀ ୧୦୫୫ରେ ପ୍ରତିଷ୍ଠିତ। ଏଠାରେ ଅତୀସଙ୍କ ଦେହାବଶେଷ ଏକ ବିରାଟ ରୌପ୍ୟ ସମାଧିରେ ସଂରକ୍ଷିତ। ଏହିଠାରେ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସାଧୁ ମିଲାରେପାଙ୍କର ସ୍ୱର୍ଣ୍ଣନିର୍ମିତ ପ୍ରତିମୂର୍ତ୍ତି ରଖାଯାଇଛି। ଏହି ସ୍ଥାନଟି ହେଉଛି ତିବ୍ବତରେ ପ୍ରାରମ୍ଭିକ କାଳର ପ୍ରଥମ ଓ ପ୍ରଧାନ ବୌଦ୍ଧ କେନ୍ଦ୍ର। (୭) ସା-ସ୍କ୍ୟ



- ଏହି ମହାବିହାର ଖ୍ରୀ ୧୦୭୧ରେ ପ୍ରତିଷ୍ଠିତ। ସା-ସ୍କ୍ୟ ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ଏକ ସଂସ୍କାରମୂଳକ ସଂପ୍ରଦାୟ ଏବଂ ଏହି ମହାବିହାରଟି ସେହି ନାମରେ ନାମିତ। ଏହି ମହାବିହାରର କୋଠା ସାତତାଲା ବିଷିଷ୍ଟ। ଏଠାରେ ଏକ ବିଶାଳ ଗ୍ରନ୍ଥାଗାର ରହିଛି। ତିବ୍ବତୀ ଓ ସଂସ୍କୃତ ଭାଷାରେ ଗ୍ରନ୍ଥମାନ ଏଠାରେ ରଖାଯାଇଛି। (୮) ଫୁଣ୍ଟସୋଲିଙ୍ଗ - ଏହି ବିହାରଟିକୁ ପ୍ରସିଦ୍ଧ ତିବ୍ବତୀୟ ଇତିହାସକାର ଲାମା ତାରାନାଥ ପ୍ରତିଷ୍ଠା କରିଥିଲେ। ଶାସକ୍ୟର ଉତ୍ତର ପାଖରେ ଜୋନାଙ୍ଗ ବୌଦ୍ଧବିହାର ପାଖାପାଖି ଏହି ବିହାରଟିରେ ଲାମା ତାରାନାଥ ନିଜେ ଶିକ୍ଷା ଗ୍ରହଣ କରିଥିଲେ। ଏହି ବିହାରଟିରେ ସେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ଓ ବହୁ ସଂଖ୍ୟକ ଗ୍ରନ୍ଥ ସଂଗ୍ରହ କରି ପୂର୍ଣ୍ଣ କରିଦେଇଥିଲେ। ତାଙ୍କ ଦେହତ୍ୟାଗ ପରେ ପଞ୍ଚମ ମହାଲାମା (ଦଲାଇ ଲାମା) ଜବରଦସ୍ତ ଏହି ବିହାରଟିକୁ ନିଜର ଗେଲୁଗ୍‌ସ୍‌ପା ସଂପ୍ରଦାୟର ଅନୁଷ୍ଠାନ ଭାବେ ପରିଣତ କରି ଦେଇଥିଲେ। (୯) ସାମ-ନିଙ୍ଗ - ଏଇଟି ନିଙ୍ଗମା ସଂପ୍ରଦାୟର ବିହାର। ଏହି ବିହାରରେ ଉଭୟ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ରହିଥା'ନ୍ତି। ମାତ୍ର ଜଣେ ଭିକ୍ଷୁଣୀ ଦେଉଛନ୍ତି ଏହାର ମୁଖ୍ୟ। (୧୦) ଦେ-କୁଙ୍ଗ - ଜଣେ ବିଶିଷ୍ଟ ଶାସକ୍ୟ ଲାମାଙ୍କ ପୁତ୍ର କୋଞ୍ଚୋ-ୟାଲ୍‌ପୋ ଏହି ବିହାରଟିକୁ ଖ୍ରୀ ୧୧୬୬ ରେ ନିର୍ମାଣ କରିଥିଲେ। ଏହା ଲାସାର ଉତ୍ତର ପଶ୍ଚିମକୁ ପ୍ରାୟ ଶହେ ମାଇଲ ଦୂରରେ ଅବସ୍ଥିତ ଏବଂ କାଗ୍ୟପା ସଂପ୍ରଦାୟର ବିଶାଳ ବୌଦ୍ଧ ବିହାର ମଧ୍ୟରୁ ଗୋଟିଏ। (୧୧) ମିଣ୍ଡୋଲିଙ୍ଗ - ଏହା ହେଉଛି ନିଙ୍ଗମା ସଂପ୍ରଦାୟର ବିହାର ଓ ସମୟେ ବିହାରର ଦକ୍ଷିଣକୁ ଲାଗି ରହିଛି। ଏଥିରେ କୋଡ଼ିଏ ଗୋଟି ବୌଦ୍ଧମନ୍ଦିର ରହିଛି। ମୁଖ୍ୟ ମନ୍ଦିରଟି ନଅତାଲା ବିଶିଷ୍ଟ। ଏହି ବିହାରଗୁଡ଼ିକ ତିବ୍ବତର ପ୍ରସିଦ୍ଧ ବିହାର ମଧ୍ୟରୁ କେତୋଟି। ତିବ୍ବତର କୋଣ ଅନୁକୋଣରେ ବିଭିନ୍ନ ସଂପ୍ରଦାୟର ଅନେକ ବିହାର ରହିଛି। ଦକ୍ଷିଣ ଓ ପୂର୍ବ ତିବ୍ବତରେ ବିହାରମାନ ବହୁ ସଂଖ୍ୟାରେ ଅବସ୍ଥିତ। ବିହାରଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ନିଙ୍ଗମା ସଂପ୍ରଦାୟର। ଏହି ନିଙ୍ଗମା ସଂପ୍ରଦାୟ ସିଧାସଳଖ ଭାବେ ପଦ୍ମସମ୍ଭବଙ୍କ ସହ ସଂଯୁକ୍ତ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଥର ବ୍ୟବସାୟୀଙ୍କ ଦୀପାବଳି

# କାରବାର ଛୁଇଁବ ୪.୭୫ ଲକ୍ଷ କୋଟି

**ସର୍ବଭାରତୀୟ ବଣିକ ସଂଘର ଆକଳନ**

**କେବଳ ଦିଲ୍ଲୀରେ ହେବ ୭୫ ହଜାର କୋଟିର ବେପାର**

**ଧନ୍‌ତେରସ୍‌ରେ ସୁନା କାରବାର ଟପିବ ୫୦ ହଜାର କୋଟି**



**ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି):** ନବରାତ୍ରିରୁ ଦୀପାବଳି ଏବଂ ବିବାହ ଋତୁ ପର୍ଯ୍ୟନ୍ତ ସାରା ଦେଶରେ ଉତ୍ସବର ମାହୋଲ ଚାଲିଛି। ସବୁଠି କାରବାର ଉତ୍ସାହଜନକ ରହିଥିବାବେଳେ ବ୍ୟବସାୟୀମାନେ କାରବାରରେ ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତଥର ଦୀପାବଳି ସାରା ଦେଶରେ ୪.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛି କନ୍‌ଫେଡ଼େରେସନ ଅଫ୍ ଅଲ ଇଣ୍ଡିଆ ଟ୍ରେଡ଼ର୍ସ (କ୍ୟାଟ୍)। ବାସ୍ତବରେ ଯଦି ଏହି ଆକଳନ ସତ୍ୟରେ ପରିଣତ ହୁଏ ତେବେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗିବ। ଏହି ପରିମାଣର କାରବାର ନେପାଳର ଜିଡିପି ୪ ଲକ୍ଷ କୋଟିରୁ ଅଧିକ ଓ ପାକିସ୍ତାନର ବାର୍ଷିକ ପ୍ରତିରକ୍ଷା ବଜେଟ୍‌ର ୬ଗୁଣ ବୋଲି କୁହାଯାଉଛି। ସମାନ ଓ ପାକିସ୍ତାନର ପ୍ରତିରକ୍ଷା ବଜେଟ୍‌ର ୪ ଗୁଣ।

ସୂଚନା ଅନୁସାରେ ୨୦୨୧ ଦୀପାବଳିରେ ଭାରତରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା କାରବାର ହୋଇଥିଲା। ୨୦୨୨ରେ ଏହା ପାଖାପାଖି ଦ୍ୱିଗୁଣିତ ହୋଇ ୨.୨୫ ଲକ୍ଷ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୩ ପରଠାରୁ ଦୀପାବଳି କାରବାର ରକେଟ୍ ବେଗରେ ଊର୍ଦ୍ଧ୍ୱଗାମୀ ହୋଇଛି। ୨୦୨୩ରେ ଭାରତରେ ଦୀପାବଳି କାରବାର ୩.୭୫ ଲକ୍ଷ କୋଟି ଛୁଇଁଥିଲା ଓ ୨୦୨୪ରେ ଏହା ୪.୨୫ ଲକ୍ଷ କୋଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହା ୪.୭୫ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କ୍ୟାଟ୍ ଆକଳନ କରିଛି। କେବଳ ରାଜଧାନୀ ନୂଆଦିଲ୍ଲୀରେ ୭୫ ହଜାର କୋଟି ଟଙ୍କାର କାରବାର ହେବା ଲକ୍ଷ୍ୟ ରଖାଯାଇଛି ଓ ଆସନ୍ତାକାଲି ଧନତେରସରେ ୫୦ ହଜାର କୋଟିର ସୁନା କ୍ରୟ ହୋଇପାରେ ବୋଲି ଆକଳନ କରାଯାଇଛି। ଯାହା ଫଳରେ କାରବାର ଦୃଷ୍ଟିରୁ ଚଳିତବର୍ଷର ଦୀପାବଳି କାରବାର ସର୍ବକାଳୀନ ରେକଡର୍ ଭାଙ୍ଗିବ ବୋଲି ଆଶା କରାଯାଉଛି।

ଦିଲ୍ଲୀ ସମେତ ୩୫ଟି ପ୍ରମୁଖ ସହରରେ ବ୍ୟବସାୟ ଧାରା ସମ୍ପର୍କରେ କ୍ୟାଟ୍ ପକ୍ଷରୁ କରାଯାଇଥିବା ସର୍ଭେକ୍ଷଣରେ ଚମକପ୍ରଦ ତଥ୍ୟ ମିଳିଛି। ଲୋକେ ଘର ସାଜସଜ୍ଜା ସାମଗ୍ରୀ, ଘରୋଇ ଉତ୍ପାଦ, ପୋଷାକପତ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଭାରତୀୟ ବ୍ରାଣ୍ଡକୁ ଅଧିକ ଗୁରୁତ୍ୱ ଦେଉଥିବା କ୍ୟାଟ୍‌ର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି। ସେ କହିଛନ୍ତିଯେ ଚଳିତ ବର୍ଷ ଦୀପାବଳିରେ ବଜାରରେ ଚୀନ ସାମଗ୍ରୀ ବିଶେଷ ଉପଲବ୍ଧ ନାହିଁ। ଆମଦାନକାରୀମାନେ ଚୀନ୍‌ରୁ ଦୀପାବଳି ସମ୍ବନ୍ଧୀୟ ସାମଗ୍ରୀ ଆଣିବା ବନ୍ଦ କରିଦେଇଛନ୍ତି। ୨୦୨୦ର ଗାଲୱାନ୍ ଘଟଣା ପରଠାରୁ ବ୍ୟବସାୟୀ ଏବଂ ଗ୍ରାହକ ଉଭୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଆଡ଼କୁ ମୁହାଁଇଛନ୍ତି। ନବରାତ୍ରି ସହିତ ଆରମ୍ଭ ହୋଇଥିବା ପାର୍ବଣ ଋତୁ ଦୀପାବଳି, ଛଠ୍‌ପୂଜା ଏବଂ ବିବାହ ଋତୁ ପର୍ଯ୍ୟନ୍ତ ଜାରି ରହିବ, ଯାହା ବ୍ୟବସାୟର ସୁଯୋଗ ବୃଦ୍ଧି କରିବ। ଚଳିତ ବର୍ଷ ଦୀପାବଳି କେବଳ ଆଲୋକର ପର୍ବ ନୁହେଁ, ବରଂ ଭାରତର ଆର୍ଥିକ ଶକ୍ତିର ଉତ୍ସବ। ସେ କହିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଦେଶର ଅଭିବୃଦ୍ଧିରେ ଯୋଗଦାନ ଦିଏ ଏବଂ ସ୍ଥାନୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀଙ୍କୁ ସମର୍ଥନ କରେ। ଦିଲ୍ଲୀ ବଜାରର ଦୃଢ଼ ଅଭିବୃଦ୍ଧି ଦେଶବ୍ୟାପୀ ବର୍ଦ୍ଧିତ କାରବାରର ଧାରା ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ ଦେଶ ସାରା ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ଖୁଚୁରା ଅର୍ଥନୀତି ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିବ।

# କେନ୍ଦୁଝରକୁ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର

**'ଧରତୀ ଆବା ଜନଭାଗୀଦାରି ଅଭିଯାନ'**

**ଭୁବନେଶ୍ୱର,୧୭।୧୦(ସମିସ):** ଧରତୀ ଆବା ଜନଭାଗୀଦାରି ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ, ଜାତୀୟ କନକ୍ଲେଭ-୨୦୨୫ରେ ମନ୍ତ୍ରଣାଳୟର ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାରଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ରାଜ୍ୟ ଏସସିଏସଟି ଡିପାର୍ଟମେଣ୍ଟ କମିଶନର ତଥା ସଚିବ ପି. ପରମେଶ୍ୱରନ୍।

ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ କହିଥିଲେ, ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର। ଏହା ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି, ସେମାନଙ୍କୁ କିପରି ଲାଭ ମିଳିବ, ତାହା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି।

ସୂଚନା ଅନୁସାରେ, ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିଲା ଧରତୀ ଆବା ଜନଭାଗୀଦାରୀ ଅଭିଯାନ। ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତୀକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଇ ଜାତୀୟସ୍ତରରେ ଏହି ମାନ୍ୟତା ହାସଲ କରିଛି।

## ମହିଳା ହିଂସାକୁ ନେଇ ରାଜ୍ୟପାଳଙ୍କ ଚିନ୍ତା ପ୍ରକଟ

# 'ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ସମସ୍ତଙ୍କର'

**ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ**

**୩ ମାସ ମଧ୍ୟରେ ୧୩ କୁଳପତି ନିଯୁକ୍ତି ସରିବ**

**ଭୁବନେଶ୍ୱର, ୧୭।୧୦(ସମିସ):** ନିକଟରେ ପଶ୍ଚିମବଙ୍ଗର ଦୁର୍ଗାପୁର ଘଟିଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ଘଟଣା ଓ ଗୋପାଳପୁର ସମୁଦ୍ରକୂଳ ଗଣଦୁଷ୍କର୍ମ ଆଦି ଘଟଣା ଆଦି ଚିନ୍ତାଜନକ। ଏଭଳି ଅପରାଧ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଏଭଳି କୌଣସି ଘଟଣା ନ ଘଟେ, ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଡଃ କମ୍ଭମପାଟି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକାଧିକ ପ୍ରସଙ୍ଗରେ ଆଲୋଚନା ଅବସରରେ ଉପରୋକ୍ତ ଘଟଣାମାନଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣା ଘଟିଲେ, ତୁରନ୍ତ ଆଇସିସିର ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣାରେ ତୁରନ୍ତ ପୁଲିସ ସହାୟତା ନେବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

ସେହିପରି ୨୦୩୬ ସୁଦ୍ଧା ରାଜ୍ୟର ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ। ଦେଶ ବିକାଶରେ ଓଡ଼ିଶା ଅନେକ ଅବଦାନ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦସାଙ୍ଗକୁ ଓଡ଼ିଶା ଲୋକଙ୍କ ଆଶାବାଦୀ ଚିନ୍ତାଧାରା ରାଜ୍ୟକୁ ଆଗକୁ ବଢ଼ାଇନେବ। ତେଣୁ,୨୦୨୩୬ ଓଡ଼ିଶା ନିଶ୍ଚିତ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ସେହିପରି କୁଳାଧିପତି ଭାବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫାଙ୍କାଥିବା କୁଳପତି ଓ ଅନ୍ୟ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ବର୍ତ୍ତମାନ ୧୩ ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨-୩ ମାସ ମଧ୍ୟରେ ଏହା ପୂରଣ ହୋଇଯିବା ନେଇ ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟପ୍ରସଙ୍ଗଗୁଡ଼ିକ ମଧ୍ୟରେ ମହାନଦୀ ଜଳ ବିବାଦ, ଯୁବବର୍ଗଙ୍କ ଦକ୍ଷତା ବିକାଶ, ପେସା ଆଇନ୍, ପାନୀୟ ଜଳ, ଜାତୀୟ ରାଜପଥ, ରେଳ ଯୋଗାଯୋଗ ଆଦି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମେତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବାବଦରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

# ଅବଶିଷ୍ଟାଂଶ...

## ଏସ୍‌ସିବି ଏମ୍‌ସ...

ଏବେ ଅଚଳ ହୋଇ ପଡ଼ିଥିବା ଖୋଦ୍ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏସ୍‌ସିବିରେ କାଜୁଆଲିଟିଠାରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ସବୁଠି ଅଚଳ ମେସିନ୍ ପଡ଼ି ରହିଛି । ବାୟୋ କେମେଷ୍ଟ୍ରି ବିଭାଗରେ ୨ଟି ମେସିନ୍ ଅଚଳ। ବ୍ଲଡ ବ୍ୟାଙ୍କରେ ୫ଟି, ସିଟିଭିଏସ୍‌ରେ ୩ଟି, ହୃଦରୋଗ ବିଭାଗରେ ୩ଟି, କାଜୁଆଲିଟିରେ ୨ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି ଯନ୍ତ୍ର କାମ କରୁନାହିଁ। ପେଡିଆଟ୍ରିକ ଆଇସିୟୁରେ ୨ଟି, ସର୍ଜରୀ ବିଭାଗର ଅସ୍ତ୍ରୋପଚାର ଥିଏଟର ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେସିନ ଅକାମୀ ହୋଇ ପଡ଼ି ରହିଛି। ଅଚଳ ମେସିନ ଗୁଡିକ ମଧ୍ୟରେ ରହିଛି ବିଦେଶରୁ ଆମଦାନୀ ହୋଇଥିବା ବହୁ ଦାମୀ ମେସିନ୍।

ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ଲକ୍ଷ୍ୟ ରହିଥିଲା। ଏବେ ଏହି ସମ୍ପ୍ରସାରଣ କାର୍ଯ୍ୟ କେବେ ସରିବ ତାହାର କିଛି ଠିକଣା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ସବୁଠୁ ବଡ଼ ପ୍ରତିଷ୍ଠାନ ଓ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସରକାର ପରିବର୍ତ୍ତନ ପରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏଠାରେ ୮୯ଟି ମେସିନ୍ ଅଚଳ ହୋଇ ପଡ଼ି ରହିଥିଲା। ଏହା ମଧ୍ୟରେ ଆହୁରି କିଛି ମେସିନ ଅଚଳ ହୋଇଥିବା ସୂଚନା ବି ମିଳିଛି । ଅଚଳ ମେସିନ ଗୁଡିକ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ରହିଥିବା ଜଣାପଡ଼ିଛି। କେଇମାସ ତଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କଟକ ବଡ଼ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ମେସିନ ଅଚଳ ଯୋଗୁଁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ମଧ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ଚେତି ନାହାନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମିଳିମିଶି ଏସ୍‌ସିବିକୁ ଏକ ମୃତ ସଂସ୍ଥାରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଏବେ ଅଭିଯୋଗ ହେବାରେ ଲାଗିଛି ।

## ଦିଲ୍ଲୀରୁ ସିଣ୍ଡିକେଟ୍...

ହଜାର ଟଙ୍କା ଓ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମୁନାକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉପରୋକ୍ତ ଘଟଣାରେ ଗିରଫ ପ୍ରାର୍ଥୀମାନଙ୍କଠାରୁ ଜବତ କରାଯାଇଥିବା ୧୧୦ରୁ ଅଧିକ ମୋବାଇଲର ଫୋରେନ୍‌ସିକ୍ ଯାଞ୍ଚ ପ୍ରକ୍ରିୟା ଦୁଇ ତିନି ମାସ ଲାଗିଯିବ ବୋଲି କୁହାଯାଇଛି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। ନୂଆଦିଲ୍ଲୀରେ ରହି ସେ ଏହି ଅପରାଧ ସିଣ୍ଡିକେଟ୍ ଚଳାଉଥିଲା। ବିଜୟନଗରମ୍ ଯାଉଥିବା ପ୍ରାର୍ଥୀମାନେ ଗତ ୨୯ ତାରିଖରେ ଧରାପଡ଼ିଯିବା ପରଠାରୁ ଶଙ୍କରଙ୍କ ମୋବାଇଲ ସ୍ୱିଚ୍-ଅଫ୍ ହୋଇଯାଇଥିଲା। ଏପରିକି, ଏହି ସିଣ୍ଡିକେଟ୍‌ରେ କାମ କରୁଥିବା ସମସ୍ତଙ୍କୁ ନିଜ ନିଜ ଜାଗା ଛାଡ଼ିବା ସହ ମୋବାଇଲ ବନ୍ଦ ରଖିବାକୁ କୁହାଯାଇଥିଲା। ବିଜୟନଗରମ୍ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡ଼ିବା ତଥା କଥା ଚାକିରି ବେପାର ସମ୍ପର୍କରେ ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇନଥିଲା।

ଦୀଘାଠାରେ ବି ପ୍ରାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଉଭୟ ମୁନା ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ଶଙ୍କର ଇତିମଧ୍ୟରେ ୩ଥର ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ଏପରିକି, ସେ ନୂଆଦିଲ୍ଲୀ ମଧ୍ୟ ଛାଡ଼ିସାରିଥିବା କୁହାଯାଇଛି।

ଅନ୍ୟପଟରେ ପ୍ରାର୍ଥୀମାନେ ବିଜୟନଗରମ୍ ଯିବା ପାଇଁ ଅଭିଯୁକ୍ତ ମୁନା ମହାନ୍ତି ଗତ ୨୭.୧୦.୨୦୨୫ରେ ଟ୍ରାଭେଲ୍ସ ସଂସ୍ଥାରୁ ତିନୋଟି ବସ୍ ବୁକ୍ କରିଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ତାଙ୍କ ମାଆଙ୍କ ଆକାଉଣ୍ଟରୁ ୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଏହି ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ମୁନା ଓ ତା'ର ସହଯୋଗୀ ଶ୍ରୀକାନ୍ତ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ଟି. ଅଭିମନ୍ୟୁ ଦୋରା ଉଭୟଙ୍କୁ ଦଶପଲ୍ଲାର ତାଙ୍କ ଫାର୍ମ ହାଉସରେ ଆଶ୍ରୟ ଦେବ ସହ ପୁଲିସର ଗତିବିଧି ସମ୍ପର୍କରେ ଖବର ଦେଉଥିଲେ। ସେହିଭଳି ନିଜର ଜଣେ ଭଉଣୀ ପରିଚୟ ଦେଇ ପ୍ରିୟଦର୍ଶିନୀ ସାମଲ ନାମକ ଜନୈକା ମହିଳାଙ୍କୁ ମୁନା ଏହି ସଂଗଠିତ ଅପରାଧରେ ସାମିଲ କରିଥିଲେ। ପ୍ରିୟଦର୍ଶିନୀ ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ପରବର୍ତ୍ତୀ ସମୟରେ ଘଟଣା ଜଣାପଡ଼ିଯିବାରୁ ଗିରଫ ହୋଇଥିବା ପ୍ରାର୍ଥୀମାନଙ୍କର ପିତାମାତାଙ୍କୁ ସେମାନଙ୍କର ପ୍ରମାଣପତ୍ର ଫେରସ୍ତ କରିଥିଲେ। ଉକ୍ତ ପ୍ରମାଣପତ୍ର ଫେରାଇ ଦେଇ କେଳେଙ୍କାରୀ ଘଟଣାରେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଡିଜି କହିଛନ୍ତି। ଏବେ ବି କ୍ରାଇମବ୍ରାଞ୍ଚର ୫ଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ରିପୋର୍ଟ ମାଗିଲେ...

ଉପରେ ଆଲୋଚନା ପାଇଁ ଇଡି, ସିବିଆଇ ଏବଂ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ରିପୋର୍ଟ ପ୍ରଦାନ କରିବେ। ଏହିସବୁ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା ପରେ ଆସନ୍ତା ନଭେମ୍ବର ୯ ତାରିଖରେ ମୁମ୍ବାଇଠାରେ ଏହି ପ୍ରସଙ୍ଗରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ହେବ ବୋଲି ସୂଚନା ମିଳିଛି।

TRUST FUND DEGREE COLLEGE
BARGARH - 768 028
WALK IN INTERVIEW FOR LADY PEON & SWEEPER
Desirous lady candidates having Non-matric qualification may attend the interview for **Lady Peon (01 Post)** and lady candidates having UP/ME qualification may attend the interview for **Lady Sweeper (01 Post)** to be held on **dt. 27.10.2025 at 10.00 A.M.** in college premises.
**N.B. - No T.A. / D.A. will be provided to the candidate.**
Sd/- Principal in-Charge-cum-Secretary
TRUST FUND DEGREE COLLEGE, BARGARH

AFFIDAVIT
I, **Rahul Sagar Behera**, S/o.: Sagar Kumar Behera, resident of Sripadganj, Ward No.: 13, PO.: Baripada, Dist.: Mayurbhanj, Odisha, PIN-757001 declare by this affidavit No.: 21677 dated 02.08.2025 now onwards I shall be known as **Rahul Behera** for all future purposes.

AFFIDAVIT
By virtue of an affidavit No-6699 before the Executive Magistrate, Chandbali dtd: 15-10-2025. I, Runurani Majhi, W/O-Shatrughan Mandal, Vill-Narendrapur, P.O.-Karanjamala, P.S.-Bansada, Dist-Bhadrak, Odisha, declare that I have changed my name from **Runurani Mandal to Runurani Majhi**, Henceforth, I will be known as **RUNURANI MAJHI** for all purpose.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, CF No. 69 dated 14.10.2025, I, Purna Chandra Bisoyi, Vill- Pankalbadi, Po. - Pangadi, Ps.- Buguda, Dist.- Ganjam have changed the name of my minor son from Pravav Bisoyi (old name) to Parnav Bisoyi (new name). Henceforth, he shall be known as **Pranav Bisoyi** for all purposes.
Sd/- Purna Chandra Bisoyi

AFFIDAVIT
By virtue of an affidavit sworn before Executive Magistrate, Udala, Mayurbhanj No-5388, dated 17.10.2025, I, Gananath Nayak, At- Sarbanaghati, Po- Sarbanaghati, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Gananayh Nayak to Gananath Nayak. Henceforth, I will be known as **Gananath Nayak** for all purposes.
Gananath Nayak

PUJA OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

AFFIDAVIT
By virtue of an affidavit sworn before Executive Magistrate Jajpur, Dated- 17.10.2025, No-10119, I, Rasmita Acharya, W/o-Niranjan Mohapatra, At-Jalapur, Po- Markandapur, Ps/Dist-Jajpur, Odisha Pin-755007 declare that I have Change my Surname From Rasmita Mohapatra to Rasmita Acharya. Henceforth I shall be known as Rasmita Acharya for all purposes.
Rasmita Acharya

AFFIDAVIT
I BHUDHADEV PANDA, S/o- Diwakar Panda, resident of Ashok Nagar, Plot No. 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1554, Dated 12/10/2025, that now onwards I shall be known as **BUDDHADEV PANDA** for all future purpose.

AFFIDAVIT
I, Irsad Khan, aged about 37 years, S/o- Nasir Khan resident of At- Raid Bazar, Po- Sunugoradi, Khelar, Dist- Puri, Pin-752114, Odisha declare by this affidavit No. 2112, dtd- 17/10/2025, that now onwards I shall be known as **IRSHAD KHAN** for all future purposes.

AFFIDAVIT
I, S.Deptyrani Mohanta, Daughter of Army No 14491576M Hav Madhaba Charan Mohanta (Retd) residing at Vill- Ramachandrapur, PO-Baikala, PS- Turumunga,Dist-Keonjhar, Odisha , have changed my name from Deepty S, DOB-07.10.1991 to S.Deptyrani Mohanta, DOB-01.06.1992 vide affidavit dated 03.10.2025 before The Court of Executive Magistrate, Keonjhar (Odisha). Hence both Deepty S, DOB-07.10.1991 and S.Deptyrani Mohanta, DOB-01.06.1992 is same and one person. Henceforth, I will be known as **S.Deptyrani Mohanta,** DOB 01/06/1992 for all purpose.

AFFIDAVIT
I, Pranati Samaniray, aged about 41 years, W/o- Dillip Baliarsingh, resident of At/Po- Sanapadar, Ps- Begunia, Dist- Khurda, PIN-752064, Odisha declared by this affidavit No. 2111, dtd- 17/10/2025 that now onwards I shall be known as **PRANATI SAMANTARAY** for all future purposes.

AFFIDAVIT
By virtue of an affidavit sworn before the Executuve Magistrate, Nabarangpur, dated 16.10.2025 I, DHANMATI JANI, W/o- NAKULA JANI, Vill.- Bamanadeiguda, Po.- Cherecheta, Ps.- Papadahandi, Dist.- Nabarangpur, Odisha, Pin - 764071, declare that I have changed the name of my Daughter from **DROUPADI JANI** to **DRUPUTA JANI**. Henceforth, She shall be known as **DRUPUTA JANI** for all purposes.
Sd/- Dhanmati Jani

AFFIDAVIT
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Arjun Nayak,** Address: Plot No. 1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my minor daughter's name from **Trupti Rani Ravindra Nayak** to **Trupti Rani Nayak.** Henceforth, she shall be known as **Trupti Rani Nayak** (new name) for all purposes.
Ravindra Arjun Nayak

AFFIDAVIT
I ITISHREE, W/o- BUDDHADEV PANDA, resident of Ashok Nagar, Plot No 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1555, Dated 12/10/2025, that now onwards I shall be known as **ITISHREE PANDA** for all future purpose.

AFFIDAVIT
I ARCHANA MISHRA@ ARCHANA KUMARI MISHRA, W/o- DINESH KUMAR PALLO, resident of Parabeda, Aurobindo Nagar, Po./Ps.- Jeypore, Dist.- Koraput - 764001, Odisha declare by this Affidavit No.1556, Dated 12/10/2025, that now onwards I shall be known as **ARCHANA PALLO** for all future purpose.

AFFIDAVIT
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Nayak,** S/o Arjun Nayak, Address: Plot No.1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my name from **Ravindra Arjun Nayak to Ravindra Nayak.** Henceforth, I shall be known as **Ravindra Nayak** (new name) for all purposes.
Ravindra Nayak

Phone No.(06854) 241159 /232714
PBX No. 232713 / 232716, Fax: 232718 / 241640
E. mail: ceo@koraputccb.com
KORAPUT CENTRAL CO-OPERATIVE BANK LTD;
HEAD OFFICE: N.K.T.ROAD, JEYPORE – 764003: DIST: KORAPUT (ODISHA)
Notification No. 2746/Estt.I/2025-26 Date: 17.10.2025
CONTRACTUAL ENGAGEMENT OF PROFESSIONALS
Applications in the prescribed format are invited from the interested professionals for the following posts at Koraput Central Cooperative Bank Ltd., Jeypore on contractual basis for a period of three years.
1. Professional 1- General Banking Expert
2. Professional 2- Credit Expert
3. Professional 3- Banking IT Expert
The eligibility criteria, engagement/selection process, the terms and conditions and other related matters of the engagement are available as Annexure-I on our website www.koraputccb.com and the same may be downloaded by the prospective candidates. Interested candidates are advised to download the application forms from the site. Duly completed and signed application along with self-attested documents should reach us on or before 05.11.2025 through Courier / Registered Post / Speed Post inscribing on the Envelope "Application for engagement of Professional 1 / 2 / 3 at Koraput Central Cooperative Bank."at the under noted address:
The Secretary,
Koraput Central Cooperative Bank Ltd.,
Head Office, N.K.T. Road, Jeypore,
Dist-Koraput-764003
ceo@koraputccb.com
Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.
Secretary
K.C.C. Bank Ltd., Jeypore

OFFICE OF THE PRINCIPAL CUM SECRETARY
Maa Markama +3 College, Bissamcuttack, Dist: Rayagada, PIN – 765019.
www.mmplus3college.in / mmdegreecollege@gmail.com
WALK - IN - INTERVIEW
A walk in Interview will be held in the college premises as per the date and time mentioned in column 6 for the following post of Arts (Management) and Science (Self Finance) on purely temporary basis. Candidates are required to attend the interview with original and photocopies of testimonial for verification. CV may kindly be sent to the college email id in advance.

| Sl. No | Name of the Post | No of Post | Qualification | Age | Date & Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| ARTS (MANAGEMENT) | | | | | |
| 1 | Physical Education Teacher | 01 | Bachelor of Physical Education and Above | As per Govt. norms | 02.11.2025 11 A.M. |
| 2 | Peon (ST Category) | 01 | 10th | | |
| SCIENCE (SELF FINANCING) | | | | | |
| 1 | Laboratory Attendant (Biological Science) | 01 | Minimum +2 Science and above | As per Govt. norms | 02.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | Minimum 55% of Mark at PG level. (M.Phil. NET/PHD will be given preference ) | As per Govt. norms | 09.11.2025 11 A.M. |

N.B :- No TA/DA Shall be given for attending the interview.
Registration will be started from 10.00 A.M onwards.
Sd/-
Principal cum Secretary

ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଭା ଦେଖାଇଲେ; ପୁରସ୍କୃତ ହେଲେ








**ଭବାନୀପାଟଣା, ୧୭ ।୧୦(ସମିସ)**

ନର୍ଲା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଆୟୋଜିତ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ତପିମଣି ଜାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ସମ୍ମାନିତ ଅତିଥି ଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଢ଼ଳଦେବ ମୁଣ୍ଡ, ଅବସରପ୍ରାପ୍ତ ଏବିଇଓ ଦ୍ରୋଣ ରଣା, ବର୍ଣ୍ଣାଳୀ ଆଞ୍ଚଳିକ ପରିଚାଳକ ସ୍ୱାହା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅନ୍ତର୍ଗତ ୧୭ଟି କ୍ଲଷ୍ଟରର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଶିଷ୍ଟ ଉଦ୍ୟୋଗପତି ବିଭୁପ୍ରସାଦ ସାହୁ, ତୁଳାପଡ଼ା ସିଆରସିସି ନୀଳମଣି ସାହୁ, ସରିଆଁ ସିଆରସିସି ଜିତେନ୍ଦ୍ର ସାହୁ ଯୋଗ ଦେଇଥିଲେ ବୋଲି ଜଣାପଡ଼ିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ଶିକ୍ଷକ ମନୋଜ ସାହୁ। ଆୟୋଜନରେ ଛନ୍ଦାଚରଣ ଧରୁଆ, ଜଗନ୍ନାଥ ମାଝୀ, ଯୁବରାଜ ଜାନୀ, ବିଶ୍ୱମ୍ବର ହରପାଲ୍, ମୀନକେତନ ବେହେରା, ରାଜେଶ ସାହୁ, ପ୍ରତାପ ସାହୁ, ଜ୍ଞାନେନ୍ଦ୍ର ଗହୀର, ବିଶ୍ୱମ୍ବର ପରିଡ଼ା, ଋତୁରାଜ ମାଝୀ, ସୁଚିସ୍ମିତା ପ୍ରଧାନ, ମନୋଜ ନନ୍ଦ, ଅନିତା ମହାରଣା, ଯୋଗେଶ୍ରୀ ମାଝୀ, ହୃଷି ପଟେଲ, ମିଲିନା ସାହୁ, ବିଶ୍ୱାମିତ୍ର ଗହୀର, ନିର୍ମଳା ବେହେରା, ବିରଞ୍ଚି ନାୟକ, ଭେଙ୍କଟ ମାଝୀ, ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୁର୍ଯ୍ୟୋଧନ ମାଝୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ କୁସୁମଯୋର ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ତାରେଶ୍ୱରି ସିନ୍ଦୂର, ମୁଖ୍ୟବକ୍ତା ଖଗେଶ୍ୱର ନିଆଲ, ସମ୍ମାନିତ ଅତିଥି ସଦା ନାଏକ, ତୁଳସୀ ରାମ ରାଉତ ଏବଂ ଗ୍ରାମର ବରିଷ୍ଠ ନାଗରିକ କପୂରଚନ ନାଗ, ତୁଳାରାମ ରାଉତ, ରାମେଶ୍ୱର ନାଏକ ପ୍ରମୁଖ ମଞ୍ଚାସିନ ଥିଲେ। ଶିକ୍ଷକ ଭୂତେଶ୍ୱର ନାଏକ ସଭା ପରିଚାଳନା କରିଥିଲେ। ଦେବା ଦେବୀ ପୂଜନ ପରେ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ଅତିଥି ଗଣଙ୍କ ଅଭିଭାଷଣ ରହିଥିଲା। ଉଦ୍‌ଯାପନୀ ଉତ୍ସବରେ ସିନାପାଲି ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଅତିଥିମାନେ ପୁରସ୍କୃତ କରିଥିଲେ।

**ନୂଆପଡ଼ା /କୋମନା:** କୁରୁମପୁରୀ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ୧୫ଟି ବିଦ୍ୟାଳୟକୁ ନେଇ ଆଜି ସୁରଭି କାର୍ଯ୍ୟକ୍ରମ ପ୍ରାଥମିକ ବିଦ୍ୟାଳୟ କୁଶଦହନାରେ ଆୟୋଜିତ ହୋଇଯାଇଛି। ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ସାଧନ କେନ୍ଦ୍ରସଂଯୋଜକ କାମଳକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନୀତା ପଣ୍ଡା, ଟେଙ୍ଗନାବସା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡା, ଲଖନା ସିଆରସିସି ସହଦେବ ମହାନନ୍ଦ ଓ କୁଶଦହନା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ରିଖିରାମ ମହାନନ୍ଦ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରେମଲାଲସତନାମୀ ପ୍ରଧାନ ଶିକ୍ଷକ ଦଲଦଲି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା







ଓ ଶ୍ରୁତଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭିରେ ଯୋଗଦେବେ ବୋଲି ଜଣାପଡ଼ିଛି। ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶିକ୍ଷକ ଅନୀଲଚନ୍ଦ୍ର ସାହୁ। ଧନ୍ୟବାଦ ଦେଇଥିଲେ ସିଆରସିସି ନୀଳମଣି ସାହୁ। ଏଥିରେ ସମସ୍ତ ସିଆରସିସି, ବିଇଓ କାର୍ଯ୍ୟାଳୟର କର୍ମକର୍ତ୍ତା ତଥା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

**ଭବାନୀପାଟଣା:** ନର୍ଲା ବ୍ଲକ ପଲମ୍ ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଆୟୋଜିତ ହୋଇଯାଇଛି। କ୍ଲଷ୍ଟର ସଂଯୋଜକ ଡିଲେଶ୍ୱର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ନର୍ଲା ବରିଷ୍ଠ ବିଇଓ ତପିମଣି ଜାନୀ, ସମ୍ମାନିତ ଅତିଥିଭାବେ ବିଆରସିସି ଗୋବର୍ଦ୍ଧନ ମାଝୀ, ଏବିଇଓ ସୂର୍ଯ୍ୟଦେବ ବାଗ, ଏବିଇଓ ସୁଢ଼ଳଦେବ ମୁଣ୍ଡ, ଶେଷଦେବ ମିଶ୍ର, ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝୀ, ସରିଆଁ କ୍ଲଷ୍ଟର ସଂଯୋଜକ ଜିତେନ୍ଦ୍ର ସାହୁ, ବିପ୍ର ବରର୍ତ୍ତୀ, ଉମା ମିଶ୍ର, ନଟବର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କ୍ଲଷ୍ଟର ଅଧୀନ ୧୧ଟି ସ୍କୁଲର ଛାତ୍ରଛାତ୍ରୀ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ରାଜୀବ ଗହୀର, ଶେଷବାଗ ପ୍ରମୁଖ ସହଯୋଗ କରିଥିଲେ।

**ଧର୍ମଗଡ଼ :** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କାଶିବାହାଲ ସ୍କୁଲରେ କାଶିବାହାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ରାଜେନ୍ଦ୍ର ଦୁରିଆଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନଗରପାଳ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବରେ ଉପନଗରପାଳ ମନୀଷା ମିଶ୍ର, ଅଧ୍ୟାପକ ସଞ୍ଜିବ କୁମାର ମୁଣ୍ଡ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ଅହଲ୍ୟା ବନ୍ଦୀଛୋଡ, କାଉନସିଲର ଜ୍ୟୋତିର୍ମୟୀ ମହାନନ୍ଦ, କାଉନସିଲର ରତ୍ନ ପାତ୍ର, ପ୍ରବୀଣ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶ୍ୱମ୍ବର ମିଶ୍ର, ସମ୍ମାନିତ ଅତିଥି ବିଶ୍ୱଜିତ ବେହେରା, ବିରଞ୍ଚି ନାରାୟଣ ଜାଲ, ରବୀନ୍ଦ୍ର କୁମାର ପରିଡ଼ା, ଢଗ ନାଏକ, ରାଜେନ୍ଦ୍ର ଦୁରିଆଙ୍କ ସମେତ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। ଗାଁ ଗହଳିରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ପ୍ରତିଭା ଅନ୍ୱେଷଣ ସୁରଭି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅତିଥିଙ୍କ ଦ୍ୱାରା ସମସ୍ତ କୃତୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କ୍ଲଷ୍ଟରର ଶିକ୍ଷକ ମାନଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସମ୍ମାନିତ ଅତିଥି ଭାବରେ ସିନାପାଲି ସିଆରସିସି ବଂଶୀଧର ଜଗତ, ନିଲଜୀ ସିଆରସିସି ବାଲାଜୀ ହରିଜନ, କେନ୍ଦୁମୁଣ୍ଡା ସିଆରସିସି ମହେନ୍ଦ୍ର ବାଗ, ଭରୁଆମୁଣ୍ଡା ସିଆରସିସି ରାଧେଶ୍ୟାମ ସୁନାନି, ହାତିବନ୍ଧା ସିଆରସିସି ଉପେନ୍ଦ୍ର ସୁନାନି, ଗୋଡ଼ାଲ ସିଆରସିସି ବିଭୂତି ମେହେର, ଗମ୍ଭାରିଗୁଡ଼ା ସିଆରସିସି ଯଜ୍ଞେଶ ମେହେର, ବ୍ରାହ୍ମଣପଡ଼ା ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଯୋଶୀ, ପୂର୍ବତନ ସିଆରସିସି କିଶୋର କୁମାର ସାହୁ ସମେତ ବିଭିନ୍ନ କ୍ଲଷ୍ଟର ର ସମସ୍ତ ପ୍ରଧାନ ଶିକ୍ଷକ ମଞ୍ଚାସିନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଂଶୀଧର ଜଗତ, ନିକୁଞ୍ଜ ବିହାରୀ ସା, ସନ୍ତୋଷ ବୈଠାରୁ, ପର୍ଶୁରାମ ମାଝୀ ବିଚାରପତି ଦାୟିତ୍ୱରେ ଥିଲେ।

**ସିନାପାଲି:** ସିନାପାଲି ବ୍ଲକ ଘାଟମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସିଆରସିସି ହେତୁରାମ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଧାନଶିକ୍ଷକ ନବୀନ କୁମାର ତାଣ୍ଡି ସଭାପତିତ୍ୱ କରିଥିବାବେଳେ ଏବିଇଓ ପ୍ରଦୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶିକ୍ଷକ ସଂଘ ସମ୍ପାଦକ ବାଲାଜି ସୁନାନୀ, ସିଆରସିସି ସଭାପତି ଜଗଦିଶ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଡୁମେରବାହାଲ ପ୍ରଧାନଶିକ୍ଷକ ମହିନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କ୍ଲଷ୍ଟର ଅର୍ନ୍ତଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ କରିଥିଲେ।

**ଧର୍ମଗଡ଼ :** ଧର୍ମଗଡ଼ ବ୍ଲକ ପର୍ଲା ସ୍ଥିତ ପିଏମଶ୍ରୀ -ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସରୋଜ କୁମାର ଦାସ, ସମ୍ମାନିତ ଅତିଥି ସୁବାସ ବାଗ, ସିଆରସିସି ପରମାନନ୍ଦ ନାଏକ, ଶିକ୍ଷକ ବିଘ୍ନରାଜ ଗୋପାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ତଥା ଅଧ୍ୟକ୍ଷ ନବ କୁମାର ସୁନାରୀ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ପର୍ଲା ଆଞ୍ଚଳିକ ସାଧନା ଅଧୀନ ମୋଟ ୧୨ଟି ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ୧୮ଟି ବିଭିନ୍ନ ପ୍ରତିଯୋଗିତାରେ ମୋଟ ୬୨ ଜଣ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଯେଉଁ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବେ ସେମାନେ ବ୍ଲକ ପରବର୍ତ୍ତୀ ସମୟ ଜିଲ୍ଲା ଓ ରାଜ୍ୟସ୍ତରୀୟରେ ଭାଗ ନେବା ବ୍ୟବସ୍ଥା ରହିଛି। ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ତେଜେଶ୍ୱର ସାହୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

**ଲାଞ୍ଜିଗଡ଼ :** ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଉପସ୍ଥାପନା କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଛନ୍ତି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର। ଆଜି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟର ଅଧୀନ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି -୨୦୨୫ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମେହେର ଏହା କହିଛନ୍ତି। କୁମାର ଗୌରବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ସରପଞ୍ଚ ବୈଦେହୀ ମାଝୀ, ସରପଞ୍ଚ ସନ୍ତୋଷ ମାଝୀ, ସୌଭାଗ୍ୟ କୁମାର ସାହୁ, ମନୋଜ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ପ୍ରଧାନ, ସାମ୍ବାଦିକ ସୁଶୀଲ କୁମାର ବାଗ, ନୀଲେଶ କୁମାର ନାଗ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ କୁମାର ବୁଢ଼ିଆ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ଶରତଚନ୍ଦ୍ର ସାହାଣୀ, ସୁରେନ୍ଦ୍ର ବିଶ୍ୱାଳ, ନୀଳାମ୍ବର ସରାଫଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାଠସମା ତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟଅତିଥିଙ୍କଠାରୁ ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରମୋଦ ପରିଡ଼ା, ସନ୍ତୋଷ ପାତ୍ର, ମଧୁସୂଦନ ରାଉତ ଦାୟିତ୍ୱ ତୁଲାଇଥିଲେ। କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ପରେଶ କୁମାର ଗହୀର, ଯଶୋବନ୍ତୀ ମାଝୀ, ବୈଷ୍ଣବ ବାଗ, ଲିଙ୍ଗରାଜ ସାହୁ, ସୁଜିତ କୁମାର ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ସାନକାର୍ଲିକୁ ଶ୍ରେଷ୍ଠ ବିଦ୍ୟାଳୟ ଟ୍ରଫି

**ଭବାନୀପାଟଣା:** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭଟାଙ୍ଗପଦର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟମନ୍ତ୍ରୀ ପୁରସ୍କୃତ ପ୍ରଧାନଶିକ୍ଷକ ଆଦିତ୍ୟକୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁଙ୍କ ଶିକ୍ଷା ଓ ଶିକ୍ଷାୟତନକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ବିଭିନ୍ନ ମାନଦଣ୍ଡକୁ ଆଧାର କରି କ୍ଲଷ୍ଟରର ସର୍ବୋତ୍ତମ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲିକୁ ଚୟନ କରିଥିଲେ। ଉପସ୍ଥିତ ମଞ୍ଚାସୀନ ସମସ୍ତ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀଣ ତାଣ୍ଡି ଓ ସହଶିକ୍ଷକ ଦନାର୍ଦ୍ଦନ ମିଶ୍ରଙ୍କୁ ଉପଢୌକନ ସହ ମା ମାଣିକେଶ୍ୱରୀଙ୍କ ଫୋଟଚିତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଷିଆ ମେହେର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ୱାହା ଦାସ୍, ସୁଢ଼ଳଦେବ ମୁଣ୍ଡ, ରୁପେନ୍ଦ୍ର ଛତ୍ରିଆ, ଦଶମୀ ମାଝୀ, ଲିଳୀମା ମଞ୍ଜରୀ ସୁନାନୀ, ଗୁଣନିଧି ସାହୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବ ପ୍ରସାଦ ଦାଶ ଏବଂ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥୀ ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦୂର୍ବାଦଳ ପଟେଲ, ହିମାଂଶୁ ଶେଖର ମେହେର, ତୁଳାରାମ ମାଝୀ ସମେତ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

**କେସିଙ୍ଗା:** ଲଇତରା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଲଇତରା ସରପଞ୍ଚ ଯୋଗ ଦେଇଥିବାବେଳେ ସଭାପତି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଶଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର୍ ସଭାପତି ସୁରେନ୍ଦ୍ର କୁମାର ଦୋରା, ଲମ୍ବୋଦର ପୋଢ଼ ନୀଳମାଧବ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ସର୍ବମୋଟ ଆଠଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଥିଲେ। ଶିକ୍ଷକ ତାପସ ମହଲା, ବିଷ୍ଣୁ ଭାଟି, ଅମରେଶ ବିଶି, ପ୍ରଫୁଲ୍ଲ ବିଶି, ବିଶ୍ୱଜିତ୍ ପୋଢ଼, ଚନ୍ଦ୍ର ଶେଖର ନାଏକ, ଖିରଶିନ୍ଧୁ ଶବର, ଆଲୋକ ଯୋଶୀ, ସୋନି ଭୋଇ, ଶିକ୍ଷୟତ୍ରୀ ବନ୍ଦନା ଦାଶ, ନଳିନୀ ନାଗ, ତପସ୍ୱିନୀ ବାଗ, ଭାନୁମତୀ ଚୌହାନ, ପ୍ରମିଳା ମାଝୀ ପ୍ରମୁଖ ଯୋଗ ଦେଇ ଥିଲେ। ଜାତୀୟସ୍ତରର କଳାକାର ଦେବ ଓ ରଞ୍ଜିତ ବିଚାରକ ଭାବେ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୨୫୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

**କଲମପୁର:** କଲମପୁର ବ୍ଲକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବଙ୍କାପଲାଠାରେ ବରଗାଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବରଗାଁ ସିଆରସିସି ମନୋଜ କୁମାର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଙ୍କାପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ଭୋଇ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ସହ ଗୋଷ୍ଠୀଶିକ୍ଷା ଅଧିକାରୀ ବାଲଗୋପାଲ ତେଣ୍ଡକାରୀ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ବାଣୁଆ, ଇଶ୍ୱରୀ ବେହେରା ତଥା, ଦେପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜେ ନାଗ, ଇଚ୍ଛାପୁର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡା ଓ ପଦରପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ସାହୁ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳିନ୍ଦୀ ପଣ୍ଡା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ କୁମାର ବେହେରା ଓ ଅବସରପ୍ରାପ୍ତ ସୈନିକ ସୁଶିଲ କୁମାର ବାଣୁଆ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିକ୍ଷକ ସୁଶାନ୍ତ ଛତ୍ରିଆ, ଶିକ୍ଷୟିତ୍ରୀ ପ୍ରେମାଞ୍ଜଳୀ ବାଗ ଓ ନମିତା କୁମାର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସନାତନ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।








# ରାସ୍ତା ନିର୍ମାଣ ପାଇଁ ଛାତ୍ରଛାତ୍ରୀଙ୍କ ରାସ୍ତା ଅବରୋଧ

**ଜୟପାଟଣା, ୧୭ ।୧୦(ସମିସ):** ସରକାର ଗ୍ରାମାଞ୍ଚଳରେ ଯାତାୟାତ ସୁବିଧା ଯୋଗାଇ ଦେବାକୁ ଅନେକ କଥା କହୁଥିବା ବେଳେ ବାସ୍ତବିକ ଚିତ୍ର ଓଲଟା। ସାଧାରଣ ରାସ୍ତାଟିଏ ପାଇଁ ଅନେକ ଗାଁ ଉପାନ୍ତ ଅଞ୍ଚଳ ସାଜିଥିବା ବେଳେ ସହର ପାଖ ଅଞ୍ଚଳର ସ୍ଥିତି ସମାନ। ତେବେ ରାସ୍ତା ପାଇଁ କଲେଜ ଛାତ୍ରଛାତ୍ରୀମାନେ ରାଜରାସ୍ତା ଅବରୋଧ କରିଥିବା ଚିତ୍ର ସାମ୍ନାକୁ ଆସିଛି। ଶୁକ୍ରବାର ଜୟପାଟଣା ବ୍ଲକ ମୋତେଲଗୁଡା କ୍ରସର ଛକ ନିକଟରେ ମୋଟର ମୁଖୀଗୁଡା ପିଡବ୍ଲୁଡି ରାସ୍ତାକୁ ଅବରୋଧ କରିଥିଲେ ଅରେବେଡା ପତିତପାବନ କଲେଜର ଛାତ୍ରଛାତ୍ରୀ। ସୂଚନା ଅନୁଯାୟୀ କ୍ରସର ଛକ ଠାରୁ ଯାଇଥିବା ଆର୍ଡି ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ହୋଇପଡ଼ିଥିବା ବେଳେ ଦୈନିକ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ହନ୍ତସନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ରାସ୍ତା ମଝିରେ ବ୍ରିଜ୍ ଭାଙ୍ଗିଯାଇଛି, ଯାହାଫଳରେ ଏହି ରାସ୍ତାଦେଇ ଲକ୍ଷ୍ମୀ ବସ୍ ମଧ୍ୟ ଯାଉନାହିଁ। ଛାତ୍ରଛାତ୍ରୀ ମାନେ ଦୀର୍ଘ ୫କିମି ବୁଲି ଯିବା ଆସିବା କରୁଛନ୍ତି। ତେବେ ଅନେକ ଦାବି ଓ ଅଭିଯୋଗ ଦେଲାପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାବେଳେ ଆଜି ଅସନ୍ତୋଷ ଛାତ୍ରଛାତ୍ରୀ ମାନେ ରାଜରାସ୍ତାକୁ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଜୟପାଟଣା ବିଡିଓ ଓ କଲମପୁର ପୁଲିସ ପ୍ରଶାସନ ଆସି ଆଲୋଚନାକରି ରାସ୍ତା ମରାମତି ସହ ଲକ୍ଷ୍ମୀ ବସ୍‌କୁ ମୋଟର ଦେଇ ଅରେବେଡା କଲେଜ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରତିଶ୍ରୁତି ଦେଲା ପରେ ରାସ୍ତା ଉପରୁ ହଟିଥିଲେ ଛାତ୍ରଛାତ୍ରୀ।

# ଭବାନୀପାଟଣା ବିକାଶ ସ୍କୁଲ ଓଡ଼ିଶାରେ ଦ୍ୱିତୀୟ

**ଭବାନୀପାଟଣା, ୧୭ ।୧୦ (ସମିସ):** ଏଜୁକେସନ୍ ୱାଲ୍ଡ ତରଫରୁ କରାଯାଇଥିବା ସର୍ବେକ୍ଷଣରେ ଇଣ୍ଡିଆ ସ୍କୁଲ ର୍ୟାଙ୍କିଙ୍ଗ ୨୦୨୫-୨୬ରେ କୋ-ଏଜୁକେସନ, ଡେ କମ୍ ବୋର୍ଡ଼ିଂ ସ୍କୁଲ ବିଭାଗରେ ଭବାନୀପାଟଣା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ଚତୁର୍ଦ୍ଦଶ ସ୍ଥାନରେ ଥିବାବେଳେ ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏଥି ନିମନ୍ତେ ଦିଲ୍ଲୀର ଏକ ତାରକା ହୋଟେଲରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ




ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡି.ଶ୍ୟାମ ଉପସ୍ଥିତ ରହି ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହାଫଳରେ ବିକାଶ ଶିକ୍ଷା ରାଜ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି। ଏହା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ତଥା କଳାହାଣ୍ଡି ଜିଲ୍ଲା ଓ ପାଇଁ ଗୌରବ ଆଣି ଦେଇଛି। ଏହି ପୁରସ୍କାର ପାଇଁ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ ର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ ପ୍ରମୁଖ ଖୁସି ବ୍ୟକ୍ତ କରିବା ସହ ଅନୁଷ୍ଠାନର ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏହାର ଶ୍ରେୟତା ପ୍ରଦାନ କରିଛନ୍ତି।

# ଡକାୟତି ଯୋଜନା ପଣ୍ଡ; ୮ ଗିରଫ, ମାରଣାସ୍ତ୍ର ଜବତ

**ଝାରସୁଗୁଡ଼ା, ୧୭।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୁଲିସ ଡକାୟତି ଯୋଜନା କରୁଥିବା ବ ବେଳେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ



ସେମାନଙ୍କ ଠାରୁ ବନ୍ଧୁକ ଏବଂ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ସୁନ୍ଦରଗଡ଼ ଜିଲ୍ଲା ଏନଟିପିସିରେ ଡକାୟତି ଏବଂ ଅପରାଧିକ କାର୍ଯ୍ୟକଳାପ କରିବା ପାଇଁ ଯୋଜନା କରୁଥିବା ବେଳେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ତିଲେଇମାଲ ଜଙ୍ଗଲ ନିକଟରୁ ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି ପୁଲିସ। ସେମାନଙ୍କ ନିକଟରୁ ୨ଟି ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ଭୁଜାଲି, ଛୁରୀ, ଲୁହାରଡ, ଏକ ସ୍କର୍ପିଓ ଗାଡ଼ି ଜବତ କରିଛି। ଡକାୟତି ସହ ଦର୍ଲିପାଲି ଏନଟିପିସିରେ ପାଉଁଶ ବ୍ୟବସାୟକୁ କେନ୍ଦ୍ର କରି ଅପରାଧିକ କାର୍ଯ୍ୟକାଳାପ କରିବା ପାଇଁ ଅଭିଯୁକ୍ତ ମାନେ ଯୋଜନା କରିଥିଲେ। ଗିରଫ ଅଭିଯୁକ୍ତ ମାନେ ବ୍ରଜରାଜନଗର ଅଞ୍ଚଳର ପ୍ରକାଶ ଯାଦବ(୨୪), ସନ୍ଦୀପ ଦାସ(୨୭), ବିଶାଳ କୁମାର (୨୪), ସୌରଭ ସିଂ(୨୩), ରାହୁଲ ଚୌହାନ(୨୭), ଜଗଦୀଶ ଭିଆନା(୩୨), ବିଶ୍ୱ ମାଝୀ(୩୩), କୁଲଦୀପ ସିଂ(୩୪) ବୋଲି ଜଣାପଡ଼ିଥିବା ବେଳେ ସେମାନେ ବିହାରରୁ ବନ୍ଧୁକ କିଣିଥିବା ପୁଲିସ ସୂଚନା ଦେଇଛି। ଏହି ଏନେଇ ଅଧିକ ତଦନ୍ତ ଚାଲିଥିବା ଝାରସୁଗୁଡ଼ା ଏସ୍‌ପି ସୂଚନା ଦେଇଛନ୍ତି।

# ବିଧବା ମହିଳାଙ୍କୁ ପ୍ରେମ ପ୍ରତାରଣା: ଯୁବକ ଗିରଫ

**ଦେବଗଡ଼/କୁଣ୍ଢେଇଗୋଲା, ୧୭।୧୦(ସମିସ):** ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ଅଧୀନ ଡଙ୍ଗାପାଲ ଗାଁର ଜଣେ ୨୮ ବର୍ଷିୟ ଯୁବକ ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଲା ଥାନାଞ୍ଚଳର ଜଣେ ୨୬ ବର୍ଷିଆ ବିଧବା ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ପ୍ରତାରଣା କରିଥିବା ଅଭିଯୋଗ ପରେ ଯୁବକ ଗିରଫ ହୋଇଛି। ଯୁବକ ଜଣକ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିଥିବା ନେଇ କୁଣ୍ଢେଇଗୋଲା ଥାନାରେ ପୀଡିତା ମହିଳା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଢେଇଗୋଲା ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ପ୍ରେମିକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନୁଗୁଳ ଜିଲ୍ଲା ବାଗଡ଼ିଆ ଥାନା ଡଙ୍ଗାପାଲ ଗାଁର ଅଭିଯୁକ୍ତ ଯୁବକ ଜଣକ କୁଣ୍ଢେଇଗୋଲା ଥାନାଞ୍ଚଳର ବିଧବା ମହିଳାଙ୍କୁ ବିବାହର ପ୍ରତଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ତେବେ ମହିଳା ଜଣକ ବିବାହ ପାଇଁ ଅଭିଯୁକ୍ତକୁ କହିବାରୁ ସେ ରୋକଠୋକ ମନା କରିଥିଲା। ଏହାପରେ ପୀଡ଼ିତା ଗତକାଲି ରାତିରେ କୁଣ୍ଢେଇଗୋଲା ଥାନାକୁ ଆସି ଅଭିଯୋଗ କରିଥିଲେ। ଅଭିଯୋଗର ତଦନ୍ତ କରି ଆଜି କୁଣ୍ଢେଇଗୋଲା ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଅଶୋକା ଇଣ୍ଟରନ୍ୟାସନାଲ ସ୍କୁଲର ଲୋଗୋ ଉନ୍ମୋଚିତ

**ଝାରସୁଗୁଡ଼ା, ୧୭।୧୦(ସମିସ):** ଝାରସୁଗୁଡ଼ାର ଦଲକି ଠାରେ ଥିବା ଅଶୋକା ପବ୍ଲିକ ସ୍କୁଲର ନୂତନ ଲୋଗୋ ଉନ୍ମୋଚନ ହୋଇ ଏହାକୁ ଅଶୋକା ଇଣ୍ଟରନ୍ୟାସନାଲ




ସ୍କୁଲ ଭାବେ ନାମିତ କରାଯାଇଛି। ଏହି ସ୍କୁଲରେ ଛୋଟ ପିଲାମାନଙ୍କ ପାଇଁ ସମସ୍ତ ପ୍ରକାର ଆଧୁନିକ ଶିକ୍ଷା ତଥା ବହୁ ପ୍ରକାର ନୂତନ ଖେଳ ସାମଗ୍ରୀର ବ୍ୟବସ୍ଥା ରହିଛି। ଆଜିର କାର୍ଯ୍ୟକ୍ରମରେ ବିଦ୍ୟାଳୟର ନିର୍ଦ୍ଦେଶକ ଦୀପକ ପାଣ୍ଡେ, ତାଙ୍କର ପିତା ଅଶୋକ ପାଣ୍ଡେ, ଆଇନଜୀବୀ ତଥା କ୍ରୀଡ଼ାବିତ ତାପସରାୟ ଚୌଧୁରୀ, ପରିବେଶବିତ ସତ୍ୟନାରାୟଣ ରାଓ, ଜେଏସଡବ୍ଲ୍ୟୁ କମ୍ପାନୀର ବରିଷ୍ଠ ଅଧିକାରିଣୀ ଲଭଲି ବକ୍ସି, ହକି ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ମନୋଜ ମିଶ୍ର, ସମାଜସେବୀ ଜ୍ୟୋତି ଲାଟ, ଝାରସୁଗୁଡା ଭାଇରାଲ ଚ୍ୟାନେଲର ମୁଖ୍ୟ ରବି ଯାଦବ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଉଦ୍‌ବୋଧନ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଅଧକ୍ଷା ସ୍ୱର୍ଣ୍ଣମୁଦ୍ରା ଦେବ ଧନ୍ୟବାଦ ଅର୍ପଣ କରିଥିଲେ।

# ଝାରସୁଗୁଡ଼ାରେ ଓଡ଼ିଶା ଖଣି କନକ୍ଲେଭ

## ‘ବିକଶିତ ଓଡ଼ିଶା ୨୦୩୬’ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତି

**ଝାରସୁଗୁଡ଼ା, ୧୭।୧୦(ସମିସ)**

ଭାରତୀୟ ଶିଳ୍ପ ସଂଘ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଝାରସୁଗୁଡ଼ାରେ ‘ଓଡ଼ିଶା ଖଣି କନକ୍ଲେଭ ୨୦୨୫’ର ଦୁଇଦିନିଆ ସମ୍ମିଳନୀ ଓ ପ୍ରଦର୍ଶନୀ ସଫଳତାର ସହିତ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଳ୍ପ, ସରକାର, ଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରର ୨୫୦ରୁ ଅଧିକ ପ୍ରତିନିଧି ଯୋଗ ଦେଇ ରାଜ୍ୟର ଖଣିଜ ଓ ଶିଳ୍ପୀୟ ବିକାଶର ଭବିଷ୍ୟତ ନେଇ ଚର୍ଚ୍ଚା କରିଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଯୋଗଦେଇ ଓଡ଼ିଶା ବ୍ୟାପକ ଶିଳ୍ପ ପରିବର୍ତ୍ତନର ନେତୃତ୍ୱ ନେଇ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ନିବେଶ ଗନ୍ତବ୍ୟସ୍ଥଳ ଭାବେ ପ୍ରତିଷ୍ଠା ଲାଭ କରିଛି ବୋଲି ମତବ୍ୟକ୍ତ କରିଥିଲେ। ‘ବିକଶିତ ଓଡ଼ିଶା ୨୦୩୬’ ରୋଡ଼ମ୍ୟାପ୍ ନେଇ ‘ବୃଦ୍ଧି କାହାଣୀର ଏକ ଅଂଶ ହୁଅ: ଭବିଷ୍ୟତକୁ ଆକାର ଦିଅ’




ବିଷୟବସ୍ତୁ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ। ଓଡ଼ିଶାର ଅମାପ ଖଣିଜ ଶକ୍ତି ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ ଯେ, ଭାରତର ୩୩% ଲୁହାପଥର, ୯୨% କ୍ରୋମାଇଟ୍ ଏବଂ ୫୬% ବକ୍ସାଇଟ୍ ଓଡ଼ିଶାରେ ଅଛି ଏବଂ ରାଜ୍ୟର ଶିଳ୍ପ ଜନିତ ସଫଳତା ପାଇଁ ଏକ ଦୃଢ଼, ଶିଳ୍ପ ଅନୁକୂଳ ପରିସଂସ୍ଥା ଅଛି।୨୦୨୪-୨୫ ବର୍ଷରେ ରାଜ୍ୟରେ ୬ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପ ମଞ୍ଜୁର ସହିତ ୩.୫ ଲକ୍ଷରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରାଯାଇ ପାରିଛି। ‘ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍’ ଏବଂ ଚାଲୁଥିବା ଶିଳ୍ପ ଅଭିଯାନ ୨୦ଟି କ୍ଷେତ୍ରରେ ୧୬.୬୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତିକୁ ସୁନିଶ୍ଚିତ କରିଛି। ଏହା ୧୨ ଲକ୍ଷରୁ ଅଧିକ ନୂତନ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ଭାରତୀୟ ଶିଳ୍ପ ମହାସଂଘ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧକ୍ଷ ଡ.ପ୍ରଦୀପ୍ତ ମହାନ୍ତି ଖଣିଜ ବିକାଶକୁ ସ୍ଥାୟୀତ୍ୱ ଏବଂ ନବସୃଜନ ସହିତ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକଶିତ ଓଡ଼ିଶା ପାଇଁ ସେ ଦୃଢ଼ ଗବେଷଣା ଏବଂ ଦକ୍ଷତା ପରିସଂସ୍ଥା ପ୍ରସ୍ତୁତି ପାଇଁ ଆହ୍ୱାନ ଦେଇଥିଲେ। ପରିଷଦର ଉପାଧକ୍ଷ ଜି.ସୁରେଶ ଝାରସୁଗୁଡ଼ାର ଶିଳ୍ପ ଭିତ୍ତିକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଶିଳ୍ପ ମହାସଂଘର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେ ଖଣି ଏବଂ ନିର୍ମାଣ କ୍ଷେତ୍ରରେ ସହଭାଗୀତାକୁ ପ୍ରୋତ୍ସାହିତ କରିବା ଏବଂ ନବସୃଜନ ପ୍ରଦର୍ଶନ କରିବା ଲକ୍ଷ୍ୟରେ ଆସନ୍ତା ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ପ୍ରଥମ ଓଡ଼ିଶା ଖଣି ଏବଂ ନିର୍ମାଣ ଏକ୍ସପୋ ୨୦୨୬ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ଓଡ଼ିଶା ଭାରତର ଖଣିଜ ଅର୍ଥନୀତିର କେନ୍ଦ୍ରସ୍ଥଳ ଭାବେ ବିକଶିତ ହେଉଛି ବୋଲି ବେଦାନ୍ତ ଆଲୁମିନିୟମ ଲିମିଟେଡର ସିଇଓ ସି.ଚନ୍ଦ୍ରୁ ଉଲ୍ଲେଖ କରିଥିଲେ। ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟ ପ୍ରବୋଧ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ। କନକ୍ଲେଭରେ ସରକାରୀ ବେସରକାରୀ ଅନୁଷ୍ଠାନ, ଶିଳ୍ପ, ବୈଷୟିକ ଶିକ୍ଷା ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ପ୍ରାୟ ୩୦୦ରୁ ଅଧିକ ବ୍ୟକ୍ତି ଯୋଗ ଦେଇଥିଲେ।

### ହାତୀ-ମଣିଷ ଲଢ଼େଇ

## ହାତୀ ଆକ୍ରମଣରେ ଜଣେ ମୃତ

**କୁଣ୍ଢେଇଗୋଲା, ୧୭।୧୦(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ଗାଁରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗାଁର ରାଜେନ୍ଦ୍ର ପ୍ରଧାନ ଆଜି ଭୋର୍ ସକାଳୁ ଶୌଚ ପାଇଁ ଯାଉଥିବା ବେଳେ ଗାଁ ମୁଣ୍ଡରେ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ହାତୀ ଦୌଡି ଆସି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ରାଜେନ୍ଦ୍ରଙ୍କ ଛାତି ଓ ହାତରେ ଗଭୀର ଆଘାତ ଲାଗିଥିଲା। ଘଟଣା ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ରହିଛି। ଗତକାଲି ସନ୍ଧ୍ୟାରେ ୨୫ ଟିକିଆ ହାତୀପଲ ଗାଁ ମୁଣ୍ଡ ଜଙ୍ଗଲରେ ଥିଲାବେଳେ, ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ ଓ ବନବିଭାଗ ହାତୀପଲକୁ ଘୋଉଡାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଆଜି ଭୋର୍ ସକାଳୁ ଏଭଳି ଘଟଣା ଘଟିଥିଲା। ଅଞ୍ଚଳରେ ହାତୀ-ମଣିଷ ଲଢ଼େଇ ବାରମ୍ବାର ଘଟୁଥିବା ଦେଖିବାକୁ ମିଳିଛି।

# ଝାରସୁଗୁଡ଼ା ଜିଲ୍ଲାରେ ଭାରତୀୟ ମାନବ ଅଧିକାର ସଚେତନତା

**ଝାରସୁଗୁଡ଼ା, ୧୭।୧୦ (ସମିସ):** ଝାରସୁଗୁଡ଼ା ଜିଲ୍ଲା ସ୍ଥିତ ଏସଏସ ସର୍ଭିସ ସୋସାଇଟି କ୍ୟାମ୍ପସରେ ରାଜ୍ୟ ମାନବୀୟ ଲେଗାଲ ଆଡଭାଇଜର ଅଶୋକ ମଲ୍ଲିକଙ୍କ ତତ୍ତ୍ୱାବଧାନ ଓ ଝାରସୁଗୁଡ଼ା ଜିଲ୍ଲା ସଭାପତି ଧନଞ୍ଜୟଙ୍କ ପ୍ରଚେଷ୍ଟାରେ ଭାରତୀୟ ମାନବ ଅଧିକାର କାଉନସିଲର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମାନବ ଅଧିକାର ଷ୍ଟେଟ ଚେୟାରମ୍ୟାନ ତଥା ଷ୍ଟେଟ ଫାଉଣ୍ଡର ଡ.ପୂର୍ଣ୍ଣ ଚନ୍ଦ୍ର ସାହୁ, ସମ୍ମାନୀୟ ଅତିଥି ନ୍ୟାସନାଲ ଆଡଭାଇଜର ଦିଲୀପ ନାଗ, ଷ୍ଟେଟ ଆଡଭାଇଜର ସୁକାନ୍ତ ବାଗ ସହ ଆନନ୍ଦ ତାଣ୍ଡି ଓ ସାହିଲ ନାଗ, ଷ୍ଟେଟ




ଭାଇସ ପ୍ରେସିଡେଣ୍ଟ ଟିକେଶ୍ୱର ଟପ୍ପୋ, ଷ୍ଟେଟ କୋର୍ଡିନେଟର ଜେ ଖୁରିଆ ନାଗ, ନ୍ୟାସନାଲ ଇନଚାର୍ଜ ଜେଟିରାଜ ନାଗ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ଦେଶରେ ପ୍ରତ୍ୟେକ ମନୁଷ୍ୟ ଭଲରେ ବଞ୍ଚିବା, ଭଲ ରାସ୍ତା, ଭଲ ସ୍କୁଲରେ ଶିକ୍ଷା ଅଧିକାର ଏହାସହ ମାନସମ୍ମାନ ସହିତ ବଞ୍ଚିବା ଭାରତୀୟ ନାଗରୀକଙ୍କ ମୌଳିକ ଅଧିକାର ବୋଲି କହିଥିଲେ। ଏହି ସଚେତନତାକୁ ନେଇ ଆଜିର କାର୍ଯ୍ୟକ୍ରମରେ ଜନଜାଗରଣତା ସୃଷ୍ଟି କରାଯାଇଥିଲା। ସମ୍ବଲପୁରରୁ ସମୀର ନାଗ, ରାଜୁ ଖଡିଆ, ଅଶୋକ କରାଳୀ, ଦୁଷ୍ମନ୍ତ କରାଳୀ, ସୁନ୍ଦରଗଡ଼ରୁ ରାଜୁ ବଡାଇକ, ଦେବଗଡ଼ରୁ ସଲମାନ ମୁଣ୍ଡା, ବରଗଡ଼ରୁ ରମେଶ ପାତ୍ର, ପ୍ରକାଶ ହାସଦା, ସୁଶାନ୍ତ ବାଗ, ବଲାଙ୍ଗିରରୁ ରତ୍ନମଣି ନାଗ, ଜିଖ୍ୟାୟ ନାଗ ପ୍ରମୁଖଙ୍କ ସହ ବିଭିନ୍ନ ଅଞ୍ଚଳରୁ ଅନେକ ମାନବୀୟ ଅଧିକାର କାଉନସିଲର ସଭ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଡିଲେଶ୍ୱର ବାଗ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ତଣ୍ଡିଆ, ରବି ରାଉତ, ହେମନ୍ତ ମୁଣ୍ଡା, ତୀର୍ଥବାସୀ ମୁଣ୍ଡା, ରାମ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଆଇଡିବିଆଇ ବ୍ୟାଙ୍କ୍ ପକ୍ଷରୁ ପୌର ପରିଷଦକୁ ବ୍ୟାଟେରୀ ଚାଳିତ ଯାନ ହସ୍ତାନ୍ତର

**ଦେବଗଡ଼, ୧୭।୧୦(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ରୋଗୀ ଓ ସମ୍ପର୍କୀୟଙ୍କୁ ନେବା ଆଣିବା ଉଦ୍ଦେଶ୍ୟରେ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଆଜି ଦେବଗଡ଼ ପୌରପରିଷଦକୁ ଗୋଟିଏ ନୂତନ ବ୍ୟାଟେରୀ ଚାଳିତ ଯାନ




ହସ୍ତାନ୍ତର କରାଯାଇଛି। ନୂଆ ବାଲିରୋଇ ସ୍ଥିତ ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଠାରେ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଅମିତାଭ ବାଜପେୟୀ ଓ ଆଇଡିବିଆଇ ବ୍ୟାଙ୍କ୍ ଦେବଗଡ଼ ଶାଖା ପରିଚାଳକ ଶକ୍ତି ପ୍ରସାଦ ମହାନ୍ତି ବ୍ୟାଙ୍କ୍ ପକ୍ଷରୁ ନୂତନ ବ୍ୟାଟେରୀ ଚାଳିତ ଯାନକୁ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଉପସ୍ଥିତିରେ ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ ଭୋଜ ଓ ପୌରପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁଙ୍କୁ ଗାଡିର ଚାବି ହସ୍ତାନ୍ତର କରିଥିଲେ। ସହର ଠାରୁ ପ୍ରାୟ ୬ କିମି ଦୂରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରେ ରୋଗୀ ଓ ସମ୍ପର୍କୀୟଙ୍କୁ ସେଠାକୁ ଯିବା ଆସିବା ପାଇଁ ୩୦୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଅଟୋ ଭଡା ବାବଦକୁ ଖର୍ଚ୍ଚ କରିବାକୁ ପଡୁଛି। ଜନ ସାଧାରଣଙ୍କ ଉପରେ ପଡୁଥିବା ଏହି ଆର୍ଥିକ ବୋଝକୁ କମାଇବା ପାଇଁ କିଛି ଦିନ ପୂର୍ବେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଜିଲ୍ଲାର ସମସ୍ତ ବ୍ୟାଙ୍କର୍ସଙ୍କୁ ନେଇ ଏକ ବୈଠକ ଡକାଇବା ସହ ସାମାଜିକ କାର୍ଯ୍ୟକ୍ରମ ଅଧୀନ ବ୍ୟାଙ୍କ ପକ୍ଷରୁ ବ୍ୟାଟେରୀ ଚାଳିତ ଯାନ ଯୋଗାଇବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳଙ୍କ ଉକ୍ତ ଅନୁରୋଧକୁ ରକ୍ଷାକରି ଆଇଡିବିଆଇ ପ୍ରଥମ ବ୍ୟାଙ୍କ ଭାବେ ଜିଲ୍ଲାର ଜନ ସାଧାରଣଙ୍କ ସୁବିଧା ଉଦ୍ଦେଶ୍ୟରେ ଆଜି ଏହି ବ୍ୟାଟେରୀ ଚାଳିତ ଯାନକୁ ପୌରପରିଷଦକୁ ହସ୍ତାନ୍ତର କରିଛି।

# ବେଆଇନ ବାଲି ଚାଲାଣ ବେଳେ ୨ ହାଇୱା ଜବତ



**ଦେବଗଡ଼/କୁଣ୍ଢେଇଗୋଲା, ୧୭।୧୦ (ସମିସ):** ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ଗାଁ ସ୍ଥିତ ଟିକିରା ନଦୀରୁ ବେଆଇନ ବାଲି ଚୋରା ଚାଲାଣ ବେଳେ ୨ଟି ହାଇୱା ଗାଡିକୁ ଖଣି ବିଭାଗ ଅଧିକାରୀ ଜବତ କରିଥିବା ଜଣା ପଡ଼ିଛି। ଗତକାଲି ରାତିରେ ଟିକିରା ନଦୀରୁ ବେଆଇନ ବାଲି ଚାଲାଣ ସମ୍ପର୍କିତ ସୂଚନା ପାଇ ସମ୍ବଲପୁର ଓ ଦେବଗଡ଼ ଖଣି ବିଭାଗ ଅଧିକାରୀ ମାନେ ଚଢ଼ାଉ କରି ଦୁଇଟି ବାଲି ବୋଝେଇ ହାଇୱା ଗାଡିକୁ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡି ଚାଳକ କୌଣସି କାଗଜ ପତ୍ର ଦେଖାଇ ନପାରିବାରୁ ଗାଡି ଦୁଇଟିକୁ ଜବତ କରି କୁଣ୍ଢେଇଗୋଲା ଥାନା ପୁଲିସର ଜିମା ଦେଇଥିବା ଜଣାପଡ଼ିଛି।

# ଯୁବତୀଙ୍କୁ ପ୍ରତାରଣା, ପ୍ରେମିକ ଗିରଫ

**ଦେବଗଡ଼, ୧୭।୧୦ (ସମିସ):** ପ୍ରେମ ଆଳରେ ରିଆମାଳ ଥାନାଞ୍ଚଳର ଜଣେ ଯୁବତୀ ଦୁଷ୍କର୍ମର ଶିକାର ହୋଇ ୬ ମାସର ଗର୍ଭବତୀ ହୋଇଥିବା ରିଆମାଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ରିଆମାଳ ଥାନା ପୁଲିସ ଅଭିଯୁକ୍ତ ପ୍ରେମିକ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଦଶଘରିଆ ଗାଁର ଅଭିଯୁକ୍ତ ଯୁବକ ପୀଡିତାଙ୍କ ସହ ପ୍ରାୟ ୬ ମାସ ପୂର୍ବରୁ ପ୍ରେମ ପରେ ସମ୍ପର୍କ ସ୍ଥାପନ କରି ବିବାହର ପ୍ରତିଶ୍ରୁତି ଦେଇଥିଲା। ପୀଡିତାଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲା। ପୀଡିତା ଗର୍ଭବତୀ ଥିବା ଜାଣିପାରି ଅଭିଯୁକ୍ତ ବିବାହ ପାଇଁ କରିବାକୁ ଅରାଜି ହୋଇଥିଲା। ଫଳରେ ପୀଡିତା ବାଧ ହୋଇ ରିଆମାଳ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ।

# ସନ ସିଟିରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

**ଝାରସୁଗଡ଼ା, ୧୭।୧୦ (ସମିସ):** ବେଲପାହାଡ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ ହୋଇଛି। ବେଲପାହାଡ ସନ ସିଟି ହୋଟେଲ ସହ ବିଭିନ୍ନ ଗୁପଚୁପ ଷ୍ଟଲ, ଚାଉମିନ ଷ୍ଟଲ, ଷ୍ଟ୍ରିଟ ଫୁଡ ଦୋକାନରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଚଢ଼ଉ କରାଯାଇଛି। ବେଲପାହାଡ ସନ ସିଟି ହୋଟେଲରେ ଫିମ୍ପି ଯୁକ୍ତ ବାସି ଖାଦ୍ୟ ଦିଆଯାଉଥିବା ନେଇ ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଥିଲା। ଏହାପରେ ଜିଲ୍ଲାଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ସନ ସିଟି ହୋଟେଲରେ ଆତର୍କିତ ଚଢ଼ଉ କରିଥିଲା। ହୋଟେଲର ରୋଷେଇ ଘରକୁ ଯାଇ ବିଭିନ୍ନ ସାମଗ୍ରୀ ଯାଞ୍ଚ କରିବା ସହ ୧୦ ହଜାର ଟଙ୍କା ଫାଇନ କରିଛି। ଏହାପରେ ବେଲପାହାଡ ଓ ଗୁମାଡେରା ଅଞ୍ଚଳରେ ଷ୍ଟ୍ରିଟ ଫୁଡ ଦୋକାନ ଗୁଡିକରେ ଚଢ଼ଉ କରି ୧୮୦୦ ଟଙ୍କା ଜବତ କରିଛି। ଏହାସହ ପନିର, ମିଠା, ଖୁଆର ନମୁନା ସଂଗ୍ରହ କରିବା ସହ ୭ କେଜି ମିଠା ନଷ୍ଟ କରାଯାଇଛି।



# ବାରକୋଟ +୩ ମହାବିଦ୍ୟାଳୟରେ ବୃତ୍ତିଗତ ଶିକ୍ଷା ଆଲୋଚନାଚକ୍ର

**ଦେବଗଡ଼, ୧୭।୧୦ (ସମିସ):** ବାରକୋଟ ସ୍ଥିତପଞ୍ଚାୟତସମିତିସ୍ନାତକମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ‘ଓଡ଼ିଶାରେ ଉଚ୍ଚ ମାଧ୍ୟମିକ ସ୍ତରରେ ବୃତ୍ତିଗତ ଶିକ୍ଷାର ସ୍ଥିତି ଓ ସମସ୍ୟା’ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ମଧୁମିତା ନନ୍ଦଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ଯୁକ୍ତ ତିନି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ତୁଷାର କାନ୍ତ ଧଳ, ଙଂରା ମହାବିଦ୍ୟାଳୟର ଅଧ୍ୟାପକ କୁନା ସିଂ, ଡିଗ୍ରୀ କଲେଜ ଅଧକ୍ଷ ଜିତେନ୍ଦ୍ର ସାହୁ, ଅଧ୍ୟାପିକା ଲିପ୍ସାରାଣୀ ବାରିକ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ଶିକ୍ଷାର ସ୍ଥିତି ଓ ସମସ୍ୟା ଉପରେ ସଚେତନ କରିଥିଲେ। ଏହାପରେ ମହାବିଦ୍ୟାଳୟରେ ପୋଷଣ ଅଭିଯାନ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଜିତେନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ବରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ବାବୁ ସିଂ ଯୋଗଦେଇ ପୋଷଣ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅଧ୍ୟାପକ ଅଖିଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ୟର ଦୟାରେ ଚଳୁଛନ୍ତି ଦିବ୍ୟାଙ୍ଗ ଦୁଃଖୁ

**ଦେବଗଡ଼, ୧୭।୧୦(ସମିସ)**

ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ତଥା ସାମାଜିକ କ୍ଷେତ୍ରରେ ଅସୁରକ୍ଷିତ ବ୍ୟକ୍ତିଙ୍କ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ରହିଛି। ହେଲେ ଦେବଗଡ଼ ଜିଲ୍ଲାରେ ସାମାଜିକ ସୁରକ୍ଷା ବିଭାଗ ନିଜ ଦାୟିତ୍ୱରୁ ବିଚ୍ୟୁତ ହୋଇଥିବା ଦେଖିବାକୁ ମିଳିଛି। ନିଜ ଦାୟିତ୍ୱକୁ ବିଭାଗ ପାଳନ କରିବାରେ ବିଫଳ ହୋଇଥିବାରୁ ଜଣେ ଗରିବ ନିଃସହାୟ ବୃଦ୍ଧ ତଥା ସମ୍ପୂର୍ଣ୍ଣ ଭିନ୍ନକ୍ଷମ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରାଜରାସ୍ତାରେ ଭିକ୍ଷାକୁ ଆଶ୍ରା କରି ପେଟ ପୋଷୁଥିବା ଦେଖିବାକୁ ମିଳିଛି। ଏଭଳି ଏକ କରୁଣ ଚିତ୍ର ଦେବଗଡ଼ ପୌରାଞ୍ଚଳ ମୁଖ୍ୟ ବଜାର ଠାରେ ଗତ କିଛିଦିନ ହେବ ଦେଖିବାକୁ ମିଳୁଛି। ବାରକୋଟ ବ୍ଲକ କେଲଡା ପଞ୍ଚାୟତ ଅଧୀନ ତୁରୀମୁଣ୍ଡା ଗାଁର ଦୁଃଖୁ ଭୂୟାଁ (୬୦) ଶତ ପ୍ରତିଶତ ଭିନ୍ନକ୍ଷମ। ପରିବାର କହିଲେ ଏକମାତ୍ର ବିଧବା ଭାଇବୋହୂ ଓ ତାଙ୍କ ତିନି ସନ୍ତାନ ରହିଛନ୍ତି। ସେମାନେ ନିଜେ ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ। ଏଭଳି କ୍ଷେତ୍ରରେ ଦୁଃଖୁ



ତାଙ୍କ ପାଇଁ ବୋଝ ହୋଇଥିବା ଅନୁଭବ କରି ଗତ କିଛିମାସ ତଳେ ଘର ଛାଡ଼ିଥିଲେ। ପେଟର ଜ୍ୱାଳା ପାଇଁ କିନ୍ତୁ ଦେବଗଡ଼ ପୌରାଞ୍ଚଳରେ ଏଣେ ତେଣେ ଭିକ୍ଷାବୃତ୍ତି କରି ଖାଦ୍ୟ ଗଣ୍ଡେ ଯୋଗାଡ଼ କରୁଛନ୍ତି। ରାତିରେ କିଛି ସ୍ୱେଚ୍ଛାସେବୀଙ୍କ ସହାୟତାରେ ମୁଖ୍ୟ ବଜାର ବାରଣ୍ଡା ଛାତ ତଳେ ରାତ୍ରି ଯାପନ କରିବା

**ଆଖିରେ ପଟି ବାନ୍ଧି ବସିଛି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ**

ପରେ ସକାଳୁ ସକାଳୁ ମୁଖ୍ୟ ବଜାର ରାସ୍ତା କଡରେ ଗାମୁଛା ପାରି ବସି ରହିଥାନ୍ତି। ଦୁଃଖୁଙ୍କ ସ୍ଥିତି ଦେଖି କୌଣସି ଦୟାଳୁ ମଣିଷ ଯାହା କିଛି ଟଙ୍କା ପଇସା ଦେଇଥାନ୍ତି ତାହା ହିଁ ଭିନ୍ନକ୍ଷମ ଦୁଃଖୁଙ୍କ ଜୀବନର ପୁଞ୍ଜି ହୋଇଥାଏ। ତେବେ ଶିକ୍ଷାଦୀକ୍ଷାରୁ ବଞ୍ଚିତ ଦୁଃଖୁଙ୍କ ନାମରେ ସରକାରୀ ଘର ଖଣ୍ଡିଏ ନଥିବା ବେଳେ ବାର୍ଦ୍ଧକ୍ୟ ହେଉକି ଭିନ୍ନକ୍ଷମ ଭତ୍ତା ପ୍ରତ୍ୟେକରୁ ସେ ବଞ୍ଚିତ ରହିଥିବା ପ୍ରକାଶ କରିଛନ୍ତି। ଦୁଃଖୁଙ୍କ ଅବସ୍ଥା ଦେଖିଲେ ଅଚିହ୍ନା ବ୍ୟକ୍ତି ପାଟିରୁ ମଧ ପଦୁଟିଏ ଆହାଃ ବୋଲି ବାହାରି ଆସିଥାଏ। ତେବେ ମାଲମାଲ ସରକାରୀ ଯୋଜନା ରହିଥିଲେ ମଧ ବାସ୍ତବିକ କ୍ଷେତ୍ରରେ ଏହିସବୁ ଯୋଜନା ଦୁଃଖୁ ଭଳି ଗରିବ ଭିନ୍ନକ୍ଷମ ପାଇଁ ଅପହଞ୍ଚ ହୋଇ ରହିଛି। ଜିଲ୍ଲା ମୁଖ୍ୟାଳୟରେ ଏଭଳି ଚିତ୍ର ବିଭାଗୀୟ ବ୍ୟବସ୍ଥା ପ୍ରତି ପ୍ରଶ୍ନଚିହ୍ନ ଲଗାଇଛି। ଅନ୍ୟ ପକ୍ଷରେ ବିଭିନ୍ନ ଦିବସ ପାଳନ ଅବସରରେ ବିଭାଗୀୟ ଅଧିକାରୀ ସୁନ୍ଦର ମଞ୍ଚରେ ଲମ୍ବା ଭାଷଣ ସହ ଭୋଜିଭାତ ଆସର କରି ଲକ୍ଷାଧିକ ଟଙ୍କା ପ୍ରଚାର ପ୍ରସାରରେ ଖର୍ଚ୍ଚ କରୁଥିବା ବେଳେ ଭିନ୍ନକ୍ଷମ ଦୁଃଖୁଙ୍କ ଭଳି ମଣିଷ ଆଜି ମଧ ସମାଜରେ ଭୋକ ଜ୍ୱାଳାରୁ ମୁକ୍ତି ପାଇଁ ରାସ୍ତା କଡରେ କାହାରି ଦୟା ଉପରେ ନିର୍ଭର କରିବା ସରକାର ଓ ସରକାରୀ ବାବୁଙ୍କ ପାରିବା ପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

# ଅଗ୍ନି ନିର୍ବାପକ ପରିଚାଳନା ସାମୂହିକ ଅଭ୍ୟାସ

**କୋଲାବିରା, ୧୭।୧୦(ସମିସ):** କୋଲାବିରା ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲର ସାମୂହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦମକଳ ବାହିନୀ ଓ ବିଦ୍ୟୁତ୍ ବିଭାଗ ରଘୁନାଥପାଲି ସେକ୍ସନ



ପକ୍ଷରୁ ଆୟୋଜିତ ଏହି ସାମୂହିକ ଅଭ୍ୟାସରେ କୋଲାବିରା ବିଦ୍ୟୁତ୍ ବିଭାଗର କମଲଲୋଚନ ପାତ୍ର, ରୁପେଶ ମହାପାତ୍ର, ମଙ୍ଗଳୁ ପ୍ରଧାନ, ଉତ୍ତମ ନାୟକ, କିଶୋର ପୁହାନ, ସଞ୍ଜୀବ ପ୍ରଧାନ, ଅବିନାଶ ମହନ୍ତଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତଥା ଜନସାଧାରଣ ଭାଗ ନେଇଥିଲେ। କୋଲାବିରା ଦମକଳ ବାହିନୀର କେନ୍ଦ୍ରାଧିକାରୀ ଉଗ୍ରସେନ ସାଏ, ମୁଖ୍ୟ କେଶବ ଭୋଇ, ଲବଣେଶ୍ୱର ବାଗ, ଉମେଶ ଜଗତ, ପ୍ରହ୍ଲାଦ ସାହୁ, ଦେବଜିତ୍ ବିଶ୍ୱାଳ, ବିନୋଦ ବିହାରୀ ନାଏକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଉଦ୍ଧାର କାର୍ଯ୍ୟ କରନ୍ତି ସେ ବିଷୟରେ ମକଡ୍ରିଲ ପ୍ରଦର୍ଶନ କରିଥିଲେ। ଏହି ସମୟରେ ନିଆଁକୁ କିପରି ଆୟତ କରାଯିବ, ଉଦ୍ଧାର କରିବା ପ୍ରକ୍ରିୟା ଆଦିର ପ୍ରଦର୍ଶନ, ଅଗ୍ନି ନିର୍ବାପକ ଯନ୍ତ୍ର ଏବଂ ପାଣିର ସହାୟତାରେ ଅଗ୍ନିକାଣ୍ଡ ବିପନ୍ନଙ୍କୁ କିପରି ସହାୟତା କରାଯାଇପାରିବ ସେ ନେଇ ମକଡ୍ରିଲ ପ୍ରଦର୍ଶିତ ହୋଇଥିଲା। ସର୍ବୋପରି ବିଦ୍ୟୁତ୍ କରେଣ୍ଟ ଜନିତ ବିଭିନ୍ନ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ସହ ତ୍ୱରିତ ଉପଚାର ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର କିଶୋର ଚନ୍ଦ୍ର ପୁହାଣ ପରିଚାଳନା କରିଥିଲେ।

# ପ୍ରଥମ ଉଡ଼ାଣ ଭରିଲା ସ୍ୱଦେଶୀ ତେଜସ୍



ନାସିକ୍, ୧୭ ।୧୦(ଏଜେନ୍ସି): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ମାର୍କ-୧ଏ ଶୁକ୍ରବାର ତା'ର ପ୍ରଥମ ଉଡ଼ାଣ ଭରିଛି। ନାସିକର ଓଝାରରେ ଏହି ବିମାନ ନିର୍ମାଣ କରାଯାଇଛି। ଭାରତୀୟ ବାୟୁସେନାକୁ ଏହି ବିମାନ ଉପଲବ୍ଧ କରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ମହାରାଷ୍ଟ୍ରର ନାସିକ୍‌ରେ ତୃତୀୟ ପ୍ରଡକସନ ଲାଇନ୍ ଆରମ୍ଭ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରଡକ୍ସନ ଲାଇନ୍ ଜରିଆରେ ବାୟୁସେନାକୁ ୨୦୩୨-୩୩ ସୁଦ୍ଧା ୧୮୦ଟି ତେଜସ୍ ବିମାନ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ଏଠାରେ ପ୍ରତି ବର୍ଷ ୮ଟି ଫାଇଟରଜେଟ୍ ନିର୍ମାଣ କରାଯାଉଛି। ଏହାକୁ ବଢ଼ାଇ ୧୦ରେ କରାଯିବ ବୋଲି କୁହାଯାଇଛି। ବାୟୁସେନା ପାଇଁ ତେଜସ୍ ବିମାନ ନିର୍ମାଣ କରୁଥିବା ହାଲ୍‌କୁ ଗତ ସେପ୍ଟେମ୍ବରରେ ଆମେରିକା ଚତୁର୍ଥ ଇଞ୍ଜିନ ପଠାଇଥିଲା। ଏହି ଜେଟ୍ ବିମାନର ଡେଣାରେ ୯ଟି ସ୍ଥାନରେ ମିସାଇଲ ଖଞ୍ଜା ଯାଇପାରିବ ଓ ଏହା ହିଁ ଏହି ବିମାନର ସ୍ୱତନ୍ତ୍ରତା। ପ୍ରତ୍ୟେକ ତେଜସ୍ ମାର୍କ-୧ଏ ବିମାନର ମୂଲ୍ୟ ୬୦୦ କୋଟି ଟଙ୍କା ବୋଲି କୁହାଯାଇଛି। ଏହାର ଘଣ୍ଟାପ୍ରତି ବେଗ ୨୨୦୫ କିମି। ଏହା ଶବ୍ଦର ଗତିଠାରୁ ଦୁଇଗୁଣା ବେଗରେ ଗତି କରିପାରିବ।

# ପାକ୍ ସେନା ଶିବିରରେ ଆକ୍ରମଣ; ୭ ସୈନ୍ୟ ମୃତ



ଇସଲାମାବାଦ୍, ୧୭ ।୧୦(ଏଜେନ୍ସି): ପାକିସ୍ତାନର ନର୍ଥ ୱାଜିରସ୍ତାନର ମୀର ଅଲି ଅଞ୍ଚଳରେ ଏକ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୭ ପାକିସ୍ତାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ତେବେ ଏହି ଆକ୍ରମଣରେ ଆମର କୌଣସି ସୈନିକ ମୃତାହତ ହୋଇନାହାନ୍ତି ବୋଲି ଅଧିକାରୀମାନେ ଦାବି କରିଛନ୍ତି। ଆକ୍ରମଣ କରିଥିବା ୪ ଜଣ ଉଗ୍ରବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ଜଣେ ଉଗ୍ରବାଦୀ ବିସ୍ଫୋରକ ଭର୍ତ୍ତି ଥିବା ଏକ ଗାଡିକୁ ଆଣି ସେନା ଶିବିର ପାଚେରୀରେ ଧକ୍କା ଦେଇଥିଲା। ଏହାପରେ ଅନ୍ୟ ୩ଜଣ ଶିବିର ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏମାନେ ଜବାବୀ କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିଲେ। ଉଗ୍ରବାଦୀଙ୍କୁ ସଫଳତାର ସହ ମୁକାବିଲା କରିଥିବାରୁ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକ୍‌ବୀ ସେନାକୁ ପ୍ରଶଂସା କରିଛନ୍ତି। ଗତକିଛି ଦିନ ହେବ ଉତ୍ତର ୱାଜରିସ୍ତାନରେ ଉଗ୍ରବାଦୀଙ୍କ ଆକ୍ରମଣ ବୃଦ୍ଧି ପାଇଛି। ଫଳରେ ଏହି ଅଞ୍ଚଳରେ ଅଧିକ ସୁରକ୍ଷାବଳକୁ ନିୟୋଜିତ କରାଯାଇଛି। ଏହି ଆକ୍ରମଣ ପଛରେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)ର ହାତ ରହିଛି ବୋଲି କୁହାଯାଇଛି। ଗତ ୩ ମାସ ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଅକ୍ରମଣରେ ଯଥେଷ୍ଟ ବୃଦ୍ଧି ପାଇଛି।

## ପୂର୍ବତନ ଆମେରିକା ଏନ୍‌ଏସ୍‌ଏଙ୍କ ବିରୋଧରେ ୧୮ ମାମଲା

ୱାଶିଂଟନ୍, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଭାବେ କାର୍ଯ୍ୟ କରିଥିବା ଜନ୍ ରବର୍ଟ ବୋଲ୍ଟନଙ୍କ ବିରୋଧରେ ଗୋପନୀୟ ସୂଚନାର ଅନୈତିକ ବ୍ୟବହାର ଓ ଏହାକୁ ଲିକ୍ କରିବା ପାଇଁ ମାମଲା ରୁଜୁ ହୋଇଛି। ତାଙ୍କ ବିରୋଧରେ ୧୮ଟି ଅଭିଯୋଗ କରାଯାଇଛି। ବୋଲ୍ଟନ ଟ୍ରମ୍ପ ପ୍ରଶାସନ ପାଇଁ କାର୍ଯ୍ୟ କରୁଥିବା ବେଳେ ନିଜ ଗତିବିଧିର ନୋଟ୍ସ ଓ ଡାଏରୀ ଏଣ୍ଟ୍ରିଜ୍ ଆମେରିକା ଅନ୍‌ଲାଇନ୍ (ଏଓଏଲ୍)ରେ ସେଭ୍ କରିଥିଲେ। ଏଥିରେ ଜାତୀୟ ସୁରକ୍ଷା ସହ ଜଡ଼ିତ ସମ୍ବେଦନଶୀଳ ତଥ୍ୟ ସାମିଲ ରହିଥିଲା। ଏହାକୁ ସେ ନିଜକୁ ଓ ନିଜର ପରିବାର ସଦସ୍ୟଙ୍କୁ ପଠାଇ ଥିଲେ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ବୋଲ୍ଟନଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇପାରେ।

## ଘରୁ ମିଳିଲା ୭.୫ କୋଟି; ଜେଲ୍ ଗଲେ ଡିଆଇଜି

ଚଣ୍ଡିଗଡ଼, ୧୭ ।୧୦(ଏଜେନ୍ସି): ପଞ୍ଜାବ ପୁଲିସ ଡିଆଇଜି ହରଚରଣ ସିଂ ଭୁଲ୍ଲରଙ୍କ ଘରୁ ଆହୁରି ଅଧିକ ଟଙ୍କା ଓ ସୁନା ଜବତ କରାଯାଇଛି। ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନ ଓ ଫାର୍ମ ହାଉସ୍‌ରୁ ୭.୫ କୋଟି ଟଙ୍କା ଏବଂ ଅଢ଼େଇ କେଜି ସୁନା ସହିତ ୨୬ଟି ବିଳାସପୂର୍ଣ୍ଣ ଗାଡ଼ି,ବନ୍ଧୁକ, ବ୍ୟାଙ୍କ ଆକାଉଣ୍ଟର ଡିଟେଲ ଓ ୬୪ରୁ ଊର୍ଦ୍ଧ୍ୱ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ସେହିପରି ଲୁଧିଆନାସ୍ଥିତ ତାଙ୍କ ଫାର୍ମହାଉସ୍‌ରେ ୧୦୮ ବୋତଲ ମଦ ସହିତ ୧୭ରୁ ଅଧିକ ଗୁଳି ଓ ଜଣେ ଦଲାଲଙ୍କ ଘରୁ ନଗଦ ୨୧ ଲକ୍ଷ ଟଙ୍କା ଓ କିଛି କାଗଜ ମଧ୍ୟ ଜବତ କରାଯାଇଛି। ସିବିଆଇ କୋର୍ଟ ହରଚରଣ ସିଂଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି। ଅନ୍ୟଏକ ଘଟଣାକ୍ରମରେ ଡିଆଇଜଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କୁ ଜେଲ ପଠାଇଥିବା ସ୍କ୍ରାପ୍ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ପଞ୍ଜାବ ସରକାର ଓ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ସର୍ଭେକୁ ଭୁଲ୍ ବୁଝିଛନ୍ତି ମୂର୍ତ୍ତି ଦମ୍ପତି: ସିଦ୍ଧରମୟା

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ରାଜ୍ୟରେ ଚାଲିଥିବା ସର୍ଭେରେ ସାମିଲ ହେବାକୁ ମନା କରିବା ପରେ ପ୍ରତିକ୍ରିୟା ଦେଇଛନ୍ତି। ସର୍ଭେକୁ ନେଇ ମୂର୍ତ୍ତି ଦମ୍ପତି ଭୁଲ ବୁଝିଛନ୍ତି ବୋଲି ସେ ଶୁକ୍ରବାର କହିଛନ୍ତି। ରାଜ୍ୟର ୭ କୋଟି ଜନତା ପାଇଁ ଏହି ସର୍ଭେ କରାଯାଉଛି ବୋଲି ୨୦ଥର କହିସାରିଛି। ତଥାପି ଯଦି କେହି ବୁଝି ନ ପାରୁଛନ୍ତି, ତାହେଲେ କିଛି କରିପାରିବନି। କେବଳ ପଛୁଆ ବର୍ଗ ପାଇଁ ଏହି ସର୍ଭେ କରାଯାଉ ନାହିଁ। ଏହା ସମାଜର ସବୁ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଏହା ଏକ ସାମାଜିକ- ଆର୍ଥିକ ଓ ଶୈକ୍ଷଣିକ ସର୍ଭେ। ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲୋକ ଏହାକୁ ଭୁଲ୍ ବୁଝୁଛନ୍ତି। ତେଣୁ ମୂର୍ତ୍ତି ଦମ୍ପତି ଏହାକୁ ଭଲ ଭାବେ ହୃଦୟଙ୍ଗମ କରିବା ଉଚିତ।

## ଜୁବିନଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ରାହୁଲ

ଗୌହାଟୀ, ୧୭ ।୧୦(ଏଜେନ୍ସି): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଆସାମ ପହଞ୍ଚି ବଲିଉଡ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ସ୍ମରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ ମଧ୍ୟ ଜୁବିନଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ। ଜୁବିନଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ ନେଇ ସେ ସରକାରଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି। ସିଙ୍ଗାପୁରରେ ପ୍ରକୃତରେ କ'ଣ ଘଟିଥିଲା ସେ ନେଇ ଜୁବିନଙ୍କ ପରିବାର ଲୋକଙ୍କୁ ଜାଣିବାର ଅଧିକାର ରହିଛି। ଯେତେଶୀଘ୍ର ତଦନ୍ତ ସରିବ, ଜୁବିନଙ୍କ ପରିବାର ସେତେଶୀଘ୍ର ଆଶ୍ୱସ୍ତ ହେବ ବୋଲି ସେ କହିଥିଲେ।

## ବିହାରରେ ସରିଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ

# ମହାମେଣ୍ଟରେ ହୋଇପାରିଲାନି ଆସନ ବୁଝାମଣା

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଆସନ ବୁଝାମଣା କରି ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି କରୁଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆରେ କେଁ ଲାଗିରହିଛି। ଏ ପର୍ଯ୍ୟନ୍ତ ଏହି ମହାମେଣ୍ଟର ସହଯୋଗୀଙ୍କ ମଧ୍ୟରେ ଆସନ ଚୂଡ଼ାନ୍ତ ହୋଇପାରିନାହିଁ। ତେବେ ପ୍ରମୁଖ ଦଳ କଂଗ୍ରେସ ଏବଂ ଆରଜେଡି ପରସ୍ପରର ଆସନରେ ନିଜ ପ୍ରାର୍ଥୀଙ୍କୁ ଟିକେଟ ଦେବା ଆରମ୍ଭ କରିଦେଇଛନ୍ତି। ଏହା ମେଣ୍ଟରେ ନୂଆ ବିବାଦ ସୃଷ୍ଟି କରିଛି। ଦଳମାନଙ୍କ ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଦୀର୍ଘ ଦିନ ହେଲା ଏକାଠି ପ୍ରଚାର କରୁଥିବା ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫାଇନାଲ ମ୍ୟାଚ୍ ପୂର୍ବରୁ ବି ଖେଳାଳି ଧାର୍ଯ୍ୟ କରିପାରିନାହାନ୍ତି। ଏହା ମହାମେଣ୍ଟ ପାଇଁ ଝଟ୍‌କା ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଏନ୍‌ଡିଏ ଆସନ ବଣ୍ଟନ ସାରି ପ୍ରଚାରପ୍ରସାର ଜୋରସୋରରେ ଲାଗିପଡ଼ିଛି। ଏହି କ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି



ଆସନ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଏଠାରୁ ବାହାରିବା ପରେ ନୀତୀଶଙ୍କ ନେତୃତ୍ୱରେ ହିଁ ଦଳ ନିର୍ବାଚନ ଲଢ଼ିବ ବୋଲି କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀଙ୍କ ମହାମେଣ୍ଟରେ ଆସନ ବଣ୍ଟନକୁ ନେଇ ଏବେ ବି ଟଣାଓଟରା ଜାରି ରହିଛି। କିଏ କେଉଁ ଆସନରୁ ଲଢ଼ିବ ତାହାକୁ ନେଇ ଚାଲିଥିବା କଳି ତୁଟି ପାରୁନି। ଏହି ନିର୍ବାଚନ ପାଇଁ ଦୁଇ ଦଳ କିଛି ଆସନରେ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବୁଝାମଣା ନେଇ ଆଲୋଚନା ଜାରି ରହିଛି। ଶେଷ ସମୟରେ ଦୁଇ ଦଳ ନାମାଙ୍କନ ପ୍ରତ୍ୟାହାର କରି ଜଣେ ଅନ୍ୟ ଜଣଙ୍କୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି। ଏହି ବିବାଦ ଏନ୍‌ଡିଏକୁ ବଳ ଯୋଗାଉଛି। ମହାମେଣ୍ଟ ଅଡୁଆକୁ ନେଇ ଦଳୀୟ ନେତାଙ୍କ ସହିତ ଲୋକଙ୍କ ମଧ୍ୟରେ ସଂଶୟ ବଢ଼ିବାରେ ଲାଗିଛି। ଏହି ଆଲୋଚନାରେ ଜଡ଼ିତ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି ଯେ ଦ୍ରୁତ ବେଗ ଅପେକ୍ଷା ସହଯୋଗ ଜରୁରୀ। ବୁଝାମଣା ପାଇଁ ସମୟ ଦରକାର। ଖୁବଶୀଘ୍ର ଆସନ ବଣ୍ଟନ ଘୋଷଣା କରାଯିବ। ସେହପରି ପବନ ଖେଡ଼ା କହିଛନ୍ତି ଯେ ବୁଝାମଣା ନେଇ ଆଲୋଚନା ଜାରି ରହିଛି। ଚିହ୍ନ ବଣ୍ଟା ସରିଯାଇଛି। ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି। ଖୁବଶୀଘ୍ର ସ୍ଥିତି ସ୍ପଷ୍ଟ ହୋଇଯିବ ଏବଂ ବିଜୟୀ ହୋଇ ମହାମେଣ୍ଟ ହିଁ ସରକାର ଗଠନ କରିବ। ତେଣୁ ଆସନ ବଣ୍ଟନକୁ ନେଇ ବିଜେପି ଚିନ୍ତା କରିବାର ଆବଶ୍ୟକତା ନାହିଁ।

୨୦୨୦ ଅପେକ୍ଷା ଚଳିତ ଥର ମହାମେଣ୍ଟ ପରିବାର ବଡ଼ ହୋଇଯାଇଛି। ଏଥିରେ ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ) ଏବଂ ମୁକେଶ ସାହାନୀଙ୍କ ଭିଆଇପି ସାମିଲ ହୋଇଛି। ଜେଏମଏମ ସହ ମଧ୍ୟ ଚର୍ଚ୍ଚା ଜାରି ରହିଛି। ଏତେ ଦଳ ସାମିଲ ହୋଇଥିବାରୁ କିଏ କେଉଁଠୁ ଆଉ କେତେ ଆସନରେ ଲଢ଼ିବ ତାହାର ନିଷ୍ପତ୍ତି ସହଜରେ ହୋଇପାରୁ ନାହିଁ। ଏହା ସହିତ ଆରଜେଡିର କ୍ଷମତା ବୃଦ୍ଧି କରିବାକୁ କଂଗ୍ରେସ ଚାହୁଁନାହିଁ। ଏହି ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଇବାକୁ ଅନିଚ୍ଛା ପ୍ରକାଶ କରିସାରିଛି। ଏହାରି ମଧ୍ୟରେ କଂଗ୍ରେସ ଧୈର୍ଯ୍ୟ ଏବଂ ମନୋବଳ ପ୍ରଦର୍ଶନ କରି ୪୮ ଆସନରେ ପ୍ରାର୍ଥୀ ଦେଇଛି। ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କୁ କୁଟୁମ୍ବା, ସିଏଲବି ନେତା ସକିଲ ଅହମ୍ମଦ ଖାନଙ୍କୁ କଡୱା ଏବଂ ଯୁବ କଂଗ୍ରେସ ମୁଖ୍ୟ ଗରିବ ଦାସଙ୍କୁ ବଛୱାରାରୁ ପ୍ରାର୍ଥୀ କରାଯାଇଛି। ତେବେ ସିପିଆଇର ଅବଧେଶ ରାୟ ବଛୱାରାରୁ ବି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହା ମହାମେଣ୍ଟର ଏକତା ପାଇଁ କଣ୍ଟା ସାବ୍ୟସ୍ତ ହୋଇଛି। କିନ୍ତୁ ଆସନ ଚୂଡ଼ାନ୍ତ ହୋଇଗଲା ପରେ ଅନ୍ୟ ଦଳର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରନ୍ତି। ସୂଚନା ଅନୁଯାୟୀ ଆରଜେଡି କଂଗ୍ରେସକୁ ୬୧ ଆସନ ଦେବା ପାଇଁ ରାଜି ହୋଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ଶେଷ ହେବ। ତେଣୁ ଏହା ପୂର୍ବରୁ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରେ।

## ଗୁଜରାଟରେ ବଦଳିଲା ସମ୍ପୂର୍ଣ୍ଣ କ୍ୟାବିନେଟ

# ରିଭାଭାଙ୍କ ସମେତ ଶପଥନେଲେ ୨୬ ମନ୍ତ୍ରୀ

ଗାନ୍ଧୀନଗର, ୧୭।୧୦ (ଏଜେନ୍ସି): ଗୁଜରାଟରେ ମାତ୍ର ତିନି ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ସରକାର ବଦଳି ଯାଇଛି। ଗୁରୁବାର ୧୬ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଶୁକ୍ରବାର ୨୬ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। କ୍ୟାବିନେଟରେ ୧୯ ନୂଆ ଚେହେରା ସାମିଲ ହୋଇଛନ୍ତି। ଗତ ଥରର ୬ମନ୍ତ୍ରୀ ନିଜ ପଦ ବଜାୟ କରିବାରେ ସଫଳ ହୋଇଛନ୍ତି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଅଭିଯୋଗ ଏବଂ ଆଇନଗତ ମାମଲା ବିନା ଉକ୍ତ ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା। କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାଭାଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି। ଏହି ମନ୍ତ୍ରିମଣ୍ଡଳରେ ୮ ଓବିସି, ୩ ଏସ୍‌ସି, ୪ ଏସ୍‌ଟି ଏବଂ ୩ ମହିଳା ସାମିଲ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ପଟେଲ ସମାଜରୁ ଆସୁଛନ୍ତି। ଜାତିଗତ ସମୀକରଣ ପାଇଁ ଏପରି କରାଯାଇଥିବା କୁହାଯାଉଛି।

## ହର୍ଷ ସାଙ୍ଘଭୀ ଉପ-ମୁଖ୍ୟମନ୍ତ୍ରୀ



ଗୁଜରାଟର ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବା ପରେ ହର୍ଷ ସାଙ୍ଘଭୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା ହୋଇଛି। ହର୍ଷଙ୍କୁ ପଦୋନ୍ନତି ଦେଇ ଉପ-ମୁଖ୍ୟମନ୍ତ୍ରୀ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ହର୍ଷଙ୍କୁ ତାଙ୍କ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ ଭବିଷ୍ୟତର ଅମିତ ଶାହା ବୋଲି ବିବେଚନା କରାଯାଉଛି। ସୁରଟରେ ଜନ୍ମିତ ହର୍ଷ ମାତ୍ର ୪୦ ବର୍ଷ ବୟସରେ ଗୁଜରାଟ ରାଜନୀତିରେ ଧମାକା କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପୂର୍ବରୁ ସେ ଗୃହ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଚର୍ଚ୍ଚିତ ହୋଇଥିଲେ। ନିଜ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସେ କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରଭାବିତ କରିବା ସହ ବିଶ୍ୱାସଭାଜନ ହୋଇପାରିଥିଲେ। ବ୍ୟବସାୟରେ ସଫଳତା ହାସଲ କରିଥିବା ହର୍ଷ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ଯଦି ୨୦୨୭ରେ ବିଜେପି ପୁଣି କ୍ଷମତାକୁ ଆସେ ତେବେ ହର୍ଷଙ୍କୁ ନେତୃତ୍ୱ ପ୍ରଦାନ କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଜୈନ ସମ୍ପ୍ରଦାୟରେ ଜନ୍ମିତ ହର୍ଷ ମାଜୁରା ସିଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଗୃହ ବିଭାଗ ସମେତ ଉଦ୍ୟୋଗ, ପରିବହନ ଓ କ୍ରୀଡ଼ା ମନ୍ତ୍ରଣାଳୟର ଦାୟିତ୍ୱରେ ରହିଥିଲେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଠିକଣା ଉପରେ କିଛିଦିନ ତଳେ ଜୋରଦାର ବୁଲ୍‌ଡୋଜର ଚଳାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସର୍ବକନିଷ୍ଠ ଗୃହମନ୍ତ୍ରୀ ଭାବେ ସେ ନିଜର ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିଲେ।

# ନିଜ ନାମରେ ବିଶାଳ ଦ୍ୱାର ନିର୍ମାଣ କରିବେ ଟ୍ରମ୍ପ

ୱାଶିଂଟନ, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ୧୫୦ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ୱାଶିଂଟନ ଡିସିରେ ନିଜ ନାମରେ ଏକ ବିଶାଳ ଦ୍ୱାର ତଥା ଗେଟ୍ ନିର୍ମାଣ କରିବେ। ଏହି ସ୍ମାରକର ନାମ 'ଆର୍କ ଡି ଟ୍ରମ୍ପ' ରଖାଯିବ। ଏହି ଦ୍ୱାରା ଦେଇ ୱାଶିଂଟନକୁ ଲୋକେ ପ୍ରବେଶ କରିବେ। ଖାସ୍ କରି ଭିର୍ଜିନିଆ ରାଜ୍ୟରୁ ୱାଶିଂଟନ ଡିସିକୁ ଏହି ପ୍ରବେଶ ଦ୍ୱାରା ଦେଇ ଲୋକେ ଆସିବେ। ଏହାର ଡିଜାଇନ୍ ପ୍ୟାରିସର 'ଆର୍କ ଡି ଟ୍ରାଇଓମ୍ଫେ' ସହ ମେଳ ଖାଉଛି। ବୁଧବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏହାର ୩ଟି ଭିନ୍ନ ଭିନ୍ନ ଆକାରର ମଡେଲ ଦେଖାଇଥିଲେ। ଟ୍ରମ୍ପ ହିଁ ଏହାର ଯୋଜନା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇଛି। ଏହି ଦ୍ୱାର ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ୪ କିମି ଦୂରରେ ନିର୍ମାଣ କରାଯିବ। ଟ୍ରମ୍ପଙ୍କ ଯୋଜନା ଅନୁସାରେ ଏହି ଗେଟ୍ ପୋଟୋମେକ ନଦୀର ଆରପାରିରେ ଲିଙ୍କନ ମେମୋରିଆଲର ସାମ୍ନାରେ ନିର୍ମାଣ ହେବ। ଏହି ନଦୀର ସେପଟେ ଭିର୍ଜିନିଆର ରାଜ୍ୟର ସୀମା ଆରମ୍ଭ ହୋଇଛି। ଏହାର ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହେବ ସେ ନେଇ କିଛି କୁହାଯାଇନାହିଁ। ସାଧରଣତଃ ନୂଆ ସ୍ମାରକ ନିର୍ମାଣ ପାଇଁ କଂଗ୍ରେସର ଅନୁମତି ଜରୁରି ହୋଇଥାଏ ଓ କେତୋଟି ପର୍ଯ୍ୟାୟରେ ପରେ ହିଁ ଏହାର ଅନୁମତି ପ୍ରାପ୍ତ ହୋଇଥାଏ। ଏହାକୁ ନିର୍ମାଣ କରିବାରେ କିଛି ବର୍ଷ ଲାଗି ପାରେ। ଏଥିପାଇଁ ଆସନ୍ତାବର୍ଷ ଆମେରିକାର ୨୫୦ତମ ସ୍ୱାଧୀନତା ପାଳନ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା କଷ୍ଟକର। ହ୍ୱାଇଟ୍ ହାଉସ୍‌ରେ ମଧ୍ୟ କିଛି ପରିବର୍ତ୍ତନ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି ବୋଲି କୁହାଯାଇଛି।

## ଟ୍ରମ୍ପଙ୍କୁ ଡରନ୍ତିନି ମୋଦୀ: ଆମେରିକା ଗାୟିକା



ଜଣାଶୁଣା ଆମେରିକା ଗାୟିକା ମେରୀ ମିଲ୍‌ବେନ୍ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦୀ ଭୟ କରୁଛନ୍ତି ବୋଲି ରାହୁଲ ମନ୍ତବ୍ୟ ଦେଇଥିଲେ। ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ମେରୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି। 'ରାହୁଲ ଗାନ୍ଧୀ ଆପଣ ଭୁଲ୍ କହୁଛନ୍ତି, ମୋଦୀ ଟ୍ରମ୍ପଙ୍କୁ ଡରନ୍ତି ନାହିଁ। ସେ ଭାରତର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି। ଟ୍ରମ୍ପ ଯେପରି ଆମେରିକାର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ଆମେରିକା ସହ ଦୀର୍ଘ ସମୟର ରଣନୀତିକୁ ଦୃଷ୍ଟିରେ ରଖି ମୋଦୀ କାର୍ଯ୍ୟ କରିଥାନ୍ତି। ମୋଦୀଙ୍କ ନେତୃତ୍ୱକୁ ଆପଣ ବୁଝିବାକୁ ସକ୍ଷମ ହେବେ ବୋଲି ଆଶା କରୁଛି। ସବୁଠୁ ଭଲ ହେବ, ଆପଣ ନିଜର 'ଆଇ ହେଟ୍ ଇଣ୍ଡିଆ' ଗସ୍ତକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଯାହାର ଏକମାତ୍ର ଦର୍ଶକ ହିଁ ଆପଣ' ବୋଲି ସେ ଉଲ୍ଲେଖ କରିଛନ୍ତି।

## 'ଡିଜିଟାଲ ଆରେଷ୍ଟ' ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଦେଶରେ ଅନ୍‌ଲାଇନ ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଭଳି ଘଟଣା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହାକୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏହି ମାମଲାରେ ନିଜେ ହସ୍ତକ୍ଷେପ କରି କେନ୍ଦ୍ର ସରକାର ଏବଂ ସିବିଆଇକୁ ଜବାବ ମାଗିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା କୌଣସି ସାଧାରଣ ଅପରାଧ ନୁହେଁ। କୋର୍ଟଙ୍କ ନାମ, ମୋହର ଏବଂ ନିର୍ଦ୍ଦେଶର ନକଲକୁ ଜାଲିଆତି କରିବା ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ। ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର, ନିର୍ଦ୍ଦେଶ ଦେଖାଇ ନିର୍ଦ୍ଦୋଷ ଲୋକଙ୍କୁ, ବିଶେଷକରି ବୃଦ୍ଧଙ୍କୁ ଫସାଇବା ଗମ୍ଭୀର ଅପରାଧ। ଏହା ଆଇନ ବିରୋଧୀ କାମ। ଏହା ଦ୍ୱାରା କୋର୍ଟ ଉପରେ ଲୋକଙ୍କ ଭରସା ହ୍ରାସ ପାଉଛି। ହରିୟାଣାର ଏକ ଠକେଇ ମାମଲାର ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ସୂଚନା ଅନୁଯାୟୀ ହରିୟାଣା ଅମ୍ବାଲାରେ ଜଣେ ୭୩ ବର୍ଷୀୟ ବୃଦ୍ଧ ଦମ୍ପତିଙ୍କଠାରୁ ଠକ ୧.୦୫ କୋଟି ଟଙ୍କା ଲୁଟି ନେଇଥିଲେ। ସୁପ୍ରିମକୋର୍ଟ ଏବଂ ଯାଞ୍ଚ ଏଜେନ୍ସିଙ୍କ ନକଲି ନିର୍ଦ୍ଦେଶ, ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର ଦେଖାଇ ଉଭୟଙ୍କୁ ଗିରଫ କରିଥିଲେ। ଏହି ମାମଲାକୁ ନେଇ ଗତ ୨୧ ତାରିଖରେ ମହିଳା ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ଚିଠି ଲେଖି ସମ୍ପୂର୍ଣ୍ଣ ପ୍ରସଙ୍ଗ କହିଥିଲେ। ପରେ ସୁପ୍ରିମକୋର୍ଟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଦିଲ୍ଲୀ ପୁଲିସର ତଥ୍ୟ ଅନୁଯାୟୀ ୨୦୨୫ରେ ସାଇବର ଅପରାଧୀମାନେ ଲୋକଙ୍କଠାରୁ ପ୍ରାୟ ହଜାରେ କୋଟି ଟଙ୍କା ଠକି ନେଲେଣି। ଚଳିତ ବର୍ଷ ନିବେଶ ଜାଲିଆତି, ଡିଜିଟାଲ ଆରେଷ୍ଟ ଏବଂ ବସ୍ ସ୍କାମ ଠକେଇର ସର୍ବାଧିକ ମାମଲା ସାମ୍ନାକୁ ଆସିଛି।

ଅନ୍ୟପକ୍ଷରେ ଅନ୍‌ଲାଇନ ଜୁଆ ଏବଂ ବେଟିଂ ପ୍ଲାଟଫର୍ମ ଉପରେ କଟକଣା ଲଗାଇବା ପାଇଁ ଦାଏର ଆବେଦନ ଉପରେ ସୁପ୍ରମକୋର୍ଟ ଶୁଣାଣି କରିଛନ୍ତ। ଏ ନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆବଦେନର ନକଲ ସରକାରୀ ଓକିଲଙ୍କୁ ଦେବା ପାଇଁ ଖଣ୍ଡପୀଠ କହିଥିଲେ। ଏହି ମାମଲାର ଅନୁଧ୍ୟାନ କରି ଶୁଣାଣିରେ ସହାୟତା କରିବାକୁ କୋର୍ଟ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## କରୁର ଦଳାଚକଟାକୁ ନେଇ ହାଇକୋର୍ଟଙ୍କୁ ଜଣାଇଲେ ଇସି

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ତମିଲଗା ଭେଟ୍ରି କଝଗମ (ଟିଭିକେ) ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳ ନୁହେଁ। ଏକ ଆଞ୍ଚଳିକ ଦଳର ମାନ୍ୟତା ପାଇବା ପାଇଁ ଜରୁରୀ ସର୍ତ୍ତକୁ ଏହି ଦଳ ପୂରଣ କରୁନାହିଁ। ଆଞ୍ଚଳିକ ମାନ୍ୟତା ପାଇବା ପାଇଁ କୌଣସି ଦଳକୁ ଅତିକମରେ ୬ ପ୍ରତିଶତ ବୈଧ ଭୋଟ ଏବଂ ୨ଟି ବିଧାନସଭା ସିଟ୍ କିମ୍ବା ଲୋକସଭାର ଗୋଟିଏ ଆସିନ ଜିତିବା ଜରୁରୀ। ମାଡ୍ରାସ ହାଇକୋର୍ଟରେ କରୁର ଦଳାଚକଟା ମାମଲାରେ ଶୁଣାଣି ଚାଲିଥିବାବେଳେ ଶୁକ୍ରବାର ଭାରତୀୟ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟିଭିକେକୁ ରଦ୍ଦ କିମ୍ବା ଅଣ-

# ବିଜୟଙ୍କ ଦଳକୁ ମାନ୍ୟତା ମିଳିନି



ମାନ୍ୟତା ପ୍ରାପ୍ତ ଦଳ ଘୋଷଣା ଏବଂ କରୁର ରାଲି ପାଇଁ ବିଜୟଙ୍କ ବିରୋଧୀ ଏତଲାରେ ଅତିରିକ୍ତ ଧାରା ଯୋଡିବା ପାଇଁ ହୋଇଥିବା ଆବେଦନ ଉପରେ ଆଜି ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ଶୁଣାଣି କରିଥିଲେ। ହାଇକୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଯାଇ ଏତଲାରେ ପରିବର୍ତ୍ତନ କରିହେବ। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଜୟଙ୍କ ରାଲି ଆୟୋଜନ କରାଯାଇଥିଲା। ଅବହେଳା ଏବଂ ନିୟମ ଉଲ୍ଲଙ୍ଘନ ଯୋଗୁଁ ଏହି ଅଘଟଣ ହୋଇଥିଲା। ଏଥିରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଆବେଦନରେ ଟିଭିକେର ରାଜନୈତିକ ରାଲି ଆୟୋଜନ ଉପରେ କଟକଣା ଏବଂ ପୀଡ଼ିତ ପରିବାରଙ୍କୁ କୋଟିଏ ଟଙ୍କା ଲେଖାଏଁ ଦେବା ପାଇଁ ବିଜୟଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା। ବିଜୟ ଏବଂ ଟିଭିକେ ମୁଖ୍ୟଙ୍କୁ ଅଭିଯୁକ୍ତ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଥିଲା। ପୁଲିସ ଜାଣିଶୁଣି ଅଭିନେତାଙ୍କୁ ସୁରକ୍ଷା ଦେଉଥିବା କୁହାଯାଇଥିଲା। ଏହା ଉପରେ ବିଚାର କରି ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଏହି ଅଘଟଣକୁ ନେଇ ଆଗତ ଅନ୍ୟ ମାମଲା ସହ ପିଆଇଏଲର ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ।

## ପେରୁରେ ଜେନ୍- ଜେଡ୍ ପ୍ରଦର୍ଶନ; ଜଣେ ମୃତ

ଲିମା, ୧୭ ।୧୦(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁରେ ଦୁର୍ନୀତି ବିରୋଧରେ ଜେନ୍- ଜେଡ୍ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିଛି। ଏଥିରେ ଗୁରୁବାର ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୮୦ ପୁଲିସକର୍ମୀ, ୧୦ ସାମ୍ବାଦିକ ସାମିଲ ଅଛନ୍ତି। ହଜାର ହଜାର ଯୁବକ ଆନ୍ଦୋଳନ କରି ନୂଆ ରାଷ୍ଟ୍ରପତି ଜୋଶ ଜେରୀଙ୍କ ଇସ୍ତଫା ଦାବି କରିଥିଲେ। କିନ୍ତୁ ଜେରୀ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ଗତ ଅକ୍ଟୋବର ୧୦ରେ ଜୋରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସଂସଦ ପୂର୍ବତନ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା। ଗତ ୫ ବର୍ଷ ମଧ୍ୟରେ ଜେରୀ ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୪ • ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୧୭ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୧,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୦୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୫୨.୦୦
- ନିଫ୍ଟି ୨୫,୭୦୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଆଜି ଧନ୍‌ତେରାସ୍ | ୨୫ ଟନ୍ ସୁନା, ୧୦୦୦ ଟନ୍ ରୁପା ବିକ୍ରି ଆଶା

## ହେବ ୫୦ ହଜାର କୋଟିର କାରବାର

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦେଶବ୍ୟାପୀ ବଜାରରେ ଦୀପାବଳି ପ୍ରବଳ ଉତ୍ସାହର ସହିତ ପାଳନ କରାଯାଉଛି। ଏଥିପାଇଁ ଗ୍ରାହକମାନେ ବଜାରରେ ଭିଡ଼ ଜମାଇଛନ୍ତି। ଶନିବାର ସାରା ଦେଶରେ ପାଳନ ହେଉଛି ଧନ୍‌ତେରାସ୍। ଧନତେରାସ୍‌କୁ ଲୋକେ ଶୁଭ ବିବେଚନା କରି ସୁନା, ରୂପା, ବାସନକୁସନ ଏବଂ ଘରକରଣା ସାମଗ୍ରୀ କିଣିଥାନ୍ତି। ତେଣୁ କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଏବଂ ଏହାର ଅଳଙ୍କାର ଶାଖା, ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ (ଏଆଇଜେଜିଏଫ୍) ଚଳିତଥର ଧନତେରସରେ ୫୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ଏବଂ ରୂପା କାରବାର ଆକଳନ କରିଛି। ଏଭଳି ସମୟରେ ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ଟପି ପୁଣିଥରେ ସର୍ବକାଳୀନ ରେକର୍ଡ ସ୍ତର ଅତିକ୍ରମ କରିଛି।

ଦୀପାବଳି ଓ ଧନ୍‌ତେରାସ ପୂର୍ବରୁ ଦେଶବ୍ୟାପୀ ସୁନା ବଜାରକୁ ନେଇ କ୍ୟାଟ୍ ଏବଂ ଏଆଇଜେଜିଏଫ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଚଳିତବର୍ଷ ସୁନା ଏବଂ ରୁପା ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ଏବଂ ଚାନ୍ଦନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏବଂ ଏଆଇଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ଆରୋରା କହିଛନ୍ତି ଯେ ସୁନା ଏବଂ ରୂପାର ରେକର୍ଡ ଉଚ୍ଚ ମୂଲ୍ୟ ଯୋଗୁଁ ମଧ୍ୟମ ଏବଂ ଉଚ୍ଚବର୍ଗର ଗ୍ରାହକମାନେ ନିବେଶ ଲକ୍ଷ୍ୟରେ ସ୍ୱର୍ଣ୍ଣ ମୁଦ୍ରାକୁ ଅଧିକ ପ୍ରାଥମିକତା ଦେଉଛନ୍ତି। ବିବାହ ଋତୁରେ କ୍ରେତାମାନେ ମଧ୍ୟ ଭାରୀ ଅଳଙ୍କାର ଅପେକ୍ଷା ହାଲୁକା ଅଳଙ୍କାରକୁ ଗୁରୁତ୍ୱ ଦେଉଛନ୍ତି।

### ଚାହିଦାରେ ରହିବ ସୁନା କଏନ୍

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଦୀପାବଳି ସମୟରେ ସୁନା ମୂଲ୍ୟ ପ୍ରାୟ ୧୦ ଗ୍ରାମ ପିଛା ୮୦,୦୦୦ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ୧,୩୦,୦୦୦ ଟଙ୍କା ଉପରେ ପହଞ୍ଚିଛି, ଯାହା ଏହି ଧାତୁର ମୂଲ୍ୟରେ ୬୦% ବୃଦ୍ଧିକୁ ଦର୍ଶାଉଛି।କରୁଛି। ସେହିପରି, ୨୦୨୪ ରେ ରୂପା ମୂଲ୍ୟ ପ୍ରତି କିଲୋଗ୍ରାମ ୯୮,୦୦୦ ଟଙ୍କା ଥିଲା ଏବଂ ବର୍ତ୍ତମାନ ଏହା କିଲୋ ପିଛା ୨.୦୬ ଲକ୍ଷ ଟଙ୍କା ଅତିକ୍ରମ କରିଛି, ଯାହା ଏହି ଧାତୁ ମୂଲ୍ୟରେ ପ୍ରାୟ ୭୦% ବୃଦ୍ଧିକୁ ଦର୍ଶାଉଛି। ଖଣ୍ଡେଲୱାଲଙ୍କ ମତରେ, ଧନତେରାସରୁ ଦୀପାବଳି ପର୍ଯ୍ୟନ୍ତ ପର୍ବ ଋତୁରେ ସୁନା ଏବଂ ମୁଦ୍ରାର ଚାହିଦା ସବୁଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି। ଆରୋରାଙ୍କ ମତରେ ସାରା ଦେଶରେ ପ୍ରାୟ ୫ ଲକ୍ଷ ଛୋଟ ଏବଂ ବଡ଼ ଅଳଙ୍କାର ବ୍ୟବସାୟୀ କାର୍ଯ୍ୟ କରୁଛନ୍ତି। ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୫୦ ଗ୍ରାମ ସୁନା ବିକ୍ରି କରନ୍ତି, ତେବେ ମୋଟ ପ୍ରାୟ ୨୫ ଟନ୍ ସୁନା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ୩୨,୫୦୦ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୨ କିଲୋଗ୍ରାମ ରୂପା ବିକ୍ରି କରନ୍ତି, ତେବେ ପ୍ରାୟ ୧୦୦୦ ଟନ୍ ରୂପା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ପ୍ରାୟ ୧୮,୦୦୦ କୋଟି ଟଙ୍କା ମୂଲ୍ୟର ହେବ ବୋଲି ଆକଳନ କରାଯାଇଛି। ତେଣୁ, ଦେଶବ୍ୟାପୀ ସୁନା ବଜାରରେ ମୋଟ ବ୍ୟବସାୟ ୫୦,୦୦୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।



ଖଣ୍ଡେଲୱାଲ ଏବଂ ଆରୋରା ବ୍ୟାଖ୍ୟା କରିଛନ୍ତି ଯେ, ପରିବର୍ତ୍ତିତ ବଜାର ଧାରା ଦେଖି, ଅଳଙ୍କାର ବ୍ୟବସାୟୀମାନେ ଏବେ ପରିବର୍ତ୍ତିତ ଗ୍ରାହକ ଚାହିଦା ସହିତ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଫ୍ୟାନ୍ସି ଅଳଙ୍କାର ଏବଂ ରୂପା ମୁଦ୍ରା ଭଳି ନୂତନ ବିକଳ୍ପ ଉପରେ ଧ୍ୟାନ ଦେଉଛନ୍ତି। ଗ୍ରାହକମାନେ ସୁନା ଏବଂ ରୁପା ଅଳଙ୍କାର ଅପେକ୍ଷା କଏନ୍ ବେଶୀ ପସନ୍ଦ କରିପାରନ୍ତି।

## ପୁଣି ସୁନା ଦରରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର,୧୭।୧୦(ସମିସ):** ଦୀପାବଳି ଓ ଧନ୍‌ତେରାସ୍ ପୂର୍ବରୁ ଘରୋଇ ବଜାରରେ ହୁ ହୁ ହୋଇ ବଢୁଛି ସୁନା ଦର। ଫଳରେ ଏହି ହଳଦିଆ ଧାତୁର ମୂଲ୍ୟ ଆଜି ସର୍ବକାଳୀନ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରି ନୂଆ ରେକର୍ଡ କରିଛି। ଆଜି ଗୋଟିଏ ଦିନରେ ୩ ହଜାର ଟଙ୍କା ଯାଏ ବଢ଼ିଛି ସୁନା ଦର। ଆଜି ଗୋଟିଏ ରେଟ୍ ତ କାଲି ଆଉ ଗୋଟିଏ ରେଟ୍। ସୁନା ଦର ଏମିତି ହୁ ହୁ ହୋଇ ବଢୁଥିବା ଦେଖି ସୁନା ଗହଣା ଶୋ ରୁମ୍ ରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ବଡ କଥା ହେଉଛି ଖାଲି ଧନତେରାସ ନୁହେଁ ଭବିଷ୍ୟତ କୁ ନଜର ରେ ରଖି ଗ୍ରାହକ ମାନେ ଏବେଠୁ ସୁନା କିଣି ମହଜୁଦ ରଖିବାକୁ ଚାହୁଁଛନ୍ତି। ଆଗକୁ ସୁନା ଦର ଦେଢ଼ ଲକ୍ଷ ଟଙ୍କା ଛୁଇଁପାରେ ବୋଲି ଅନୁମାନ କରାଯାଉଛି।

ସେପଟେ ଆଜି ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୩ ହଜାର ଟଙ୍କା ବୃଦ୍ଧି ଘଟିଛି। ମାତ୍ର ସପ୍ତାହକ ଭିତରେ ସୁନା ୧୦ ହଜାର ଟଙ୍କା ମହଙ୍ଗା ହୋଇସାରିଛି। ସୁନା ଦର ଏତେ ମାତ୍ରାରେ ବଢୁଛି ଯେ ଲୋକେ ଅଗ୍ରୀମ ବୁକିଂ କରିବାରେ ଲାଗିଛନ୍ତି। ଯଦି ବୁକ୍ କରିଥିବା ମୂଲ୍ୟଠାରୁ ସୁନା ଦର

### ୧୦ ଗ୍ରାମ ୧.୩୨ ଲକ୍ଷ ଟପିଲା
### ଦିନକରେ ୩ ହଜାର ମହଙ୍ଗା

କମିଗଲା ଗ୍ରାହକ କମିଥିବା ମୂଲ୍ୟରେ ସୁନା କିଣିପାରିବା କେତେକ ଶୋ' ରୁମ୍‌ରେ ବ୍ୟବସ୍ଥା ହୋଇଛି। ତେଣୁ ଗ୍ରାହକ ଏବେ ଅଧିକ ମାତ୍ରାରେ ସୁନା ଅଗ୍ରୀମ ବୁକ୍ କରୁଛନ୍ତି। ବର୍ତ୍ତମାନର ଧନତେରସ ମାହୋଲକୁ ଦେଖିଲେ ସୁନା ଦର ଆହୁରି ବଢିବା ସମ୍ଭାବନା ରହିଛି। ଆଜି ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୩୨,୬୩୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧,୨୧,୭୦୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଆଜି ରୁପା ମୂଲ୍ୟରେ କିଲୋ ପିଛା ୩,୦୦୦ ଟଙ୍କା ହ୍ରାସ ଘଟି ଏହା ୧,୦୩,୦୦୦ ଟଙ୍କାକୁ ଖସିଆସିଛି।

## ଅରୁନ୍ଧତୀ ଜୁଏଲର୍ସର ନୂଆ ଟିଭିସି



**ଭୁବନେଶ୍ୱର,୧୭।୧୦(ସମିସ):** ଅରୁନ୍ଧତୀ ସଫଳତା ସହ ପାଳନ କରୁଛି ୨୫ବର୍ଷ ପୂର୍ତ୍ତି। ଓଡିଶାର କଳା ସଂସ୍କୃତି ଓ ପରମ୍ପରା ହେଉଛି ଏହାର ଏକ ଅମୂଲ୍ୟ ପରିଚୟ , ଏହି ନୂତନ ଟିଭି ବିଜ୍ଞାପନର ଉନ୍ମୋଚନ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ସମ୍ଭବ ହୋଇପାରିଛି। ଓଡିଶା ବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ। ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତିର ଗରିମାକୁ ଏକ ସୁନ୍ଦର ଟିଭି ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ ଓଡ଼ିଶାର କଳା ସଂସ୍କୃତି, ପର୍ବପର୍ବାଣି ଏବଂ ଐତିହାସିକ ପରମ୍ପରାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଆଜି ଭୁବନେଶ୍ୱରରେ ଏହି ଟିଭି ବିଜ୍ଞାପନର ଶୁଭାରମ୍ଭ କରାଯାଇଥିଲା। ଧନତେରାସ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ ପ୍ରସ୍ତୁତ କରାଯିବ ସହ ସର୍ବଶ୍ରେଷ୍ଠ ଅଫର ରଖାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି, ସୁନା ଗହଣାର ଗଢ଼ା ମଜୁରି ରେ ଅଫଟୁ ଫ୍ଲାଟ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି, ହୀରା ଗହଣା କ୍ରୟରେ ୨୦,୦୦୦ ଟଙ୍କା ରିଆତି ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ ମୁଦ୍ରା ମଧ୍ୟ ପ୍ରଦାନ କରାଯାଉଛି। ଏହା ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ଅପ୍ ଟୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ କ୍ୟାଶ ବ୍ୟାକ୍ ପାଇପାରିବେ।

## ରିଲାଏନ୍ସ ଡିଜିଟାଲର ଇଲେକ୍ଟ୍ରୋନିକ୍ସ ମହୋତ୍ସବ

**ମୁମ୍ବାଇ,୧୭।୧୦(ସମିସ):** ଉତ୍ସବ ଋତୁରେ ରିଲାଏନ୍ସ ଡିଜିଟାଲ ତା'ର ଗ୍ରାହକମାନଙ୍କ ଲାଗି ଆଣିଛି ଇଲେକ୍ଟ୍ରୋନିକ୍ସ ମହୋତ୍ସବ। ଏହି ମହୋତ୍ସବରେ ଗ୍ରାହକ ବେଶ ସଞ୍ଚୟ ମଧ୍ୟ କରିବେ। ଏଥିରେ ନୂତନତମ ଗ୍ୟାଜେଟ୍‌ଠାରୁ ଆରମ୍ଭ କରି ଘରୋଇ ଉପକରଣ ପର୍ଯ୍ୟନ୍ତ, ଆକର୍ଷଣୀୟ ଅଫରଗୁଡ଼ିକର ମଜା ନେବେ। ଗ୍ରାହକ ପ୍ରଯୁଜ୍ୟ ଉତ୍ପାଦଗୁଡ଼ିକ ଉପରେ ଜିଏସଟି-ହ୍ରାସ ମୂଲ୍ୟର ସର୍ବାଧିକ ଲାଭ ଉଠାନ୍ତୁ ଏବଂ ପ୍ରମୁଖ ବ୍ୟାଙ୍କ କାର୍ଡ ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତିର ଉପଭୋଗ କରିବେ। ଏହି ରିଆତି ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଏବଂ

Reliance digital — PERSONALISING TECHNOLOGY

ଜିଓମାର୍ଟ ଡିଜିଟାଲ ଷ୍ଟୋରଗୁଡ଼ିକରେ ଏବଂ www.reliancedigital.inରେ ଅନଲାଇନରେ ଉପଲବ୍ଧ। ଏହି ଉତ୍ସବ ଅଫରଗୁଡ଼ିକ କେବଳ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଗ୍ରାହକମାନେ ପେପର ଫାଇନାନ୍ସ ମାଧ୍ୟମରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍‌ର ମଧ୍ୟ ଲାଭ ଉଠାଇପାରିବେ, ଯାହା ଦ୍ୱାରା ଏହି ଦୀପାବଳିରେ ନୂତନତମ ପ୍ରଯୁକ୍ତିବିଦ୍ୟା ଘରକୁ ଆଣିବାର ପୂର୍ବ ପ୍ରତୀକ୍ଷାକୁ ଅଧିକ ସହଜ ହୋଇଯିବ। ଏଥିରେ ବଡ଼ ସ୍କ୍ରିନ୍‌ରେ ବଡ଼ ଡିଲ୍:୧,୧୯,୯୯୦ ଟଙ୍କାରେ ଟିସିଏଲ ୮୫-ଇଞ୍ଚ କ୍ୟୁଏଲଇଡି କିଣିଲେ ୨ ବର୍ଷ ୱାରେଣ୍ଟି ଅଛି। ଆଇଫୋନ୍‌୧୬ ସହିତ ଆପେଲ ଇଣ୍ଟେଲିଜେନ୍ସକୁ ଅପଗ୍ରେଡ କରନ୍ତୁ, ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪,୯୯୦ ଟଙ୍କା। ସେହିପରି ୬୨,୯୯୦ ଟଙ୍କାରୁ ଆରମ୍ଭ ପ୍ରିମିୟମ୍ ଫ୍ରେଞ୍ଚ୍ ଡୋର୍ ରେଫ୍ରିଜରେଟର୍ ଏବଂ ୪୪,୯୯୦ ଟଙ୍କାରୁ ଆରମ୍ଭ ହେଉଛି ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟର୍। ପ୍ରତ୍ୟେକ କ୍ରୟ ଉପରେ ୯,୦୦୦ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ମାଗଣା।

## ଇଣ୍ଡିଆନ୍ ବ୍ୟାଙ୍କର ୧୦୦ ଦିନରେ ୧୦୦ ଦେୟ ଅଭିଯାନ

**ଭୁବନେଶ୍ୱର,୧୭।୧୦(ସମିସ) :** ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲ୍ଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କର ଜମା ପୁନରୁଦ୍ଧାର କରିବା ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍ ଅରୁଣାଙ୍କ ଦ୍ୱାରା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କର ସମୀକ୍ଷା ବୈଠକରେ ଉଦବୋଧନ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୧୦୦ ଦିନିଆ ଓ ୧୦୦ ପୃଷ୍ଠା ଅଭିଯାନ ଅକ୍ଟୋବର ପହିଲାରୁ ଡିସେମ୍ବର ୩୧ ଯାଏ ଚାଲୁ ରହିବ। କ୍ଷେତ୍ର ମହାପ୍ରବନ୍ଧକ ଶାଖା ପ୍ରବନ୍ଧକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ଶାଖାର ଉପଭୋକ୍ତାମାନଙ୍କୁ ଯାହାଙ୍କର ଜମା ଖାତା୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆରବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି ସେମାନଙ୍କ ସହ ସମ୍ପର୍କ କରି ସେମାନଙ୍କର ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରନ୍ତୁ। ଏହି କ୍ୟାମ୍ପେନ ଚାଲୁ ରହିବା ଭିତରେ ନିଜ ନିଜ କ୍ଷେତ୍ରରେ ପ୍ରସାର ଓ ପ୍ରଚାର ଅଧିକ ମାତ୍ରାରେ କରନ୍ତୁ, ଯାହା ଫଳରେ ଅଧିକରୁ ଅଧିକ ଜମାକାରୀ ତାଙ୍କର ଦୀର୍ଘ ଦିନ ଧରି ଅବ୍ୟବହୃତ ଜମାରାଶି ପାଇପାରିବେ।



## ତନିସ୍କର ନୂଆ ଅଳଙ୍କାର କଲେକ୍ସନ୍ 'ମୃଗଙ୍କ'




**ଭୁବନେଶ୍ୱର,୧୭।୧୦(ସମିସ):** ପାର୍ବଣ ଋତୁ ପାଇଁ ଅଳଙ୍କାର ରିଟେଲ୍ ବ୍ରାଣ୍ଡ ଟାଟାର ତନିସ୍କ ପକ୍ଷରୁ ଏହାର ଉତ୍ସବ ଅଳଙ୍କାର ସଂଗ୍ରହ 'ମୃଗଙ୍କ' ଉପସ୍ଥାପନ କରାଯାଇଛି, ଯାହା ପୌରାଣିକ ଜଗତ ଏବଂ କଳ୍ପନାତ୍ମକ କାରିଗରି ଦୁନିଆରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ଭାରତର ପୁରାତନ କାହାଣୀ ଓ ପ୍ରତୀକରୁ ପ୍ରେରିତ ମୃଗଙ୍କର ପ୍ରତ୍ୟେକ ଅଳଙ୍କାର ପର୍ବପର୍ବାଣୀ ଭାବନା ପ୍ରତି ଏକ କାବ୍ୟ ଶ୍ରଦ୍ଧାଞ୍ଜଳି। ପୂର୍ବତନ ମିସ୍ ୱାର୍ଲ୍ଡ ତଥା ଅଭିନେତ୍ରୀ ମନୁଷୀ ଛିଲ୍ଲାର, ଯିଏ ମୃଗଙ୍କ ଭାବନାକୁ ସାହସୀ, କଳ୍ପନାତ୍ମକ ଏବଂ ଆକର୍ଷଣୀୟ ଅଲୌକିକତାରେ ପରିପୂର୍ଣ୍ଣ ଭାବେ ଉପସ୍ଥାପିତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଏକ ଦୃଶ୍ୟମାନ ଜଗତ ସୃଷ୍ଟି କରିବା ଯାହା ଫ୍ୟାଶନ୍ ପ୍ରବୃତିକୁ ଅତିକ୍ରମ କରିବ ଯେଉଁଠାରେ ପ୍ରତ୍ୟେକ ଉପାଦାନ ଏକ ରହସ୍ୟମୟ କିମ୍ବା ଚମକଦାର ଆଶ୍ଚର୍ଯ୍ୟ ଓ ଉପସ୍ଥିତିର ଭାବନା ସୃଷ୍ଟି କରିବ। ପୌରାଣିକ ଜୀବ ଏବଂ କଳ୍ପନାତ୍ମକ ଫୁଲରୁ ପ୍ରେରିତ ମୃଗଙ୍କରେ ଥିବା ଗହଣାଗୁଡ଼ିକ କଳ୍ପନା ପରି ଭବ୍ୟ ଏବଂ ସ୍ୱପ୍ନ ପରି ଶାନ୍ତ ହେବା ପାଇଁ ନିର୍ମାଣ କରାଯାଇଛି। ଉନ୍ନତ କାରୁକାର୍ଯ୍ୟ ଯେପରି ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଡରୁମ, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତର ବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗୀନ କୁନ୍ଦନ, ଏନାମେଲ୍ ବିବରଣୀ ଏବଂ ୩ଡି ନକ୍ସାର ଏକ ବିସ୍ମୟକର ମିଶ୍ରଣ ରହିଛି।

## ୱେବ୍‌ସାଇଟ୍ ଡାଉନ୍; ହୋଇପାରୁନି ରେଳ ଟିକଟ ବୁକିଂ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ଓ ଧନ୍‌ତେରାସ୍ ପାଇଁ ଟ୍ରେନ୍‌ରେ ଏବେ ନାହିଁ ନ ଥିବା ଭିଡ଼। ବାହାରେ ଥିବା ଲୋକେ ସମସ୍ତେ ନିଜ ନିଜ ଘରକୁ ଫେରିବାକୁ ବ୍ୟାକୁଳ। ଟ୍ରେନ୍ ଟିକଟ ବୁକିଂ ପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଡାଉନ୍ ରହିଥିବାରୁ ଲୋକେ ରେଳ ଟିକଟ ବୁକିଂ କରିପାରୁନାହାଁନ୍ତି। ଆଜି ଆଇଆର୍‌ସିଟିସିର ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଡାଉନ୍ ହୋଇଯାଇଥିଲା। ଏହାଫଳରେ ଲୋକମାନେ ସକାଳ ୯ଟାରୁ ଟ୍ରେନ୍ ଟିକେଟ୍ ବୁକିଂ କରିପାରୁନାହାଁନ୍ତି। ଲୋକଙ୍କୁ ଅନ୍ୟାନ୍ୟ ଆଇଆର୍‌ସିଟିସି ସେବା ବ୍ୟବହାର କରିବାରେ ମଧ୍ୟ ସମସ୍ୟା ହେଉଛି। ଆଉଟେଜ୍ ଟ୍ରାକିଂ ପ୍ଲାଟଫର୍ମ ଡାଉନ୍ ଡିଟେକ୍ଟର ଅନୁଯାୟୀ, ଯାତ୍ରୀ ଶୁକ୍ରବାର ସକାଳ ଟାଠାରୁ ସାଇଟ୍ ଏବଂ ଆପ୍ ଡାଉନ୍ ହେବା ବିଷୟରେ ରିପୋର୍ଟ କରିବା ଆରମ୍ଭ କରିଥିଲେ। ସକାଳ ୧୧ ଟା ସୁଦ୍ଧା ଏ ନେଇ ପ୍ରାୟ ୬,୦୦୦ ରିପୋର୍ଟ ପ୍ରାପ୍ତ ହୋଇଥିଲା। ଡାଉନ୍ ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ୪୯% ଅଭିଯୋଗ ୱେବସାଇଟ୍‌ରେ, ୩୭% ଆପ୍‌ରେ ଏବଂ ୧୪% ଅଭିଯୋଗ ଷ୍ଟେସନ୍‌ରେ ଟିକଟ୍ କିଣୁଥିବା ନେଇ ଆସିଥିବା ଜଣାପଡିଛି।

## ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ

**ଭୁବନେଶ୍ୱର, ୧୭।୧୦(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଜଳବିଭାଜିକା ଏବଂ ଜୀବିକା ପଦକ୍ଷେପ - ପ୍ରକଳ୍ପ ସଙ୍ଗମ - ଅଧୀନରେ ଏକ ମାଛ ଚାଷ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପ ବୈଜ୍ଞାନିକ ମାଛ ଚାଷ ମାଧ୍ୟମରେ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ବିକଳ୍ପ ଆୟ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡିର ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ଏହି ପଦକ୍ଷେପ ୧୩ଟି ଗ୍ରାମର ପାଞ୍ଚ ଏକର ଜମିରେ କମ୍ପାନୀ ଦ୍ୱାରା ନିର୍ମିତ ୩୨ଟି ଜଳ ସଂରଚନାକୁ ବିସ୍ତାର କରିଛି, ଯାହା ୪୪ ଜଣ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି । ଏହା ସେମାନଙ୍କୁ ମାଛ ଚାଷକୁ ଏକ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ଭାବରେ ଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି। ଏହି ପଦକ୍ଷେପ ବାର୍ଷିକ ୨୦ ଟନ୍ ମାଛ ଅମଳ କରିବ ବୋଲି ଆଶା କରାଯାଉଛି, ଯାହା ସ୍ଥାନୀୟ ଆବଶ୍ୟକତା ଏବଂ ବଜାର ଯୋଗାଣ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ପରିବେଶଗତ ଏବଂ ସାମାଜିକ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସାମଗ୍ରିକ ସମ୍ପ୍ରଦାୟ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ।




## ଦୀପାବଳି ପୂର୍ବରୁ ବୈଦେଶିକ ମୁଦ୍ରା ଭଣ୍ଡାର ଧରାଶାୟୀ

# ୪ ସପ୍ତାହରେ ୫ ବିଲିୟନ୍ ଡଲାର ହ୍ରାସ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ପୂର୍ବରୁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସମ୍ପର୍କରେ ଲଗାତାର ଚତୁର୍ଥ ସପ୍ତାହ ନକାରାତ୍ମକ ତଥ୍ୟ ମିଳିଛି। ଧରାଶାୟୀ ହେବାରେ ଲାଗିଛି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର। କ୍ରମାଗତ ଭାବେ ଚତୁର୍ଥ ସପ୍ତାହ ଧରି ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଜାରି ରହିଛି। ଏହାଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୭୮ ବିଲିୟନ ଡଲାରକୁ ଖସିଆସିଛି। ତଥ୍ୟ ଦର୍ଶାଉଛି ଏହି ଚାରି ସପ୍ତାହ ମଧ୍ୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫ ବିଲିୟନ ଡଲାରରୁ ଅଧିକ ହ୍ରାସ ପାଇଛି।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ନିରନ୍ତରଭାବେ ହ୍ରାସ ପାଉଛି। ଗତ ମାସ କିମ୍ବା ଚାରି ସପ୍ତାହ ମଧ୍ୟରେ ୫ ବିଲିୟନ ଡଲାରରୁ ଅଧିକ କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ସଫା ହୋଇସାରିଛି। ତଥାପି, ଗତ ସପ୍ତାହରେ ଏହି ହ୍ରାସ କେବଳ ସାମାନ୍ୟ ଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସରକାର ଟଙ୍କାକୁ ସମର୍ଥନ କରିବା ପାଇଁ ବୈଦେଶିକ ମୁଦ୍ରା ବ୍ୟବହାର କରୁଛନ୍ତି, ଯାହା ଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇଛି। ତଥାପି, ଆଗାମୀ ଦିନରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଆଶା କରାଯାଉଛି। ଏହି ସମୟରେ,




**ଗୋଟିଏ ମାସରେ ୪୬,୦୦୦ କୋଟି ସଫା**

ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଦେଖାଯାଇଛି।

ଅକ୍ଟୋବର ୧୦ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୨.୧୮ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୬୯୭.୭୮ ବିଲିୟନ ଡଲାରକୁ ବୃଦ୍ଧି କରିଛି। ପୂର୍ବରୁ, ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୦.୨୮ ବିଲିୟନ ଡଲାର ହ୍ରାସ ପାଇଥିଲା। ତଥାପି, ଗତ ଚାରି ସପ୍ତାହ ଧରି ବୈଦେଶିକ ମୁଦ୍ରା ସଂରକ୍ଷଣ ହ୍ରାସ ପାଇଛି। ଶେଷ ଥର ପାଇଁ ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ସେପ୍ଟେମ୍ବର ୧୨ରେ ଶେଷ ହୋଇଥିବା ସପ୍ତାହରେ ହୋଇଥିଲା, ଯେତେବେଳେ ବୈଦେଶିକ ମୁଦ୍ରା ସଂରକ୍ଷଣ ୭୦୨.୯୭ ବିଲିୟନ ଡଲାରରେ ପହଞ୍ଚିଥିଲା। ସେବେଠାରୁ, ବୈଦେଶିକ ମୁଦ୍ରା ସଂରକ୍ଷଣ ୫.୧୯ ବିଲିୟନ ଡଲାର କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ହ୍ରାସ ପାଇଛି।

ଏହି ସମୟରେ, ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ହ୍ରାସ ଦେଖାଦେଇଛି। ତଥ୍ୟ ଅନୁଯାୟୀ, ଅକ୍ଟୋବର ୧୦ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସମ୍ପତ୍ତି ୫.୬୦୫ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ମୋଟ ୫୭୨.୧୦୩ ବିଲିୟନ ଡଲାରକୁ ବୃଦ୍ଧି କରିଛି। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତି, ବୈଦେଶିକ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ପରି ଅଣ-ଆମେରିକୀୟ ୟୁନିଟ୍‌ଗୁଡ଼ିକର ମୂଲ୍ୟରେ ବୃଦ୍ଧି କିମ୍ବା ହ୍ରାସକୁ ପ୍ରତିଫଳିତ କରେ।

ତଥାପି, ଗତ କିଛି ସପ୍ତାହ ଧରି ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇଛି। ଏହି ସମୟରେ, ଦେଶର ସୁନା ଭଣ୍ଡାର ନିରନ୍ତର ବୃଦ୍ଧି ପାଇଛି। ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ଦେଶର ସୁନା ଭଣ୍ଡାର ୩.୫୯୫ ବିଲିୟନ ଡଲାର ବୃଦ୍ଧି ପାଇଛି, ଯାହା ମୋଟ ସୁନା ଭଣ୍ଡାର ୧୦୨.୩୬୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

■ ସୁଲତାନ ଅଫ୍ ଜୋହର କପ୍

## ରେକର୍ଡ ୮ମ ଥର ଫାଇନାଲ ଖେଳିବ ଭାରତ



ଜୋହର ବହରୁ, ୧୭।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚରେ ୨-୧ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ଭାରତର ଗୁର୍‌ଜୋତ୍ ସିଂହ ଓ ସୌରଭ ଆନନ୍ଦ କୁଶୱାହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଏଥିସହ ଭାରତ ୫ ମ୍ୟାଚ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି। ପୂର୍ବରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଥିଲା। ଫଳରେ ଶନିବାର ସନ୍ଧ୍ୟା ୬ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ। ସୁଲତାନ ଅଫ୍ ଜୋହର କପରେ ଭାରତ ୧୨ଥର ଅଂଶଗ୍ରହଣ କରି ରେକର୍ଡ ୮ମଥର ଲାଗି ଫାଇନାଲ ଖେଳିବ। ଭାରତ ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବାବେଳେ ୪ଥର ରନର୍ସଅପ୍ ହୋଇଥିଲା।

## ଚାମୁଣ୍ଡେଶ୍ୱରନାଥ ଆଇସିଏ ଖେଳାଳି ପ୍ରତିନିଧି



ମୁମ୍ବଇ, ୧୭।୧୦ (ଏଜେନ୍ସି): ବିସିସିଆଇର ଆଗାମୀ ଆପେକ୍ସ କାଉନସିଲ୍ ବୈଠକରେ ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏସନ (ଆଇସିଏ)ର ଖେଳାଳି ପ୍ରତିନିଧି ଭାବେ ଭାଗନେବେ। ସେ ଦିଲୀପ ଭେଙ୍ଗସରକାରଙ୍କ ସ୍ଥାନରେ ଆପେକ୍ସ କାଉନସିଲ୍ ବୈଠକରେ ଯୋଗଦେବେ। ଭେଙ୍ଗସରକାର ଆଇସିଏର ଖେଳାଳି ପ୍ରତିନିଧି ଭାବେ ୩ ବର୍ଷ ପୂରଣ କରିସାରିଛନ୍ତି। ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆଇସିଏର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାରତୀୟ ଦଳର ପୂର୍ବତନ ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିଭଳି ଆପେକ୍ସ କାଉନସିଲ ସଦସ୍ୟ ଲାଗି ହୋଇଥିବା ନିର୍ବାଚନରେ ଚାମୁଣ୍ଡେଶ୍ୱରନାଥ ୭୫୫-୮୩ ଭୋଟରେ ଭି. ଜାଡେଜାଙ୍କୁ ହରାଇଥିଲେ। ଚାମୁଣ୍ଡେଶ୍ୱରନାଥ ଆନ୍ଧ୍ରପ୍ରଦେଶ ରଣଜୀ ଟ୍ରଫି ଦଳର ପୂର୍ବତନ ଅଧିନାୟକ। ଏଥିପୂର୍ବରୁ ସେ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ସଦସ୍ୟ ରହିଥିଲେ।

## ଟି-୨୦ ବିଶ୍ୱକପ : ୨୦ତମ ଟିମ୍‌କୁ ଯୋଗ୍ୟତା

ଦୁବାଇ,୧୭।୧୦(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ମସ୍କାଟରେ ଚାଲିଥିବା ଏସିଆ/ଇଷ୍ଟ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟରରେ ୟୁଏଇ, ଓମାନ ଓ ନେପାଳ ପ୍ରଥମ ୩ଟି ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସମସ୍ତ ୨୦ଟି ଦେଶ ନାମ ଚୂଡ଼ାନ୍ତ ହୋଇଛି। ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ପ୍ରଥମେ ଯୋଗ୍ୟତା ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆ, ବାଂଲାଦେଶ, ଆଫଗାନିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ୨୦୨୪ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଥମ ୭ଟି ସ୍ଥାନ ଅଧିକାର କରି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ। ଏମାନଙ୍କ ପରେ ପାକିସ୍ତାନ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଇସିସି ର‍୍ୟାଙ୍କିଂରେ ଆଗରେ ଥିବାରୁ ଯୋଗ୍ୟତା ଅର୍ଜନ କରିଛନ୍ତି। କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇ କାନାଡା, ଇଟାଲୀ, ନେଦରଲାଣ୍ଡସ, ନାମିବ୍ୟା, ନେପାଳ, ଓମାନ ଓ ୟୁଏଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସନ୍ତାବର୍ଷ ଫେବୃଆରୀ- ମାର୍ଚ୍ଚରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଓ ଆୟୋଜକ ଦଳ ଭାବେ ଖେଳିବ।




ଭୁବନେଶ୍ୱରରେ ଶୁକ୍ରବାର ତିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଗେମ୍‌ଚେଞ୍ଜର'ରେ ଅତିଥିମାନେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଦିନିକିଆ ସିରିଜ୍ ଟ୍ରଫି ଉନ୍ମୋଚିତ

# ପର୍ଥରେ ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

ପର୍ଥ,୧୭।୧୦(ଏଜେନ୍ସି)



ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି। ପର୍ଥରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକତ୍ର ହେବା ପରେ ଆଜି ପଡ଼ିଆରେ ଅଭ୍ୟାସ କରିଛନ୍ତି। ଆଜି ମଧ୍ୟ ସିରିଜ୍ ଲାଗି ଆନୁଷ୍ଠାନିକ ଆରମ୍ଭ ହୋଇଛି। ଉଭୟ ଦଳର ଖେଳାଳି ଏକତ୍ର ହୋଇ ସିରିଜ୍ ଶୁଭାରମ୍ଭ କରିଛନ୍ତି। ଖେଳ ପୂର୍ବରୁ ଏହା ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ। ଖେଳ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ଏକ ସ୍ଥିତି ସୃଷ୍ଟି କରିଥାଏ। ଏସବୁକୁ ମୁକାବିଲା କରିବାକୁ ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ୭ମାସ ପରେ ଭାରତ ପକ୍ଷରୁ ଏବଂ ୫ ମାସ ପରେ ପ୍ରଥମଥର ପଡ଼ିଆକୁ ଓହ୍ଲାଇଛନ୍ତି। ଅପଟସ ଷ୍ଟାଡିୟମ୍‌ରେ ଏମାନଙ୍କୁ ଦେଖିବା ଲାଗି ଢ଼େର ସମର୍ଥକ ଉପସ୍ଥିତ ଥିଲେ। ନେଟ୍ସରେ ବିରାଟ କୋହଲି ଭଲ ଭାବେ ଖେଳୁଥିଲେ ମଧ୍ୟ ରୋହିତ ଶର୍ମା ଲୟକୁ ଆସି ପାରି ନ ଥିଲେ।

ଅନ୍ୟ ପକ୍ଷରେ ଉଭୟ ବରିଷ୍ଠ ଓ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଅନେକ କିଛି ଶିଖିବାକୁ ସୁଯୋଗ ପାଇବେ। ଉଭୟ ଖେଳାଳି ଉପଦେଶ ଦେବାରେ ଆଦୌ କଞ୍ଜୁସ ହେବେ ନାହିଁ ବୋଲି ସମସ୍ତେ ଜାଣନ୍ତି। ଏଣୁ ଗିଲ୍‌ଙ୍କୁ ଏହି ସିରିଜ୍‌ରେ ବେଶ ଫାଇଦା ମିଳିବ। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି ସେମାନଙ୍କ ଅଭିଜ୍ଞତାରୁ ନିଶ୍ଚିତ କିଛି ଖେଳାଳି ତଥା ଅଧିନାୟକ ଗିଲ୍‌ଙ୍କୁ ଉପଦେଶ ଦେବେ। ରୋହିତ ଶର୍ମାଙ୍କ ଅବସର ପରେ ଶୁବମନ ଗିଲଙ୍କ ନେତୃତ୍ୱ ପ୍ରଦାନ କରାଯାଇଛି। ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ସିରିଜ୍ ଖେଳିସାରିଛି। ଏଠାରେ ରବିବାର ଅଷ୍ଟ୍ରେଲିଆ ସହ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଗିଲ ଦିନିକିଆ ନେତୃତ୍ୱରେ ଡେବ୍ୟୁ କରିବେ। ଇଂଲଣ୍ଡରେ ପ୍ରଥମଥର ଅଧିନାୟକ ହୋଇଥିବା ଗିଲ ୭୫୪ ରନ୍ କରି ସମସ୍ତଙ୍କୁ ପଛରେ ପକାଇଦେଇଥିଲେ। ଏବେ ପର୍ଥରେ ସେ ତାଙ୍କର ତଥା ଭାରତୀୟ କ୍ରିକେଟ ଲାଗି ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

ଆଜିର ଅଭ୍ୟାସରେ ଉଭୟ ଦଳର ଖେଳାଳି ନେଟ୍ସରେ ଉପସ୍ଥିତ ଥିଲେ। କିନ୍ତୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଥିଲେ ବିରାଟ କୋହଲି। ଏଥିରୁ କୋହଲିଙ୍କ କ୍ରେଜ୍ ଏଯାଏ କମିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ପର୍ଥ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ। ଏଣୁ ଫାଷ୍ଟ ବୋଲରମାନେ ଏଠାରେ ଅଧିକ ବୋଲିଂ କରିଥିଲେ। ରୋହିତ ଓ ବିରାଟ ମଧ୍ୟ ସମାନ ସମୟ ଅଭ୍ୟାସରେ କଟାଇଥିଲେ। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ରିଦମକୁ ଆସିବା ଲାଗି ଉଦ୍ୟମ କରିଥିଲେ। ସ୍ପିନରମାନେ ବୋଲିଂ କରିଥିଲେ ମଧ୍ୟ ସେମାନଙ୍କୁ ବେଶି ସୁଯୋଗ ମିଳି ନ ଥିଲା। ଆସନ୍ତାକାଲି ପିଚ୍ ଦେଖିବା ପରେ ଟିମ୍ ମ୍ୟାନେଜମେଣ୍ଟ କିଛି ସୂଚନା ପାଇବେ। ଏଥିରୁ ଚୂଡ଼ାନ୍ତ ଖେଳାଳି ଚୟନ କରାଯିବ।

### ଗ୍ରୀନ୍ ଆଉଟ, ଲାବୁସେନ ଇନ୍

ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର କାମେରନ ଗ୍ରୀନ୍ ଆହତ ହେବା ଯୋଗୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ସିରିଜ୍ ଆରମ୍ଭରୁ ଘରୋଇ ଦଳକୁ ଶକ୍ତ ଧକ୍କା ଲାଗିଛି। ଗତବର୍ଷ ଅସ୍ତ୍ରୋପଚାର ପରେ ଗ୍ରୀନ୍ ବୋଲିଂ କରିନାହାନ୍ତି। ଏବେ ସେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବରିଷ୍ଠ ଖେଳାଳି ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି। ଫର୍ମରେ ନ ଥିବା ଲାବୁସେନ ଘରୋଇ କ୍ରିକେଟରେ ୫ଟି ମ୍ୟାଚ୍‌ରୁ ୪ଟି ଶତକ ହାସଲ କରିବା ପରେ ଦଳକୁ ଫେରିଛନ୍ତି। ଗ୍ରୀନ୍‌ଙ୍କ ପୂର୍ବରୁ ୱିକେଟକିପର ବ୍ୟାଟର ଜୋଶ୍ ଇଂଲିଶ ମଧ୍ୟ ଆଘାତ ଜନିତ କାରଣ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ପତ୍ନୀ ଗର୍ଭବତୀ ଥିବାରୁ ଲେଗ୍ ସ୍ପିନର ଆଦାମ ଜାମ୍ପା ତାଙ୍କ ଘରେ ଅଛନ୍ତି। ସେ ପ୍ରଥମ ଦିନିକିଆ ଖେଳିବେ ନାହିଁ। ସେହିପରି ଶେଫିଲ୍ଡ ସିଲ୍ଡ ମ୍ୟାଚ ଖେଳୁଥିବାରୁ ଅନ୍ୟତମ ୱିକେଟରକ୍ଷକ ଆଲେକ୍ସ କ୍ୟାରୀ ମଧ୍ୟ ପ୍ରଥମ ଦିନିକିଆରେ ଖେଳିବେ ନାହିଁ। ଏଣୁ ଅଷ୍ଟ୍ରେଲିଆ ଆହତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି।

## ୯ ବର୍ଷରେ ସବୁଠୁ ନିମ୍ନ ଫିଫା ର‍୍ୟାଙ୍କିଙ୍ଗରେ ଭାରତ

ଜୁରିକ, ୧୭।୧୦ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର‍୍ୟାଙ୍କିଙ୍ଗ୍‌ରେ ଭାରତ ଦୁଇଟି ସ୍ଥାନ ହରାଇ ୧୩୬କୁ ଖସିଯାଇଛି। ଫଳରେ ଭାରତୀୟ ପୁରୁଷ ଫୁଟବଲ୍ ଦଳ ଗତ ୯ ବର୍ଷ ମଧ୍ୟରେ ଫିଫା ର‍୍ୟାଙ୍କିଙ୍ଗରେ ସବୁଠୁ ଖରାପ ପ୍ରଦର୍ଶନ କରିଛି। ୨୦୧୬ ନଭେମ୍ବରରେ ପ୍ରକାଶିତ ଫିଫା ମାନ୍ୟତାରେ ଭାରତ ୧୩୭ତମ ସ୍ଥାନରେ ରହିଥିଲା। ଫିଫା ମାନ୍ୟତାରେ ଭାରତ ଏହାର ଶ୍ରେଷ୍ଠ ର‍୍ୟାଙ୍କିଙ୍ଗ ୧୯୯୬ ଫେବୃଆରୀରେ ହାସଲ କରିଥିଲା। ଏଥିରେ ଭାରତ ମାନ୍ୟତାର ୯୪ତମ ସ୍ଥାନରେ ରହିଥିଲା। ସଦ୍ୟ ପ୍ରକାଶିତ ଫିଫା ର‍୍ୟାଙ୍କିଙ୍ଗରେ ସ୍ପେନ ଶୀର୍ଷରେ ସ୍ଥିର ରହିଛି। ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛି। ସେହିଭଳି ଫ୍ରାନ୍ସ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛି। ର‍୍ୟାଙ୍କିଙ୍ଗରେ ଇଂଲଣ୍ଡ ୪ର୍ଥ, ପର୍ତ୍ତୁଗାଲ ୫ମ, ନେଦରଲାଣ୍ଡସ ୬ଷ୍ଠ, ବ୍ରାଜିଲ ୭ମ, ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛନ୍ତି।

## ମହିଳା ଟି-୨୦ ଦ୍ରୁତତମ ଶତକ ହାସଲ କଲେ କିରଣ



ନାଗପୁର, ୧୭।୧୦ (ଏଜେନ୍ସି): ଭାରତୀୟ ବ୍ୟାଟର୍ କିରଣ ନାଭଗିରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି। ନାଗପୁରର ଭିସିଏ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବିସିସିଆଇ ସିନିଅର ମହିଳା ଟି-୨୦ ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ଖେଳି କିରଣ ୩୪ ବଲରେ ଶତକ ହାସଲ କରିଥିଲେ। ୩୧ ବର୍ଷୀୟା ଡାହାଣହାତୀ ବ୍ୟାଟର୍ କିରଣ ତାଙ୍କ ୩୫ ବଲ୍ ପାଳିରେ ୧୦୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୪ଟି ଚୌକା ଓ ୭ଟି ଛକା ମାରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୩୦୨.୮୬ ରହିଥିଲା। ପଞ୍ଜାବ ପକ୍ଷରୁ ୧୧୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କିରଣ ଏକାକୀ ୧୦୬ ରନ କରି ମହାରାଷ୍ଟ୍ରକୁ ୧୨ ଓଭର ଓ ୯ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ। ଏଥିସହ କିରଣ ମହିଳା ଟି-୨୦ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କ ନାମରେ ରହିଥିଲା। ସୋଫି ୨୦୨୧ରେ ୱେଲିଂଟନ ପକ୍ଷରୁ ଖେଳି ଓଟାଗୋ ବିପକ୍ଷରେ ୩୬ ବଲରେ ଶତକ ମାରିଥିଲେ। ଅନ୍ତର୍ଜାତୀୟ ମହିଳା ଟି-୨୦ରେ ୱେଷ୍ଟଇଣ୍ଡିଜର ଡେଣ୍ଡ୍ରା ଡଟିନ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୮ ବଲରେ ଶତକ ଅର୍ଜନ କରିଥିଲେ। ସେହିଭଳି ମହିଳା ଟି-୨୦ ଇତିହାସରେ ଶତକ ହାସଲ କରିଥିବା ବ୍ୟାଟର୍‌ଙ୍କ ମଧ୍ୟରେ କେବଳ କିରଣଙ୍କ ଷ୍ଟ୍ରାଇକରେଟ୍ ୩୦୦ରୁ ଊର୍ଦ୍ଧ୍ୱ ରହିଛି।

ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ଓଡିଏମ୍ ପବ୍ଲିକ୍ ସ୍କୁଲ




ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ୩-୨ ଗୋଲରେ ଜଟଣୀର କୁଶମାଟି ସ୍କୁଲ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗତକାଲି ଓଡିଏମ୍‌ର ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା। ଆଜିର ଖେଳରେ ପବ୍ଲିକ୍ ସ୍କୁଲ ପକ୍ଷରୁ ସୁରଜ ଖାଲକୋ, ନିଖିଲ ହେମ୍ବ୍ରମ ଓ ବିଶାଲ ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କୁଶମାଟି ହାଇସ୍କୁଲର ରୁଦ୍ରପ୍ରସାଦ ନାୟକ ୨ଟି ଗୋଲ ଶୁଝାଇଥିଲେ। ରୁଦ୍ରପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ କୁମାର ଦାସ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ ଭେଟେରାନ ଫୁଟବଲ ସଂଘର ସଭାପତି ନବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତାକାଲି ବା ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ ସହ ୟୁନିଟ୍-୧ ସରକାରୀ ହାଇସ୍କୁଲ ମଧ୍ୟରେ ଖେଳାଯିବ। ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦୀପ ଦାସ। ଟି ମୋହନ ରାଓ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

■ ମହିଳା ବିଶ୍ୱକପ୍ କ୍ରିକେଟ

## ଦକ୍ଷିଣ ଆଫ୍ରିକାର ୪ର୍ଥ ବିଜୟ

କଲମ୍ବୋ,୧୭।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମହିଳା ବିଶ୍ୱକପ୍‌ର ୧୮ତମ ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୦ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଏହି ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଦଳ ପଏଣ୍ଟ ତାଲିକାରେ ଇଂଲଣ୍ଡକୁ ହଟାଇ ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି। ବର୍ଷା ଯୋଗୁଁ ଖେଳ ୫ ଘଣ୍ଟା ବାଧାପ୍ରାପ୍ତ ହେବା ଫଳରେ ମ୍ୟାଚ୍‌କୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ବର୍ଷା ପୂର୍ବରୁ ୧୨ ଓଭରରେ ୨ ୱିକେଟ ହରାଇ ୪୬ ରନ୍ କରିଥିବା ଶ୍ରୀଲଙ୍କା ୭ ୱିକେଟରେ ୧୦୫ ରନ୍ କରିଥିଲା। କିନ୍ତୁ ଡିଏଲଏସ୍ ମେଥଡ ଅନୁଯାୟୀ ଦକ୍ଷିଣ ଆଫ୍ରିକା ଆଗରେ ୨୦ ଓଭରରେ ୧୨୧ ରନ୍‌ର ଲକ୍ଷ୍ୟ ରହିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ଏନ୍ ମାଲବାଙ୍କୁ ୩ଟି ଓ ମାସାବା କ୍ଲାସ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ବ୍ୟାଟିଂରେ ଲୌରା ୱଲଭାର୍ଟ ୬୦ ଓ ତାଜମିନ ବ୍ରିଟ୍ସ ୫୫ ରନ୍‌ରେ ଅପରାଜିତ ରହିଥିଲେ। ଏଠାରେ ଆସନ୍ତାକାଲି ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ।

ରଣଜୀ ଟ୍ରଫି

## ବିଜୟରୁ ବିଦର୍ଭ, ହରିୟାଣାର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ, ୧୭।୧୦ (ଏଜେନ୍ସି)



ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣରେ ବିଦର୍ଭ ଓ ହରିୟାଣା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବେଙ୍ଗାଲୁରୁରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ଏକ ଇନିଂସ ଓ ୧୭୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ସେହିଭଳି ସୁରଟରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଅନ୍ୟ ଏକ ମୁକାବିଲାରେ ହରିୟାଣା ୯୬ ରନରେ ରେଳବାଇକୁ ହରାଇଦେଇଛି। ଇନିଂସ ବିଜୟ ଲାଗି ବିଦର୍ଭ ୭ ଓ ହରିୟାଣା ୬ ପଏଣ୍ଟ ଅର୍ଜନ ପାଇଛି।

ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଇନିଂସରେ ୪୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଅମନ ମୋଖାଡେ ସର୍ବାଧିକ ୧୮୩ ରନ କରିଥିଲେ। ଏହାପରେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ପ୍ରଥମ ଇନିଂସରେ ୧୭୧ ରନରେ ସୀମିତ ରହିଥିଲା। ୨୯୨ ରନ ପଛରେ ଥାଇ ଫଲୋଅନ ପାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶୁକ୍ରବାର ତୃତୀୟ ଦିବସରେ ନାଗାଲାଣ୍ଡ ୧୧୩ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଅମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।


ସେହିଭଳି ସୁରଟର ପିଠୱାଲା ଷ୍ଟାଡିୟମରେ ହରିୟାଣା ଓ ରେଳବାଇ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ୩ ଦିନରେ ୪୦ ୱିକେଟ ପତନ ଘଟିବା ସହ ଫଳାଫଳ ବାହାରିଯାଇଥିଲା। ପ୍ରଥମେ ବ୍ୟାଟିଂ କରି ହରିୟାଣା ୧୭୧ ରନ କରିଥିବାବେଳେ ରେଳବାଇ ୧୨୮ରେ ସୀମିତ ରହିଥିଲା। ୪୩ ରନରେ ଆଗୁଆ ରହିଥିବା ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା। ଫଳରେ ରେଳବାଇ ସାମ୍ନାରେ ୨୪୯ ରନ ଲକ୍ଷ୍ୟ ରହିଥିଲା। ଏହାକୁ ପିଛା କରିଥିବା ରେଳବାଇ ଶୁକ୍ରବାର ୩ୟ ଦିବସରେ ୧୫୨ ରନରେ ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା।

### ରଜତ ପାଟିଦାରଙ୍କ ଦ୍ୱିଶତକ

ଅପରପକ୍ଷରେ ରଜତ ପାଟିଦାର ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି। ମଧ୍ୟପ୍ରଦେଶର ନେତୃତ୍ୱ ନେଉଥିବା ପାଟିଦାର ୨୦୫ ରନ କରି ଅପରାଜିତ ରହିବା ଫଳରେ ତାଙ୍କ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୫୧୯ ରନର ବିଶାଳ ସ୍କୋର କରିଛି। ପଞ୍ଜାବ ପ୍ରଥମ ପାଳିରେ ୨୩୨ ରନ କରିଥିଲା। ଫଳରେ ମଧ୍ୟପ୍ରଦେଶ ୨୮୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍-୭

## ଓଡ଼ିଶାର ସୁତବ୍ୟ ରନର୍ସ ଅପ୍




ଭୁବନେଶ୍ୱର,୧୭।୧୦(ସମିସ): ଓଡ଼ିଶାର ପ୍ରତିଭାବାନ ଜୁନିଅର ଖେଳାଳି ସୁତବ୍ୟ କର୍ମକାର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୭ ଟେନିସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି। ଓଡ଼ିଶା ଟେନିସ ସଂଘ ବ୍ୟାନରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମହାରାଷ୍ଟ୍ରର ଅର୍ଜୁନ ଅତୁଲ ପରଦେଶୀ ୬-୩, ୬-୧ ସିଧାସଳଖ ସେଟ୍‌ରେ ସୁତବ୍ୟଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ। ଖେଳ ଶେଷରେ ତାମିଲନାଡୁର ଅନ୍ୟତମ ପ୍ରତିଭାବାନ ଖେଳାଳି ଓଜେସ ଥେୟଜୋ ଜୟପ୍ରକାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ଦେଶର ଅନେକ ୧୮ ବର୍ଷରୁ କମ୍ ଶୀର୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ।

# ଶାଢ଼ି ସମ୍ଭାର

ଶାଢ଼ି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଂଶ । ଏହା କେବଳ ଏକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟ ଓ ଶିଳ୍ପକଳାର ପରିଚୟ ଭାବେ ଜଣାଯାଏ । ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଆଧୁନିକ ପୋଷାକ ମିଳୁଥିଲେ ହେଁ, ଶାଢ଼ିର ଲୋକପ୍ରିୟତା ସବୁବେଳେ ରହିଛି । ଏହି ପାରମ୍ପରିକ ଶାଢ଼ି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ । ପ୍ରତ୍ୟେକ ଶାଢ଼ି ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ପାଇଁ ଜଣାଯାଏ । ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ପାରମ୍ପରିକ ଶାଢ଼ିକୁ ନେଇ ଏହି ଆଲେଖ୍ୟ ।



### ପଟୋଲା

ଶାଢ଼ି କଥା କହିଲେ, ପଟୋଲା ଚିତ୍ର ସାମ୍ନାକୁ ଆସିଥାଏ । ଗୁଜୁରାଟ ପାଟନରେ ପ୍ରସ୍ତୁତ ହେଉଥିବା ଏହି ଶାଢ଼ି ପାରମ୍ପରିକ ଶାଢ଼ି ଭାବେ ପରିଚିତ । ଏଥିରେ ଭାରତର ଉତ୍କୃଷ୍ଟ ଶିଳ୍ପକଳା ଦେଖିବାକୁ ମିଳିଥାଏ । ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ମାସ ମାସ ସମୟ ଲାଗିଥାଏ । ଏଥିପାଇଁ ଡବଲ୍ ଇକତ୍ ଟେକ୍ନିକ୍ ବ୍ୟବହାର ହୋଇଥାଏ । ପ୍ରତ୍ୟେକ ଶାଢ଼ି ଜଟିଳ ଜ୍ୟାମିତିକ ଡିଜାଇନ୍, ଚମକଯୁକ୍ତ ରଙ୍ଗ ଓ ସୂକ୍ଷ୍ମ କାରିଗରୀ ପାଇଁ ଜଣାଯାଏ ।

### କାଞ୍ଜିଭରମ

କାଞ୍ଜିଭରମ ଶାଢ଼ି ଭାରତୀୟ ସଂସ୍କୃତି ଓ ଐତିହ୍ୟର ପ୍ରତୀକ । ଭାରତର ପ୍ରାଚୀନ, ସୁନ୍ଦର ଓ ଆକର୍ଷଣୀୟ ଶାଢ଼ି ମଧ୍ୟରୁ ଏହା ଗୋଟିଏ । ତାମିଲନାଡୁ କାଞ୍ଚିପୁରମ୍‌ରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ । ଏହାକୁ ଶୁଦ୍ଧ ରେଶମ ସୂତାରେ ବୁଣାଯାଏ । ଶାଢ଼ିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ଜରି ବ୍ୟବହାର ହୋଇଥାଏ । ଏହି ଶାଢ଼ିର ଇତିହାସ ୪୦୦ ବର୍ଷ ପୁରୁଣା । ଏଥିରେ ମନ୍ଦିର, ପ୍ରାକୃତିକ ଦୃଶ୍ୟ, ହାତୀ, ମୟୂର ଭଳି ଅନ୍ୟାନ୍ୟ କଳାକୃତି ଦେଖିବାକୁ ମିଳିଥାଏ । ବିଶେଷତା ଅନୁଯାୟୀ, ଏହି ଶାଢ଼ିର ପଣତକାନି, ବର୍ଡ଼ର ଓ ମଝିଭାଗକୁ ପୃଥକ୍ କରି ବୁଣାଯାଏ । ତେଣୁ ଏହା ଅନ୍ୟ ଶାଢ଼ି ଠାରୁ ସ୍ୱତନ୍ତ୍ର । ଦକ୍ଷିଣ ଭାରତରେ ବିବାହ ଉତ୍ସବରେ ଏହା ମୁଖ୍ୟ ।



### ବନାରସୀ

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଶାଢ଼ି ମଧ୍ୟରୁ ଗୋଟିଏ ବନାରସୀ ଶାଢ଼ି । ଏହା ଉତ୍ତରପ୍ରଦେଶ ବାରାଣସୀରେ ପ୍ରସ୍ତୁତ ହୋଇଥାଏ । ଏହାର ଭବ୍ୟ ଡିଜାଇନ୍, ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ । ଏଥିରେ ସୁନା ଓ ରୂପାର ଜରିକାମ ହୋଇଥାଏ । ଅବଶ୍ୟ ସମୟକ୍ରମେ ଏଥିରେ ନକଲି ଜରିକାମ ଦେଖିବାକୁ ମିଳୁଛି । ଏଥିରେ ଫୁଲ, ପତ୍ର, ମୟୂର, ଓ ଜ୍ୟାମିତିକ ଚିତ୍ର ଭଳି ପାରମ୍ପରିକ ମୋଗଲକାଳର ଡିଜାଇନ୍ ରହିଥାଏ ।

### ମୁଗା ସିଲ୍କ

ମୁଗା ସିଲ୍କ ଆସାମର ପ୍ରାଚୀନ ଶାଢ଼ି ଭାବେ ପରିଚିତ । ଏହି ଶାଢ଼ି ମୁଗା ସିଲ୍କରୁ ପ୍ରସ୍ତୁତ ହୋଇଥାଏ । ଏହା ବିଶ୍ୱର ସବୁଠୁ ନିଆରା ଓ ଦୀର୍ଘସ୍ଥାୟୀ ଶାଢ଼ି ଭାବେ ପରିଚିତ । ତେଣୁ ପିଢ଼ି ପରେ ପିଢ଼ିକୁ ଏହାକୁ ଉପହାର ଭାବେ ଦିଆଯାଇଥାଏ । ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ବିଶେଷତା ଅନୁଯାୟୀ ଏଥିରେ ଯେ କୌଣସି ଏମ୍ବ୍ରୋଡେରୀ ସହଜରେ କରାଯାଇପାରେ । ଏହାର ମୂଲ୍ୟ ପାଞ୍ଚହଜାରରୁ ନେଇ ଦୁଇ ଲକ୍ଷ ଯାଏ ରହିଛି ।

### ସମ୍ବଲପୁରୀ

ସମ୍ବଲପୁରୀ ଶାଢ଼ି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପ୍ରତୀକ ଭାବେ ପରିଚିତ । ଏହା ବିଶେଷ କରି ସମ୍ବଲପୁର, ସୋନପୁର ଓ ବରଗଡ଼ ଆଦି ସ୍ଥାନରେ ବୁଣାଯାଇଥାଏ । ବୁଣାକାରମାନେ ଖୁବ୍ ଯତ୍ନରେ ଏହା ବୁଣିଥାନ୍ତି । ଏହି ହାତବୁଣା ଶାଢ଼ି ସ୍ୱତନ୍ତ୍ରତା ଓ ଭବ୍ୟତା ପାଇଁ ଜଣାଯାଏ । ଏହା ଇକତ୍ ଟେକ୍ନିକ୍‌କୁ ଆପଣାଇ ବୁଣାଯାଇଥାଏ । ଯନ୍ତ୍ର ନିର୍ମିତ ଶାଢ଼ି ତୁଳନାରେ ଏହା ଅଧିକ ସୁନ୍ଦର ଦେଖାଯାଏ । ଏଥିରେ ପାରମ୍ପରିକ ରୂପାଙ୍କନ ଯଥା-ଶଙ୍ଖ, ଚକ୍ର, ଫୁଲ, ସମେତ ଆଦିବାସୀ ଚିତ୍ର ରହିଥାଏ । ଦିନକୁ ଦିନ ଏହି ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିପାଇଛି ।



# ବ୍ରଣ ମୁକ୍ତ ତ୍ୱଚାର ଯତ୍ନ

ଋତୁ ଅନୁଯାୟୀ ତ୍ୱଚାରେ ନାନା ସମସ୍ୟା ଦେଖିବାକୁ ମିଳିଥାଏ । ପ୍ରତିଥର ପାର୍ଲରରେ ଯାଇ ତ୍ୱଚାର ଯତ୍ନ ନେବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ । ତେଣୁ କୋମଳ ଓ ବ୍ରଣମୁକ୍ତ ତ୍ୱଚା ଚାହୁଁଥିଲେ, ଏଥିପାଇଁ ସ୍କିନ୍‌କେୟାର ରୁଟିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରିବେ ।



### ଦିନରେ ଦ୍ୱିଥର ଫେସ୍‌ୱାସ୍

ଅଧିକାଂଶ ତ୍ୱଚାରେ ଧୂଳି, ମାଟି ଓ ତେଲ ଆଦି ଜମି ରହିଥାଏ । ଏହାକୁ ଅନେକ ଲୋକେ ସଫା କରନ୍ତିନି । ଏହା ତ୍ୱଚାରେ ଜମି ବ୍ରଣ ହୋଇଥାଏ । ଏଥିପାଇଁ ତ୍ୱଚାକୁ ଦିନକୁ ଦୁଇରୁ ତିନି ଥର ସଫା କରନ୍ତୁ । ଏହାଦ୍ୱାରା ତ୍ୱଚାରେ ଜମିଥିବା ଧୂଳିମାଟି ବାହାରିଥାଏ । ତ୍ୱଚାରେ ଅତିରିକ୍ତ ତେଲ ବାହାରିଯାଏ । ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

### ଡାଏଟ୍‌ରେ ରଖନ୍ତୁ ଧ୍ୟାନ

ଡାଏଟ୍ ଅନୁସାରେ ଖାଦ୍ୟ ନ ଖାଇଲେ ଅନେକ ତ୍ୱଚାଜନିତ ସମସ୍ୟା ଦେଖାଯାଇଥାଏ । ତେଣୁ ଡାଏଟ୍‌ର ଧ୍ୟାନ ରଖିବା ଜରୁରୀ । ପ୍ରତିଦିନ ଖାଦ୍ୟରେ ସତେଜ ଫଳ, ପନିପରିବା ଓ ଫାଇବର ଯୁକ୍ତ ଖାଦ୍ୟ ମିଶାଇ ଖାଇବା ଭଲ ।

### ଉତ୍ତମ ନିଦ୍ରା

ନିଦ୍ରାଭାବ ଓ ଅଧିକ ଚିନ୍ତା କରିବା ଦ୍ୱାରା ବ୍ରଣ ସମସ୍ୟା ହୋଇଥାଏ । ତେଣୁ ଚିନ୍ତା କମ କରିବା ସହ ସୁସ୍ଥ ନିଦ୍ରା ନେବା ଜରୁରୀ ।

ମୋ ହାଣ୍ଡିଶାଳରୁ...

# ବେସନ ଗୁଡ଼ ବର୍ଫି

### ଆବଶ୍ୟକ ସାମଗ୍ରୀ

ବେସନ – ଏକ କପ୍, ସୁଜି – ଏକ କପ୍, ଗୁଡ଼ – ୨୫୦ ଗ୍ରାମ୍, କ୍ଷୀର – ଏକ କପ୍, ଗୁଜୁରାତି ଗୁଣ୍ଡ – ଅଧ ଚାମଚ, ପିସ୍ତା ବାଦାମ୍ – ସାତ, ଆଠଟି, କଖାରୁ ମଞ୍ଜି – ଅଳ୍ପ, ଗୁଣ୍ଡ କାଜୁ – ଏକ ଚାମଚ, ଦେଶୀ ଘିଅ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ । ଘିଅ ଗରମ ହୋଇଆସିଲେ ସେଥିରେ ବେସନ ଦେଇ ଭାଜନ୍ତୁ । ଏହାପରେ ଏଥିରେ ଏକ କପ୍ ସୁଜି ମିଶାଇ ଏପାଖସେପାଖ କରନ୍ତୁ । ସୁଜିକୁ ବେସନରେ ଭଲଭାବେ ମିଶାନ୍ତୁ । ଏହା ଭାଜି ହୋଇ ହାଲୁକା ନାଲି ରଙ୍ଗ ହୋଇଆସିଲେ, ସେଥିରେ ଅଳ୍ପ କ୍ଷୀର ଦେଇ ପୁଣି ଥରେ ଭାଜନ୍ତୁ । କହଲିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଏହାପରେ ଏକ ପ୍ୟାନ୍ ବସାଇ ସେଥିରେ ଗୁଡ଼ ଦେଇ ଶିରା ପ୍ରସ୍ତୁତ କରନ୍ତୁ । ଧୀରେ ଧୀରେ ଗୁଡ଼ ତରଳି ଶିରା ହୋଇଯିବା ପରେ ଏହାକୁ ପ୍ରସ୍ତୁତ କରି ରଖିଥିବା ବେସନରେ ମିଶାଇ ଦିଅନ୍ତୁ । ଏଥିରେ ଅଳ୍ପ ଗୁଜୁରାତି ମିଶାନ୍ତୁ । ଏହାକୁ ଭଲରେ ଗୋଳାଇ ଏକ ପାତ୍ରରେ କାଢ଼ି ଚାରିପାଖକୁ ସମାନ କରନ୍ତୁ । ଉପରେ ଡ୍ରାଏଫ୍ରୁଟ୍ ପକାନ୍ତୁ । ଛୁରୀରେ କାଟି ପରଷନ୍ତୁ 'ବେସନ ଗୁଡ଼ ବର୍ଫି' ।



# ଆକର୍ଷଣୀୟ ଚୁଡ଼ି

ସାଧାରଣତଃ ଯୁବତୀଙ୍କ ପାଇଁ ଚୁଡ଼ିକୁ ନେଇ ବହୁ ବିକଳ୍ପ ରହିଥାଏ । କିନ୍ତୁ ଶାଢ଼ି ତଥା ଲେହେଙ୍ଗା ସହ କେଉଁ ଚୁଡ଼ି ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ । ଜାଣିବା ସେ ବିଷୟରେ...



### ପେଷ୍ଟାଲ ଚୁଡ଼ି

ପେଷ୍ଟାଲ ରଙ୍ଗର ଚୁଡ଼ି ହାଲୁକା ଗୋଲାପି ରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ଏଥିରେ ମିନାକରୀ କାମ ମଧ୍ୟ ରହିଥାଏ । ଏହାକୁ ଗାଢ଼ ରଙ୍ଗର ଚୁଡ଼ି ସହ ମଧ୍ୟ ପିନ୍ଧିପାରିବେ ।

### ସବୁଜ ଚୁଡ଼ି ଓ ସୁନେଲି କଡ଼ା

ସବୁଜ ରଙ୍ଗର ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏଥିସହ ସୁନେଲି ରଙ୍ଗର କଡ଼ା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ । ସେହିପରି ସବୁଜ ଚୁଡ଼ି ସୁହାଗର ପ୍ରତୀକ ଭାବେ ଜଣାଯାଏ ।

### ମେରୁନ୍ ଚୁଡ଼ି ସହ କୁନ୍ଦନ କଡ଼ା

କୁନ୍ଦନ ଚୁଡ଼ି ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ । କିନ୍ତୁ ମେରୁନ୍ ରଙ୍ଗ ସବୁଠୁ ଭିନ୍ନ ଓ ନିଆରା ଦିଶିଥାଏ । ଅଧିକାଂଶ ଯୁବତୀ ଲେହେଙ୍ଗା ଓ ଶାଢ଼ିରେ ମେରୁନ ରଙ୍ଗ ଚୁଡ଼ି ପିନ୍ଧିବାକୁ ପସନ୍ଦ କରନ୍ତି ।

# ନିମ୍ବ, ତୁଳସୀ ସିରମ୍‌ରୁ ଦୂର ହେବ ରୂପି

ବର୍ତ୍ତମାନ ସମୟରେ କେଶଝଡ଼ା, ରୂପି, ସ୍କାଲ୍ପ ସଂକ୍ରମଣ ଆଦି ମୁଖ୍ୟ ସମସ୍ୟା ପାଲଟିଛି । ନାନା ପ୍ରସାଧନ ଲଗାଇଲେ ମଧ୍ୟ ଏହି ସମସ୍ୟା ସହଜରେ ଦୂର ହୁଏ ନାହିଁ । ତେଣୁ ଆୟୁର୍ବେଦ ଅନୁଯାୟୀ ପ୍ରାକୃତିକ ଉପାୟରେ କେଶରେ ସୁନ୍ଦର ଓ ଚମକ ଆଣିବାକୁ ଚାହୁଁଥିଲେ ନିମ୍ବ, ତୁଳସୀ ହେୟାର୍ ସିରମ୍ ଲଗାଇପାରିବେ ।

### ପ୍ରସ୍ତୁତି


ଏଥିପାଇଁ ଏକ ମୁଠା ନିମ୍ବପତ୍ର, ଏକ ମୁଠା ତୁଳସୀ ପତ୍ର , ନଡ଼ିଆ ତେଲ, ଅଲିଭ୍ ଅଏଲ୍ ଓ ଭିଟାମିନ୍ ଇ କ୍ୟାପସୁଲ୍ ନିଅନ୍ତୁ । ନିମ୍ବ ଓ ତୁଳସୀପତ୍ରକୁ ଭଲରେ ଧୋଇ ଦିଅନ୍ତୁ । ଗୋଟିଏ ପାତ୍ରରେ ପାଣି ଗରମ କରି ସେଥିରେ ନିମ୍ବ ଓ ତୁଳସୀ ପତ୍ର ପକାଇ ଭଲରେ ଫୁଟାନ୍ତୁ । ପାଣି ଅଧା ହୋଇଆସିଲେ ଏହାକୁ ଛାଣି ଦିଅନ୍ତୁ । ଥଣ୍ଡା ହୋଇଗଲେ ସେଥିରେ, ନଡ଼ିଆ ତେଲ, ବାଦାମ ତେଲ ଓ ଭିଟାମିନ୍ ଇ କ୍ୟାପସୁଲ୍ ମିଶାନ୍ତୁ । ଏହାକୁ ଏକ ସ୍ପ୍ରେ ବୋତଲରେ କାଢ଼ି ରଖନ୍ତୁ ।

### ଲଗାଇବା ବିଧି

ପ୍ରଥମେ କେଶକୁ ହାଲୁକା ଓଦା କରି ସିରମ୍‌କୁ କେଶମୂଳ ଓ କେଶଅଗରେ ଭଲ ଭାବେ ଲଗାନ୍ତୁ । ହାତ ସାହାଯ୍ୟ ହାଲୁକା ମସାଜ୍ କରନ୍ତୁ । ଏହାଦ୍ୱାରା ସିରମ୍ ସବୁଆଡ଼େ ଭଲରେ ଲାଗିଥାଏ । ଏହାକୁ ଦୁଇ ତିନି ଘଣ୍ଟା ଛାଡ଼ି ଦିଅନ୍ତୁ । ଚାହିଁଲେ ରାତିସାରା ଲଗାଇ ରଖିପାରିବେ । ଏହାପରେ ହାଲୁକା ସାମ୍ପୁରେ ଧୋଇ ଦିଅନ୍ତୁ । ଏପରି ଦୁଇ ସପ୍ତାହ କଲେ ସୁଫଳ ମିଳିଥାଏ ।

### ଫାଇଦା

- ନିମ୍ବ ଓ ତୁଳସୀରେ ଆଣ୍ଟିଫଙ୍ଗଲ ଓ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଥାଏ । ଯାହା ରୂପିକୁ ମୂଳରୁ ଦୂର କରିଥାଏ ।
- କେଶକୁ ପୋଷଣ ଦେଇ କେଶଝଡ଼ାକୁ ରୋକିଥାଏ । ନିୟମିତ ବ୍ୟବହାର ଦ୍ୱାରା କେଶ ଘନ ହେବା ସହ ମଜଭୁତ ହୋଇଥାଏ ।
- ଏଥିସହ କେଶମୂଳ କୁଣ୍ଡାଇହେବା, ନାଲିପଡ଼ିବା ଭଳି ସମସ୍ୟା ମଧ୍ୟ ଦୂର କରିଥାଏ ।



# ଦୀପରେ ସଜାନ୍ତୁ ଘର

ଆଲୋକର ପର୍ବ ଦୀପାବଳି । ଦୀପାବଳିରେ ଘରେ ଆଲୋକ, ରଙ୍ଗ ଓ ଉତ୍ସବର ମାହୋଲ ଖେଳିଯାଏ । ଏହା ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିଥାଏ । ଏଥିପାଇଁ ସମସ୍ତେ ଘରେ ରଙ୍ଗୋଲି, ଲିଚୁଲାଇଟ୍ ଆଦି ଲଗାଇ ସଜାଇଥାନ୍ତି । ସେହିପରି ଦୀପାବଳିରେ ଘରକୁ ନୂଆ ଶୈଳୀରେ ଆଲୋକିତ କରିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାନ୍ତୁ ।





### ଆକ୍ରେଲିକ୍ ରଙ୍ଗ କରନ୍ତୁ

ମାଟିଦୀପକୁ ସୁନ୍ଦର ତଥା ରଙ୍ଗିନ୍ କରିବାକୁ ଚାହୁଁଥିଲେ ଏହାକୁ, ନାଲି, ସୁନେଲି , ସବୁଜ ଓ ହଳଦିଆ ରଙ୍ଗ ଭଳି ଆକ୍ରେଲିକ୍ ରଙ୍ଗ କରିପାରିବେ । ଏହାକୁ ଆକର୍ଷଣୀୟ କରିବା ପାଇଁ ଉପରେ ଗ୍ଲିଟର୍ ଓ ଗୋଲ୍‌ଡେନ୍ ରଙ୍ଗର ବର୍ଡର ତିଆରି କରିପାରିବେ ।

### ମିରର୍ ଓ ଷ୍ଟୋନ୍

ଏହା ଉପରେ ଛୋଟ ମୋତିମାଳି, ରଙ୍ଗିନ୍ ଷ୍ଟୋନ୍ ଆଦି ଅଠାରେ ଲଗାଇପାରିବେ । ଏଥିରେ ଦୀପ ଖୁବ୍ ସୁନ୍ଦର ଦିଶିଥାଏ । ସେହିପରି ଦୀପରେ ଲେସ୍ ଓ ରିବନ ଲଗାନ୍ତୁ । ଏହା ପାରମ୍ପରିକ ସାଜକୁ ଏକ କ୍ଲାସି ଲୁକ୍ ଦେଇଥାଏ ।

### ବାନିଶ ରଙ୍ଗ ଲଗାନ୍ତୁ

ଦୀପ ସଜାଇବା ପରେ ତା ଉପରେ ଏକ ବାନିଶ ପରସ୍ତ ଲଗାନ୍ତୁ । ଏହାଦ୍ୱାରା ରଙ୍ଗ ଓ ସାଜସଜ୍ଜା ଦୀର୍ଘ ସମୟ ରହିଥାଏ ।

### ଭାସମାନ ଦୀପ

ଏଥିପାଇଁ ଦୀପରେ ତେଲ ଭର୍ତ୍ତି କରନ୍ତୁ । ଏହାପରେ ଏକ ରସ ଠିପି କିମ୍ବା ଏକ ଛାଞ୍ଚରେ ସଳିତା ଲଗାନ୍ତୁ । ଏହାକୁ ଦିଆସିଲ୍ ଲଗାଇ ଜଳାଇଲେ ପାଣିରେ ଭାସିଥାଏ । ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଚାହିଁଲେ ଏଥିରେ ଫୁଲ, ପାଖୁଡ଼ା ସଜାଇପାରିବେ ।

### ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ

# ପଦକ ନିଶ୍ଚିତ କଲେ ତନ୍ଭୀ



ଗୁଆହାଟୀ,୧୭।୧୦(ଏଜେନ୍ସି): ଭାରତର ତନଭି ଶର୍ମା ଏଠାରେ ଚାଲିଥିବା ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳରେ ତନ୍ଭି ୧୩-୧୫, ୧୫-୧୯, ୧୫-୧୦ରେ ଜାପାନର ସାକି ମାତ୍ସୁମୋଟୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳି ପଦକ ଜିତିଥାନ୍ତି। ଏଣୁ ସେମିଫାଇନାଲରେ ହାରିଗଲେ ମଧ୍ୟ ତନ୍ଭି ପଦକ ବିଜୟୀ ହେବେ। ଏହି ପ୍ରତିଯୋଗିତାରେ ପଦକ ଜିତିବାରେ ୨୦୦୮ ପରେ ସେ ହେବେ ପ୍ରଥମ ଭାରତୀୟ ଖେଳାଳି। ୨୦୦୮ ପୁଣେରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସାଇନା ନେହ୍ୱାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଥିଲା ଭାରତର ଶେଷ ପଦକ। ତନ୍ଭି ଏବେ ପଦକ ବିଜୟୀ ହେବେ। ପୂର୍ବରୁ ୨୦୦୬ ଇଞ୍ଚିଅନ୍ ଟୁର୍ଣ୍ଣାମେଣ୍ଟରେ ସାଇନା ରୌପ୍ୟ ଓ ୧୯୯୬ ସିଲକେବର୍ଗ ଟୁର୍ଣ୍ଣାମେଣ୍ଟରେ ଅପର୍ଣ୍ଣା ପୋପଟ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୬ ବର୍ଷୀୟା ତନ୍ଭି କେଉଁ ସଫଳତାକୁ ଦୋହରାଇବେ ତାହା ସମୟ କହିବ।

### ବାରବାଟୀ ରଣଜୀ: ଶିବାଲିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ

# ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ

କଟକ, ୧୭।୧୦ (ସମିସ): ଓପନର ଶିବାଲିକ ଶର୍ମା ଓ ୱିକେଟରକ୍ଷକ ମିତେଶ ପଟେଲଙ୍କ ଶତକ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାରେ ଭ୍ରମଣକାରୀ ବରୋଦା ଦଳ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ବାରବାଟୀର ସ୍ଲୋ ୱିକେଟରେ ଏହି ଅଗ୍ରଣୀ ବରୋଦାକୁ ରଣଜୀ ସିଜନର ପ୍ରଥମ ମ୍ୟାଚ୍‌ରେ ଅଧିକ ପଏଣ୍ଟ ସଂଗ୍ରହ ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୭୧ ରନ୍ କରିଥିଲା। ଜବାବରେ ଶିବାଲିକ ୧୨୪ ଓ ମିତେଶ ଅପରାଜିତ ୧୦୦ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ବରୋଦା ୭ ୱିକେଟ ହରାଇ ୪୧୩ ରନ୍ କରିନେଇଛି। ଏହା ଫଳରେ ବରୋଦା ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୨ ରନ୍‌ରେ ଆଗୁଆ ରହିବା ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜଭୁତ କରିନେଇଛି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ମିତେଶଙ୍କ ସହ ରସିକ ଦାର ସଲାମ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତି ପାଣ୍ଡେ ୭୧ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଓଡ଼ିଶାକୁ ୧ ପଏଣ୍ଟ ହାସଲ କରିବାକୁ ବା ମ୍ୟାଚ୍ ଡ୍ର ରଖିବାକୁ ସଂଘର୍ଷ କରିବାକୁ ପଡ଼ିବ।



ଶୁକ୍ରବାର ସକାଳେ ବରୋଦା ତାହାର ଅସମାପ୍ତ ପ୍ରଥମ ଇନିଂସ ୨ ୱିକେଟରେ ୧୨୭ ରନ୍‌ରୁ ଖେଳ ଆରମ୍ଭ କରି ମନ୍ଥର ଗତିରେ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ଶିବାଲିକ୍ ଶର୍ମା ଓ ସୁକୀର୍ତ୍ତି ପାଣ୍ଡେ ତୃତୀୟ ୱିକେଟ ଭାଗୀଦାରିରେ ୧୬୦ ରନ୍ ଯୋଗ କରିବା ପରେ ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ଏହି ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ୨୪୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୧୨୪ ରନ୍ କରିଥିଲାବେଳେ ଶିବାଲିକ ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାର କିଛି ସମୟ ମଧ୍ୟରେ ତାଙ୍କ ସେଞ୍ଚୁରି ପାର୍ଟନର ସୁକୀର୍ତ୍ତି ପାଣ୍ଡେ ମଧ୍ୟ ଆଉଟ ହୋଇଯାଇଥିଲେ। ସୁକୀର୍ତ୍ତି ୨୩୩ ଟି ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ମାତ୍ର ୪ଟି ଚୌକା ଓ ଗୋଟିଏ ଛକା ସହ ୭୧ ରନ୍‌ରେ ବାଦଲଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ମଧ୍ୟ ବରୋଦା ଦୃଢ଼ତାର ସହ ବ୍ୟାଟିଂ କରିଥିଲା। ୭ମ ୱିକେଟରେ ଅଭିଜ୍ଞ ଅତୀତ ସେଠ୍ ଓ ୱିକେଟ ରକ୍ଷକ ମିତେଶ ପଟେଲ ୫୨ ରନ୍ ଏବଂ ଅବିଭକ୍ତ ୮ମ ୱିକେଟ ଭାଗୀଦାରିରେ ମିତେଶ ଓ ରସିକ ଦାର ସଲାମ ୮୯ ରନ୍ ଉଠାଇ ଓଡ଼ିଶାର ଆଶାକୁ ମହାନଦୀକୁ ଫିଙ୍ଗିଦେଇଥିଲେ। ଏହି ଯୋଡ଼ିଙ୍କ ସଫଳ ବ୍ୟାଟିଂ ଯୋଗୁଁ ଓଡ଼ିଶା ଆଉ ମ୍ୟାଚ୍ ଜିତିବା ଆଶା କରିପାରିବ ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ମିତେଶ ୧୩୯ ବଲ୍‌ରେ ୧୧ ଚୌକା ସହ ଠିକ୍ ୧୦୦ ଓ ରସିକ ୪୬ ବଲ୍‌ରୁ ୩ ଚୌକା ଓ ୨ ଚୌକା ସହ ୪୫ ରନ୍‌ରେ ଅପରାଜିତ ଅଛନ୍ତି। ଅଧିନାୟକ ଅତୀତ ସେଠଙ୍କ ବ୍ୟାଟ୍‌ରୁ ୨୮ ରନ୍ ମିଳିଛି।

ଏଭଳି ଏକ ଧୀମା ୱିକେଟରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ବରୋଦାର ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ଘରୋଇ ମାଟିରେ ଓଡ଼ିଶାର ବୋଲରମାନେ ସୁନ୍ଦର ବୋଲିଂ କରିଥିଲେ। କିନ୍ତୁ ୱିକେଟ ନେବାରେ ସେପରି ସଫଳତା ପାଇ ନ ଥିଲେ। ଘରୋଇ ଦଳର ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସ୍ପିନର ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବରୋଦାର ଜଣେ ଖେଳାଳି ଓପନର ଜ୍ୟୋତ୍ସ୍ନିଲ ସିଂ ରନ୍‌ଆଉଟ ହୋଇଥିଲେ।

### ସିକେ ନାଇଡୁ ଟ୍ରଫି

# ଆୟୁଷଙ୍କୁ ୮ ୱିକେଟ; ଓଡ଼ିଶାର ଦୃଢ଼ ଜବାବ

କଟକ,୧୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ୍ ଦଳକୁ କଡା ଜବାବ ଦେଇଛି ଭ୍ରମଣକାରୀ ଓଡ଼ିଶା ଦଳ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି ମ୍ୟାଚ୍ ଜାରି ରହିଛି। ଓଡ଼ିଶାର ପ୍ରଥମ ପାଳି ୧୫୯ରନରେ ସୀମିତ ରହିବା ପରେ ହାଇଦ୍ରାବାଦ୍ ୧୯୫ରନରେ ଅଲଆଉଟ ହୋଇଛି। ଓଡ଼ିଶାର ଆୟୁଷ ବାରିକ ୪୫ରନ ବିନିମୟରେ ୮ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୮୧ରନ କରିଛି।





ଗୁରୁବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଥିଲେ। ଓଡ଼ିଶାର ବାମହାତୀ ସ୍ପିନର ଆୟୁଷ ପ୍ରଥମ ଦିବସରେ ୨ଟି ୱିକେଟ ଦଖଲ କରିଥିଲେ। ଆଜି କ୍ରମାଗତ ଭାବେ ଆୟୁଷ ୱିକେଟ ଅକ୍ତିଆର କରି ଅପ୍ରତ୍ୟାଶିତ ଭାବେ ହାଇଦ୍ରାବାଦକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅମନ ୯୦ରନରେ ଆୟୁଷଙ୍କ ଶିକାର ହୋଇଥିଲେ। ୩୭ରନରେ ଦଳ ଶେଷ ୫ ୱିକେଟ ହରାଇଥିଲା। ୨ ୱିକେଟ ବିନିମୟରେ ୧୮୧ରନ ସଂଗ୍ରହ କରିଥିବା ଓଡ଼ିଶା ୧୪୫ରନର ଅଗ୍ରଣୀ ହାସଲ କରିଛି। ଓମ ଟି ମୁଣ୍ଡେ ୯୮ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧୭ରନରେ ଅପରାଜିତ ଅଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ଏବଂ ଓପନର ପାନକଲ ଶଶାଙ୍କ ଯଥାକ୍ରମେ ୨୬ରନ ଏବଂ ୩୫ରନରେ ଆଉଟ ହୋଇଛନ୍ତି। ଖେଳ ଆଉ ଦୁଇ ଦିନ ବାକି ଥିବା ଯୋଗୁଁ ମ୍ୟାଚ୍‌ର ଫଳାଫଳ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

### ବରିଷ୍ଠ ମହିଳା ଟି-୨୦

# ତ୍ରିପୁରାକୁ ହରାଇଲା ଓଡ଼ିଶା

କଟକ,୧୭।୧୦(ସମିସ): ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବରିଷ୍ଠ ମହିଳା ଟି-୨୦ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୯ ୱିକେଟରେ ତ୍ରିପୁରାକୁ ହରାଇଛି। କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଆସନ୍ତା ୧୯ ରେ ହରିୟାଣା ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୯୭ରନରେ ଅଲଆଉଟ ହୋଇଥିଲା। ଇନ୍ଦ୍ର ରାଣୀ ଜମାତିଆ ସର୍ବାଧିକ ୩୦ରନ କରିଥିଲେ। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ୱିକେଟ ପାଇଥିଲେ। ମାଧୁରୀ ମେହଟା(୪୦ରନ) ଓ ସରିତା ମେହର(୪୭ରନ) ଅପରାଜିତ ପାଳି ଖେଳି ଓଡ଼ିଶାକୁ ସହଜ ବିଜୟ ପ୍ରଦାନ କରିଛନ୍ତି।

# ବିନୁ ମଙ୍କଡ଼ ଟ୍ରଫି: ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

କଟକ, ୧୭।୧୦ (ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣାର ସେହବାଗ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଶେଷ ଲିଗ୍‌ରେ ଦଳ ୬ ୱିକେଟରେ ବରୋଦାକୁ ହରାଇଛି। ପ୍ରଥମ ଲିଗ୍‌ରେ ପରାଜୟ ସତ୍ତ୍ୱେ କ୍ରମାଗତ ୪ଟି ବିଜୟ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ



ରହିଛି। ଆସନ୍ତା ୨୫ ତାରିଖରେ ପ୍ରିକ୍ୱାର୍ଟର ମୁକାବିଲାରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୧୦୭ରନରେ ଅଲଆଉଟ ହୋଇଥିଲା। ହେଟ୍ ଜି ପଟେଲ ସର୍ବାଧିକ ୩୪ରନ କରିଥିବା ବେଳେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ଏବଂ ରୁଦ୍ର ପ୍ରସାଦ ମଲ୍ଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରୟାନ ପ୍ରନ୍ତିକ ସାମଲଙ୍କ ୩୪ରନ ଏବଂ ବିଶ୍ୱଜିତ ପ୍ରଧାନଙ୍କ ଅପରାଜିତ ୨୭ରନ ବଳରେ ଓଡ଼ିଶା ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।




| PRODUCTS | EX-SHOWROOM PRICE | GST BENEFITS |
|---|---|---|
| DESTINI PRIME | ~~₹80 904~~ ₹74 580# | ₹6 324 |
| PLEASURE+ | ~~₹76 773~~ ₹70 772# | ₹6 001 |

Book now for assured delivery on Dhanteras

+ INSTANT DISCOUNT UP TO ₹10 000^ HDFC BANK CREDIT CARDS FESTIVE TREATS Powered by pine labs + PER DAY EMI STARTING FROM ₹79$ | DOWN PAYMENT STARTING FROM ₹1 999$ | EXCLUSIVE CORPORATE OFFERS UP TO ₹2 200~

INDIA'S FIRST 5 YEAR WARRANTY* *Conditions apply

Hero GoodLife Stand a chance to win 100% Cashback | 24 Carat Gold Coin and many more assured benefits*

Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ~Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ^T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.

TOLL FREE 1800 266 0018

**Authorized Dealers:** **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Associate Dealers:** **Deogarh:** Jindal Motors - 9437056659, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Bamra:** Choudhury Motors - 9938274720, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **Rampur:** Aruna Automobiles - 8114331356.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS